ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-256 ♦BHUBANESWAR ♦MONDAY ♦11 MARCH 2024 ♦PAGE-16 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୫୬ ♦ଭୁବନେଶ୍ୱର ♦ସୋମବାର ♦୧୧ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

# ୧୫ ବିମାନବନ୍ଦର ପ୍ରକଳ୍ପର ଶୁଭାରମ୍ଭ କଲେ ମୋଦୀ

■ **ଆଜମଗଡ଼, ୧୦।୩ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏଠାରେ ପହଞ୍ଚିବା ପରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ବିଭିନ୍ନ ସହରରେ ଥିବା ବିମାନବନ୍ଦରର ୧୨ଟି ନୂଆ ଟର୍ମିନାଲ ସୌଧ ଉଦଘାଟନ କିଛନ୍ତି ଓ ଅନ୍ୟ ୩ଟି ଟର୍ମିନାଲ ସୌଧର ଶିଳାନ୍ୟାସ କରିଛନ୍ତି। ଏହି ୧୫ଟି ବିମାନବନ୍ଦର ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ୯୮୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପୁନେ, କୋହ୍ଲାପୁର, ଗୋଆଲିୟର, ଜବଲପୁର, ଦିଲ୍ଲୀ, ଲକ୍ଷ୍ନୌ, ଆଲିଗଡ଼,ଆଜମଗଡ଼, ଚିତ୍ରକୂଟ,ମୋରାଦାବାଦ,ଶ୍ରାବସ୍ତୀ, ଆଦାମପୁର ଏହି ୧୨ ସହରର ବିମାନବନ୍ଦରରେ ନୂଆ ଟର୍ମିନାଲ ସୌଧ ଆଜି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ବେଳେ କାଡ଼ାପା, ହୁବଲୀ ଓ ବେଲାଗାଭି ବିମାନବନ୍ଦରର ନୂଆ ଟର୍ମିନାଲ ସୌଧର ଶିଳାନ୍ୟାସ କରାଯାଇଛି। ଲୋକାର୍ପିତ ହୋଇଥିବା ୧୨ ଅତ୍ୟାଧୁନିକ ନୂଆ ଟର୍ମିନାଲ ବର୍ଷକୁ ମୋଟ ୬କୋଟି ୨୦ଲକ୍ଷ ଯାତ୍ରୀଙ୍କୁ ସୁଖପ୍ରଦ ତଥା ଆରାମଦାୟକ ବିମାନଯାତ୍ରାର ଅନୁଭବ ଦେବ। ନୂଆ ଟର୍ମିନାଲ ସୌଧଗୁଡ଼ିକରେ ଇନସୁଲେଟେଡ ରୁଫିଙ୍ଗ୍ ସିଷ୍ଟମ୍, ଶକ୍ତିସାଶ୍ରୟ କାନୋପି ଓ ଏଲଇଡି ଲାଇଟିଂ ଭଳି ବୈଶିଷ୍ଟ୍ୟ ରହିଥିବା ବେଳେ ସ୍ଥାନୀୟ ଏତିହ୍ୟ ଓ ସଂସ୍କୃତିର ଅନୁପ୍ରେରଣାରେ ଏହାର ଡିଜାଇନ୍ କରାଯାଇଛି।





ଦଣ୍ଡପତିଙ୍କୁ ଡବଲ୍ ସ୍ୱର୍ଣ୍ଣ
▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-256 ◆BHUBANESWAR ◆MONDAY ◆11 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୬ ◆ଭୁବନେଶ୍ୱର ◆ସୋମବାର ◆୧୧ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦



DSPL-823

## ଉଦ୍‌ଘାଟନ

ହରିଶଙ୍କର ମନ୍ଦିର ଉନ୍ନତିକରଣ,
ବଲାଙ୍ଗିର

୩ କି.ମି. ବିଶିଷ୍ଟ ଓଡ଼ିଶାର
ଦୀର୍ଘତମ ଫ୍ଲାଏ-ଓଭର, ଯୋଡ଼ା, କେନ୍ଦୁଝର

୭୬୨ ମିଟର ଦୈର୍ଘ୍ୟବିଶିଷ୍ଟ ରେଳ ଓଭର-ବ୍ରିଜ
କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ବୌଦ୍ଧ ଜିଲ୍ଲାର
ଆଠମଲ୍ଲିକ-ଧଳପୁର ରାସ୍ତାରେ ମହାନଦୀ ଉପରେ
ଓଡ଼ିଶାର ଦୀର୍ଘତମ ସେତୁ (୩ କିଲୋମିଟର)
ରାକଡୋର – ଫସାଦ ରାସ୍ତାରେ
ତେଲ ନଦୀ ଉପରେ ସେତୁ (୬୨୧ ମିଟର)
ବୌଦ୍ଧ - ମର୍ଯ୍ୟାକୁଦ ସଂଯୋଗୀକରଣ
ରାସ୍ତାରେ ମହାନଦୀ ଉପରେ ସେତୁ (୯୩୮ ମିଟର)

## ଭିତ୍ତିପ୍ରସ୍ତର ସ୍ଥାପନ

ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ପୀଠ
ଉନ୍ନତିକରଣ, ନେମାଳ, କଟକ

ମା' ଉଗ୍ରତାରା ଶକ୍ତିପୀଠ ଉନ୍ନତିକରଣ,
ଖୋର୍ଦ୍ଧା

ବୌଦ୍ଧ ଜିଲ୍ଲାର ବାଉଁଶୁଣୀ – ବୀରମହାରାଜପୁର
ସଂଯୋଗୀକରଣ ରାସ୍ତାରେ ମହାନଦୀ
ଉପରେ ସେତୁ (୧୭୩୮ ମିଟର)



ମୁଖ୍ୟ ଅତିଥି
## ଶ୍ରୀ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧୧ ମାର୍ଚ୍ଚ ୨୦୨୪ || ପୂର୍ବାହ୍ନ ୧୧.୩୦


ଯୋଡ଼ା ଫ୍ଲାଏ-ଓଭର


ହରିଶଙ୍କର ମନ୍ଦିର


ଆଠମଲ୍ଲିକ-ଧଳପୁର ଦୀର୍ଘତମ ସେତୁ


କୁଦିଆରୀ ରେଳ ଓଭର-ବ୍ରିଜ


ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ଗାଦୀ ଓ ପୀଠ


ମା ଉଗ୍ରତାରା ଶକ୍ତିପୀଠ

ନିର୍ମାଣ ବିଭାଗ, ଓଡ଼ିଶା ସରକାର

OIPR-34174/13/0010/2324

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-256 ♦BHUBANESWAR ♦MONDAY ♦11 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୬ ♦ଭୁବନେଶ୍ୱର ♦ସୋମବାର ♦୧୧ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

## ସଂଘବଦ୍ଧ ଆକ୍ରମଣରେ ଜଣେ ଆହତ

■ **ରଙ୍ଗେଇଲୁଣ୍ଡା,୧୦।୩(ସମିସ):** ରବିବାର ଗୋଳନ୍ଥରା ଥାନା ଅନ୍ତର୍ଗତ ପାନାପୁଲୀ ନିକଟରେ ଗ୍ରାମର ଭଦ୍ର ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ପାନାପୁଲ୍ଲୀ ଗ୍ରାମ ଜୟ ଜଗନ୍ନାଥ ରେଡ୍ଡି ରବିବାର ସକାଳେ ବାଇକରେ ତୁଳୁରୁ ଗ୍ରାମକୁ ଆସୁଥିବା ସମୟରେ ଉକ୍ତ ଗ୍ରାମର ନୀଳାମ୍ବର ଓ ତାଙ୍କ ଭାଇଁ ମିଶି ରାସ୍ତା ମଝିରେ ଅଟକକାଇ ଲୁହା ରଡ଼ ଓ ହାମରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ସେ ରକ୍ତାକ୍ତ ହୋଇଥିଲେ। ଜୟ ଚିତ୍କାର କରିବା ପରେ ଘଟଣାସ୍ଥଳରୁ ନୀଳାମ୍ବର ଓ ତାଙ୍କ ଭାଇଁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକ ଓ ପରିବାର ଲୋକ ଆହତ ଜୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଏନେଇ ଗୋଳନ୍ଥରା ଥାନାରେ ଅପରାହ୍ନରେ ପରିବାର ଲୋକ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନ ୧୦୩/୨୪ ପ୍ରକାରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

### ବ୍ଲକ୍ ଗ୍ରାଣ୍ଟ ଓ ଅନୁଦାନପ୍ରାପ୍ତ ସ୍କୁଲ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପହାର

# ଏକ୍ସଗ୍ରାସିଆ ବଢ଼ିଲା ୧୫୦%

■ **ଭୁବନେଶ୍ୱର, ୧୦।୩ (ସମିସ):** ବ୍ଲକ୍ ଗ୍ରାଣ୍ଟ ଓ ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅଣ ଶିକ୍ଷା କର୍ମଚାରୀଙ୍କ ପାଇଁ ହାତ ଖୋଲି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟ କରୁଥିବା ଶିକ୍ଷକ ଓ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ବା ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ଏକ୍ସଗ୍ରାସିଆ ୧୫୦% ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ । ସେହିପରି ଅବସର ସମୟରେ ଶିକ୍ଷକ ଓ ଅଣ ଶିକ୍ଷା କର୍ମଚାରୀଙ୍କୁ ଯଥାକ୍ରମେ ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କା ଏକକାଳୀନ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଅନୁଯାୟୀ ୧୭,୫୦୦ କର୍ମଚାରୀ ଉପକୃତ ହେବେ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଏଣିକି ବ୍ଲକ ଗ୍ରାଣ୍ଟ ସ୍କୁଲର କର୍ମଚାରୀମାନେ ବାର୍ଷିକ ୧୫ଦିନ ସାମୟିକ ଛୁଟି ପାଇବେ। ଏହା ସହ ମହିଳା କର୍ମଚାରୀମାନଙ୍କୁ ମାତୃତ୍ୱକାଳୀନ ୧୮୦ ଦିନ ଛୁଟି ପ୍ରଦାନ କରାଯିବ। ଦୁଇଟି ଜୀବିତ ସନ୍ତାନ ଜନ୍ମ ଦେବା ପର୍ଯ୍ୟନ୍ତ ଏହି ମାତୃତ୍ୱ ଛୁଟି ଦିଆଯିବ। ବ୍ଲକ ଗ୍ରାଣ୍ଟ ପାଇବା ଦିନ ଠାରୁ ୧୬ ବର୍ଷ ପରେ, ଅନୁଦାନ ପ୍ରାପ୍ତ ଶିକ୍ଷକଙ୍କୁ ଉଚ୍ଚତର ବେତନ ହାରସ୍ତରରେ ଏକ ପ୍ଲେସ୍‌ମେଣ୍ଟ ଷ୍କେଲ୍ ସୁବିଧା ପ୍ରଦାନ କରାଯିବ। ସେବା ସମୟରେ ମୃତ୍ୟୁବରଣ କିମ୍ବା ସ୍ଥାୟୀ ଅକ୍ଷମତା ପାଇଁ ଅନୁକମ୍ପାମୂଳକ ସହାୟତା ରାଶି(ଏକ୍ସ-ଗ୍ରାସିଆ) ଶିକ୍ଷକମାନଙ୍କ ପାଇଁ ୨ ଲକ୍ଷରୁ ବୃଦ୍ଧି କରି ୫ଲକ୍ଷ ଟଙ୍କା ଏବଂ ଅଣଶିକ୍ଷକମାନଙ୍କ ପାଇଁ ୧.୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରି ୩.୫୦ ଲକ୍ଷ ଟଙ୍କା କରାଯାଇଛି।

ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ବ୍ଲକ ଗ୍ରାଣ୍ଟ କର୍ମଚାରୀମାନେ ୬୦ ବର୍ଷରେ ସେବାରୁ ନିବୃତ୍ତି ସମୟରେ ଏକକାଳୀନ ରାଶି ପ୍ରଦାନ କରିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଅବସର ସମୟରେ ଶିକ୍ଷକଙ୍କୁ ୧୦ ଲକ୍ଷ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ୫ ଲକ୍ଷ ଟଙ୍କା ଏକକାଳୀନ ପ୍ରଦାନ କରିଯିବ।

'୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ବ୍ଲକ ଗ୍ରାଣ୍ଟ କର୍ମଚାରୀ ଓ ସେମାନଙ୍କ ସଂଘ ପକ୍ଷରୁ ଏ ବିଷୟରେ ପ୍ରସ୍ତାବ ଦିଆଯାଇଥିଲା। ଶ୍ରୀ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବ ବିଷୟରେ ନିଷ୍ପତ୍ତି ନେଇଛନ୍ତି।

- ଶିକ୍ଷକଙ୍କୁ ଅବସର ସମୟରେ ୧୦ ଲକ୍ଷ ଟଙ୍କା ସେବାନିବୃତ୍ତ ରାଶି
- ଅଣ ଶିକ୍ଷକ କର୍ମଚାରୀଙ୍କୁ ଅବସର ବେଳେ ଏକକାଳୀନ ୫ ଲକ୍ଷ
- ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀଙ୍କୁ ବାର୍ଷିକ ୧୫ ଦିନ ସାମୟିକ ଛୁଟି
- ମହିଳା ଶିକ୍ଷକ ଓ କର୍ମଚାରୀ ପାଇବେ ୧୮୦ ଦିନ ମାତୃତ୍ୱ ଛୁଟି
- ୫ ଲକ୍ଷ ଟଙ୍କା ଯାଏ ମୃତ୍ୟୁ ଓ ସ୍ଥାୟୀ ଅକ୍ଷମତା ଅନୁକମ୍ପା ରାଶି
- ଉପକୃତ ହେବେ ପ୍ରାୟ ୧୭,୫୦୦ ବ୍ଲକଗ୍ରାଣ୍ଟ ସ୍କୁଲରକର୍ମଚାରୀ
- '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲାଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ

### ସାମୟିକ ଓ ପ୍ରସବକାଳୀନ ଛୁଟି

**ଉପକୃତ ହେବେ ଅନୁଦାନପ୍ରାପ୍ତ ସ୍କୁଲର ୩୩,୪୨୦ କର୍ମଚାରୀ**

**ଭୁବନେଶ୍ୱର,୧୦।୩(ସମିସ):** ରାଜ୍ୟର ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କୁ ବାର୍ଷିକ ୧୫ ଦିନ ସାମୟିକ ଛୁଟି ପ୍ରଦାନ କରିବାକୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାସହ ମହିଳା କର୍ମଚାରୀଙ୍କୁ ବେତନ ସହିତ ପ୍ରସୂତିକାଳୀନ ଛୁଟି ପ୍ରଦାନ କରିବା ପାଇଁ ସେ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୨୫୬୦ ଉଚ୍ଚ ବିଦ୍ୟାଳୟ, ୯୪୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୩୯ ସଂସ୍କୃତ ଟୋଲ ଏବଂ ୧୩୮ ମଦ୍ରାସାରେ କାର୍ଯ୍ୟରତ ପ୍ରାୟ ୩୩,୪୨୦ ଜଣ ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ।

**ଥମୁନି ମେଣ୍ଟ ଚର୍ଚ୍ଚା**

# ରାଜ୍ୟ ବିଜେପି ନେତାଙ୍କୁ ଦିଲ୍ଲୀ ଡକରା

## ପ୍ରଭାରୀଙ୍କ ସହ ଦିଲ୍ଲୀ ଗଲେ ମନ-ମାନସ

■ **ଭୁବନେଶ୍ୱର, ୧୦।୩ (ସମିସ):** ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ସମ୍ଭାବ୍ୟ ରାଜନୈତିକ ମେଣ୍ଟ ପ୍ରସଙ୍ଗ ଥମୁନାହିଁ। ଗତକାଲି ରାଜନୀତିରେ 'ମିଛ ଓ ଗୁଜବ' ସଂକ୍ରାନ୍ତ ମୁଖ୍ୟମନ୍ତ୍ରୀଙ୍କ ୧୩ ସେକେଣ୍ଡର ଭିଡ଼ିଓ ରାଜ୍ୟର ରାଜନୈତିକ ମହଲରେ ହଲଚଲ୍ ସୃଷ୍ଟି କରିଛି। ଗତକାଲି ମଧ୍ୟାହ୍ନରେ ଦଳର ଆଶାୟୀ ପ୍ରାର୍ଥୀଙ୍କ ସହ ବୈଠକ; ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରଭାରୀ ଓ ସହ ପ୍ରଭାରୀଙ୍କ ଉପସ୍ଥିତିରେ ରାଜ୍ୟ ବିଜେପିର କିଛି ବରିଷ୍ଠ ନେତାଙ୍କ କବାଟକିଳା ଆଲୋଚନା ଓ ଆଜି ଅପରାହ୍ନରେ ରାଜ୍ୟ ସଭାପତି, ସାଙ୍ଗଠନିକ ସମ୍ପାଦକଙ୍କୁ ଦିଲ୍ଲୀ ଡ଼କରା ମେଣ୍ଟ ଚର୍ଚ୍ଚାକୁ ଆହୁରି ଉଷୁମ କରିଛି । ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡିଙ୍କ ସହ ସଭାପତି ମନମୋହନ ସାମଲ, ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି ରବିବାର ବିଳମ୍ବିତ ଅପରାହ୍ନରେ ଦିଲ୍ଲୀ ଯାତ୍ରା କରିଛନ୍ତି। ଗତ ୫ ଦିନ ମଧ୍ୟରେ ରାଜ୍ୟ ବିଜେପି ନେତାଙ୍କୁ ଦ୍ୱିତୀୟବାର ଦିଲ୍ଲୀ ଡ଼କାଯିବାକୁ ନେଇ ରାଜନୈତିକ ଉତ୍ସୁକତା ବୃଦ୍ଧି କରିଛି। ରାଜ୍ୟରେ ବିଜେଡି ସହ ସମ୍ଭାବ୍ୟ ମେଣ୍ଟକୁ ଅସ୍ୱୀକାର କରିଥିବା ବିଜେପି ସଭାପତି ଶ୍ରୀ ସାମଲଙ୍କୁ ଦିଲ୍ଲୀ ଡ଼କରା ବେଶ୍ ଗୁରୁତ୍ୱ ବହନ କରୁଛି ବୋଲି ରାଜନୈତିକ ମହଲରେ ଆଲୋଚନା ଚାଲିଛି। ଏପରିକି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁଦ୍ଧା ରାଜ୍ୟରେ ସମ୍ଭାବ୍ୟ ମେଣ୍ଟ ନେଇ ଚିତ୍ର ସ୍ପଷ୍ଟ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

ଅପରପକ୍ଷେ ରାଜ୍ୟରେ ମେଣ୍ଟ ହେବ ନାହିଁ ବୋଲି ବାରମ୍ବାର କହି ଆସୁଥିବା ମନମୋହନ ନରମ ପଡ଼ିଥିବା ଦେଖାଯାଉଛି। ଦିଲ୍ଲୀ ଯିବା ପୂର୍ବରୁ ସେ ବିମାନବନ୍ଦରରେ ▶ପୃଷ୍ଠା-୯

**ଶୀର୍ଷ ନେତୃତ୍ୱ ନେବେ ଓଡ଼ିଶା ପାଇଁ ନିଷ୍ପତ୍ତି**

**ମେଣ୍ଟ କଥା ସେ କହିବା ଠିକ୍ ନୁହେଁ: ମନମୋହନ**

### ଦ୍ୱୈତନଗରୀର ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ପ୍ରଦାନ କଲେ '୫-ଟି' ଅଧ୍ୟକ୍ଷ

# ୧୩୪୭୪ ଛାତ୍ରଛାତ୍ରୀଙ୍କୁ ୧୩.୩୯ କୋଟି ବୃତ୍ତି

■ **ଭୁବନେଶ୍ୱର, ୧୦।୩ (ସମିସ):** ଭୁବନେଶ୍ୱର ଓ କଟକର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଶ୍ରୀ ପାଣ୍ଡିଆନ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ, ଜେକେବିକେ କଲେଜ, ଶୈଳବାଳା ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱରର ଏକାମ୍ର ମହାବିଦ୍ୟାଳୟ, କମଳା ନେହେରୁ ମହିଳା ମହାବିଦ୍ୟାଳୟ, ମହର୍ଷି କଲେଜ ଅଫ୍ ନେଚୁରାଲ ଲ' ଓ ରାଜଧାନୀ ମହାବିଦ୍ୟାଳୟରେ ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି। କଟକରେ ୮୬୧୧ ଓ ଭୁବନେଶ୍ୱରରେ ୫୩୫୮ ଜଣ ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୮.୧୩ କୋଟି ଓ ୫.୨୬ କୋଟି ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଛି।

ଏହି ଅବସରରେ ଶ୍ରୀ ପାଣ୍ଡିଆନ 'ନୂଆ-ଓ' ଛାତ୍ରବୃତ୍ତି ଓ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ▶ପୃଷ୍ଠା-୯






# ଝିଅ ଭିନ୍ନ ଜାତିରେ ବାହା ହେବାରୁ ବିଷ ପିଇଦେଲେ ବୃଦ୍ଧ ଦମ୍ପତି

**ବଡ଼ମ୍ବା/ରଡ଼ାପାଟ, ୧୦।୩ (ସମିସ):** ଝିଅ ଭିନ୍ନ ଜାତିରେ ବିବାହ କରିବାରୁ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ବୃଦ୍ଧ ଦମ୍ପତି। ଏମିତି ଏକ ଅଭାବନୀୟ ଘଟଣା ଘଟିଛି, ବଡ଼ମ୍ବା ବ୍ଲକ୍ ତଥା ମାଣିଆବନ୍ଧ ଥାନା ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମ ସଡ଼କସାହିରେ। ମୃତ ଦମ୍ପତି ହେଲେ, ଗ୍ରାମର ନିତ୍ୟାନନ୍ଦ ମହାପାତ୍ର (୬୪) ଏବଂ ତାଙ୍କ ପତ୍ନୀ ଶାନ୍ତିଲତା ମହାପାତ୍ର (୫୪)। ଝିଅ ସଂଯୁକ୍ତା ଭିନ୍ନ ଜାତିର ପୁଅକୁ ଭଲ ପାଇ ନିକଟରେ ବିବାହ କରିଥିବାରୁ ପରିବାରରେ କଳହ ଲାଗି ରହିଥିଲା। ଶନିବାର ଉଭୟ ସ୍ୱାମୀ ଓ ସ୍ତ୍ରୀ ମିଶି ତାଙ୍କ ଝିଅ ଘରକୁ ବୁଲିବାକୁ ଯାଇ ଫେରିଲା ପରେ କଳହ ଅଧିକ ହୋଇଥିଲା। ଏହି ଘଟଣାକୁ ନେଇ ମାନସିକ ଚାପରେ ଥିବା ଉଭୟ ସ୍ୱାମୀ ସ୍ତ୍ରୀ ଶନିବାର ବିଳମ୍ବିତ ରାତିରେ ଘରେ ଥିବା ସୁତାରଙ୍ଗରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ ଖାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଘଟଣାର ପୂର୍ବଦିନ ଶନିବାର ସକାଳୁ ମୃତ ନିତ୍ୟାନନ୍ଦଙ୍କ ବଡ଼ ପୁଅ ପ୍ରଶାନ୍ତ ସ୍ୱପତ୍ନୀଙ୍କ ସହ ଆନ୍ଧ୍ରପ୍ରଦେଶ ବିଜୟୱାଡ଼ା ଚାଲିଯାଇଥିଲା ବେଳେ ସାନ ପୁଅ ସୁମନ୍ତ ଏକ ପରୀକ୍ଷା ଦେବା ପାଇଁ ଭୁବନେଶ୍ୱର ଯାଇଥିଲେ। ସକାଳୁ ବାପା ମାଙ୍କ ମୃତ ଖବର ପାଇ ସୁମନ୍ତ ରବିବାର ଦିନ ମାଣିଆବନ୍ଧ ପହଞ୍ଚିଥିଲେ। ସୁମନ୍ତ ଘଟଣା ସମ୍ପର୍କରେ ମାଣିଆବନ୍ଧ ଥାନାରେ ଲିଖିତ ଅଭିଯୋଗ କରିଲା ପରେ ପୁଲିସ ଏକ ଅପମୃତ ମାମଲା ନଂ ୭/୨୪ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ପୁଲିସ ଅନୁସନ୍ଧାନ ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତର କରଣ କହିହେବ ବୋଲି ଥାନାଧିକାରିଣୀ କାଦମ୍ବିନୀ ପରିଡ଼ା କହିଛନ୍ତି। ଗ୍ରାମ ଶ୍ମଶାନରେ ଗୋଟିଏ ଜୁଇରେ ସ୍ୱାମୀ ସ୍ତ୍ରୀଙ୍କ ଅନ୍ତିମ ସଂସ୍କାର କରାଯାଇଛି।


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-256 ◆BHUBANESWAR ◆MONDAY ◆11 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୬ ◆ଭୁବନେଶ୍ୱର ◆ସୋମବାର ◆୧୧ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦







# ୪୫୦୦ କୋଟିରେ ଏମ୍ସ ପ୍ଲସ୍ ହେବ ଏସ୍‌ସିବି

## ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ୫-ଟି ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ





**ଭୁବନେଶ୍ୱର, ୧୦।୩ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆଜି ସକାଳେ ଏସ୍‌ସିବି ମେଡିକାଲ କଲେଜର ସମ୍ପ୍ରସାରଣ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଛନ୍ତି। ଏହି ପ୍ରକଳ୍ପ ନିର୍ଦ୍ଧାରିତ ସମୟ ଭିତରେ ଶେଷ କରିବା ଲାଗି ଶ୍ରୀ ପାଣ୍ଡିଆନ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ସିବି ମେଡିକାଲ କଲେଜକୁ ଏମ୍ସ ପ୍ଲସ୍‌ରେ ରୂପାନ୍ତରିତ କରିବା ଲାଗି ଚାଲୁ ରହିଥିବା ପ୍ରକଳ୍ପରେ ସରକାର ୪୫୦୦ କୋଟି ଟଙ୍କା ବିନିଯୋଗ କରୁଛନ୍ତି। ଏହି ପ୍ରକଳ୍ପରେ ଆବାସିକ ଅଞ୍ଚଳ ସମେତ ୨୦୫୮ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ ଅନ୍ତର୍ଭୁକ୍ତ। ଆଜି ଗସ୍ତ ସମୟରେ ଶ୍ରୀ ପାଣ୍ଡିଆନ୍ ବିଭାଗୀୟ ଅଧିକାରୀମାନଙ୍କ ସହ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ନିର୍ମାଣ କାର୍ଯ୍ୟରେ ଯେପରି ଗୁଣବତ୍ତା ସୁନିଶ୍ଚିତ କରାଯିବ, ତାହା ଉପରେ ଦୃଷ୍ଟି ଦେବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କାମ ତ୍ୱରାନ୍ୱିତ କରିବା ଲାଗି ଅଧିକ ମାନବସମ୍ବଳ ନିୟୋଜନ କରିବା ଉପରେ ଶ୍ରୀ ପାଣ୍ଡିଆନ୍ ଗୁରୁତ୍ୱାରୋପ କରିଥିଲେ।

ସୂଚନାଯୋଗ୍ୟ ଯେ ରାଜ୍ୟର ପ୍ରମୁଖ ମେଡିକାଲ କଲେଜ ଓ ହସ୍ପିଟାଲ ଏସ୍‌ସିବିରେ ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା ଓ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ସମ୍ପ୍ରସାରଣ କରି ଏମ୍ସ ପ୍ଲସ୍‌ରେ ରୂପାନ୍ତରିତ କରିବା ଲାଗି ରାଜ୍ୟ ସରକାର କାମ ଆରମ୍ଭ କରିଛନ୍ତି। ଏହି ପ୍ରକଳ୍ପରେ ଡାକ୍ତର, କର୍ମଚାରୀ, ରୋଗୀ, ରୋଗୀ ସମ୍ପର୍କୀୟ ଆଦି ସମସ୍ତଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ କରାଯାଉଛି। ବିଶେଷକରି ରୋଗୀମାନଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଦୁଇଟି ପର୍ଯ୍ୟାୟରେ ୧୭୫ଏକର ଜମିରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ ରୋଗୀଙ୍କ ପାଇଁ ୩୫୦୦ ଶଯ୍ୟା ଉପଲବ୍ଧ ହେବ ଏବଂ ପରେ ଏହା ୫୦୦୦କୁ ବୃଦ୍ଧି ପାଇବ।

## ଟାର୍ଗେଟ୍‌ରେ ବିଜିଏନ ମାଓ ସଙ୍ଗଠନ

# ସ୍ତ୍ରୀ ଇନ୍ଦୁ ସହ ଖସି ପଳାଇଲା ମାଓ ନେତା ନିଖିଲ

**ଫୁଲବାଣୀ, ୧୦।୩(ସମିସ):** ସୁରକ୍ଷା କର୍ମୀ ଓ ମାଓବାଦୀ ଗୁଳିବିନିମୟ। ଅସ୍ତ୍ରଶସ୍ତ୍ର ସହ ବହୁ ମାଓ ସାମଗ୍ରୀ ଜବତ ହୋଇଥିବା ବେଳେ ବିଜିଏନର ମାଓ କ୍ୟାମ୍ପ ଧ୍ୱଂସ କରିଛନ୍ତି ଯବାନ। ତେବେ ଉକ୍ତ କ୍ୟାମ୍ପରେ ୨୦ରୁ ୨୫ ଜଣ ମାଓବାଦୀ ଥିବାବେଳେ ଟପ ମାଓ ନେତା ନିଖିଲ ଖସି ପଳାଇଥିବା ସୂଚନା ଦେଇଛନ୍ତି କନ୍ଧମାଳ ଏସପି।

ସୂଚନା ପ୍ରକାରେ କନ୍ଧମାଳ ଜିଲା କୋଟଗଡ଼ ଥାନା ଅନ୍ତର୍ଗତ ଦୁର୍ଗାପଙ୍ଗା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ କମ୍ବିଂ ଅପରେସନ ବେଳେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ୧୫ ମିନିଟରୁ ଅଧିକ ସମୟଧରି ଗୁଳି ବିନିମୟ ହୋଇଥିଲା। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ପରେ ସର୍ଚ୍ଚ ଅପରେସନ ବେଳେ ଏକ ମାଓବାଦୀ କ୍ୟାମ୍ପ ଠାବ କରି ଧ୍ୱଂସ କରିଥିଲେ ଯବାନ। ଏହି କ୍ୟାମ୍ପରୁ ବାସଧାରା ଘୁମୁସର ନାଗାବଳି (ବିଜିଏନ) ଡିଭିଜନର ଡିସିଏସ ନିଖିଲି ଖସି ଯାଇଥିବା କନ୍ଧମାଳ ଏସପି ଶୁଭେନ୍ଦୁ କୁମାର ପାତ୍ର ପ୍ରକାଶ କରିଛନ୍ତି। ତେବେ ନିଖିଲର ସ୍ତ୍ରୀ ମାଓ ନେତ୍ରୀ ଅଙ୍କିତା ଓଫ ଇନ୍ଦୁ। ଖସିଯାଇଥିବା ସକ୍ଷମ ହୋଇଥିବା ବେଳେ କ୍ୟାମ୍ପରୁ ଅତ୍ୟାଧୁନିକ ହାତ ତିଆରି ୭ ଟି ଗ୍ରେନେଡ଼ ସହ ବ୍ଲାଷ୍ଟିଙ୍ଗ ମେସିନ, ଜିଲୋଟିନ ସହ ଅନ୍ୟାନ ମାଓ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଏହି ୭ଟି ଗ୍ରେନଡ ଉନ୍ନତ ଧରଣର ହୋଇଥିବା ଯୋଗୁଁ ଏହାକୁ ଅକାମୀ ନକରି ବ୍ଲାଷ୍ଟ କରାଯିବ



ବୋଲି ଏସପି ପ୍ରକାଶ କରିଛନ୍ତି। ତେବେ ଠାବ ହୋଇଥିବା ମାଓ କ୍ୟାମ୍ପକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ଦିଆଯାଇଛି। ପୂର୍ବରୁ କେକେବିଏନ ମାଓ ସଂଗଠନର ଟପ ନେତା ଦାସୁର ପୁଲିସ ଗୁଳିରେ ନିହତ ହେବା ପରେ କେକେବିଏନ ସଂଗଠନ ଏକ ପ୍ରକାର ଦୁର୍ବଳ ହୋଇଥିବା ପରିଲକ୍ଷିତ ହେଉଛି। ତେବେ ପୁଣି ଜିଲା ପୁଲିସ ଟାର୍ଗେଟରେ ବିଜିଏନ ନେତା ନିଖିଲ ରହିଛି।

# ବଡ଼ ଭାଇର ମାଡ଼ରେ ସାନ ଭାଇ ମୃତ

**ବାସୁଦେବପୁର, ୧୦।୩ (ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକାର ଶୁକଦେବପୁର ଗ୍ରାମର ବଡ଼ ଭାଇର ମାଡ଼ରେ ସାନ ଭାଇର ମୃତ୍ୟୁ ହୋଇଯାଇଛି। ଗତ ଶନିବାର ରାତିରେ ସ୍ଥାନୀୟ ଗ୍ରାମର ମହେଶ୍ୱର ବେହେରା ଓ ତାଙ୍କ ଭାଇଙ୍କ ମଧ୍ୟରେ କୌଣସି ଘଟଣାକୁ କେନ୍ଦ୍ର କରି ବଚସା ପରେ ଧସ୍ତାଧସ୍ତି ଗଣ୍ଡଗୋଳର ରୂପ ନେଇଥିଲା। ଫଳରେ ସାନଭାଇ ଉପରେ ମହେଶ୍ୱର ପରିବାର ଲୋକେ ମାଡ଼ ମାରିଥିଲେ। କିଛି ସମୟ ମଧ୍ୟରେ ଏହି ଗଣ୍ଡଗୋଳ ଶାନ୍ତ ପଡ଼ିବା ପରେ ସାନ ଭାଇ ଘରକୁ ପଳାଇ ଯାଇଥିଲେ। ହେଲେ ସେଠାରେ ଏହି ଘଟଣାକୁ ନେଇ ଭାଙ୍ଗି ପଡ଼ିବା ସହ ଘର ଅଗଣାରେ ବସିଥିବା ଅବସ୍ଥାରେ ଚଟାଣରେ ଲୋଟି ପଡ଼ିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ବାସୁଦେବପୁର ଡାକ୍ତରଖାନାକୁ ନେଇ ଆସିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଥିଲେ। ହେଲେ ଏହି ଘଟଣାକୁ ନେଇ ସାନ ଭାଇର ସ୍ତ୍ରୀ ସ୍ଥାନୀୟ ବାସୁଦେବପୁର ଥାନାରେ ମାଡ ମାରି ମାରି ଦେଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ପ୍ରାଥମିକ ତଦନ୍ତ କରି ଏକ ମାମଲା ରୁଜୁ କରିଥିବା ସୂଚନା ରହିଛି।

# ଟିଟିଲାଗଡ଼ ଉପକାରାଗାରରୁ ଦୁଇ କଏଦୀ ଚମ୍ପଟ୍

**ବଲାଙ୍ଗିର/ଟିଟିଲାଗଡ଼,୧୦।୩(ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପକାରାଗାରରୁ ଦୁଇ ବିଚାରାଧୀନ କଏଦୀ ଚମ୍ପଟ ମାରିଛନ୍ତି। ଦୁଇଜଣ ଯାକ ହତ୍ୟା ମାମଲାର ଅଭିଯୁକ୍ତ। ସେମାନେ ହେଲେ, ଶୋଭାବନ ରଣା ଓ ସୁମିତ ବିହାରୀ। ଶନିବାର ରାତିରେ ପାଚେରି ଡେଇଁ ଦୁହେଁ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଜେଲର୍ ଚୈତନ୍ୟ ପ୍ରଧାନ ଟିଟିଲାଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ଜେଲର୍‌ଙ୍କ ଅବହେଳା ଯୋଗୁଁ ଏପରି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଶୋଭାବନ ୨୦୧୮ ରେ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲା। ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଅଞ୍ଚଳରେ ଗୁଣିଗାରେଡ଼ି କରିବା ପାଇଁ ଜଣେ ନାବାଳିକାକୁ ହତ୍ୟାକରି ବଳିଦେବା ପରେ ଜଙ୍ଗଲରେ ମୃତଦେହ ଫିଙ୍ଗି ଦେଇଥିଲା। ଏହାପୂର୍ବରୁ ମଧ୍ୟ ସେ ସମାନ ଅଭିଯୋଗରେ ଗିରଫ ହୋଇଥିବା ବେଳେ ୨୦୧୮ ପରଠାରୁ ସେ ଟିଟିଲାଗଡ଼ ଜେଲ୍‌ରେ ରହିଥିଲା। ସେହିପରି ସୁମିତ ବିହାରୀ ମଧ୍ୟ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲା। କେସିଙ୍ଗାରେ ଏକ ଶିଶୁକୁ ହତ୍ୟା କରି ଡାକ୍ତରଖାନା ପରିସରରେ ଥିବା କୂଅରେ ଫିଙ୍ଗିଦେଇ ଗିରଫ ହୋଇଥିଲା। ସେ ମଧ୍ୟ ସେହିଦିନଠାରୁ ଟିଟିଲାଗଡ଼ ଜେଲ୍‌ରେ ରହିଆସୁଥିଲା। ତେବେ ଏହି ଫେରାର ଘଟଣାରେ ଜେଲର ଶ୍ରୀ ପଧାନଙ୍କ ବୟାନ ଆହୁରି ବିବାଦୀୟ କରିଛି। ଜେଲର୍‌ଙ୍କ କହିବାନୁସାରେ, ଜେଲ ଭିତରେ ଉଭୟ କମ୍ପ୍ୟୁଟର କାମ କରୁଥିଲେ। ବଳି ଘଟଣାର ଅଭିଯୁକ୍ତ ଶୋଭାବନ ପାଠଶାଠ ପଢ଼ିନଥିବା ସତ୍ତ୍ୱେ କମ୍ପ୍ୟୁଟର୍ ଉପରେ ଜ୍ଞାନ ରହିଥିବା ଜେଲର୍ ପ୍ରତିକ୍ରିୟା ଦେଇ କହିଛନ୍ତି। ଯାହାକି ସାଧାରଣରେ ଗ୍ରହଣ ହୋଇନାହିଁ।

**ଉଭୟ ହତ୍ୟା ମାମଲାରେ ଅଭିଯୁକ୍ତ**

## ଫନି ଟଙ୍କା ହଡ଼ପ ମାମଲା

# ପୂର୍ବତନ ବ୍ୟାଙ୍କ ପରିଚାଳକଙ୍କ ସମେତ ୨ ଗିରଫ

**ଭୁବନେଶ୍ୱର,୧୦।୩(ସମିସ):** ବାତ୍ୟା 'ଫନି' ଟଙ୍କା ହଡ଼ପ ମାମଲାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଇଡିବିଆଇ ବ୍ୟାଙ୍କର ଦୁଇ ପୂର୍ବତନ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ପୁରୀ ଜିଲା ପିପିଲି ଦାଣ୍ଡମୁକୁନ୍ଦପୁରର ଶାଖା ଆଇଡିବିଆଇ ବ୍ୟାଙ୍କର ପୂର୍ବତନ ପରିଚାଳକ ସରୋଜକାନ୍ତ ମହାପାତ୍ର ଓ ସହଯୋଗୀ ଆଞ୍ଜେଲ ମିଶ୍ର। ଉଭୟଙ୍କ ବିରୋଧରେ ୩ କୋଟି ୭୦ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗ ରହିଛି। ଏହି ମାମଲାରେ ତଦନ୍ତକାରୀ ସଂସ୍ଥା ଗତ ୭ତାରିଖ ଦିନ ଉକ୍ତ ବ୍ୟାଙ୍କର ତତ୍କାଳୀନ ସହକାରୀ ପରିଚାଳକ ତନ୍ମୟ କୁମାର ମହାରଣାଙ୍କୁ ଗିରଫ କରିଥିଲା।

ଇଓଡବ୍ଲ୍ୟୁ ସୂତ୍ରରୁ ପ୍ରକାଶ, ଆଇଡିବିଆଇ ବ୍ୟାଙ୍କର ଦାଣ୍ଡମୁକୁନ୍ଦପୁର ଶାଖାରେ ୨୦୧୮ ମସିହାରେ ସରୋଜକାନ୍ତ ପରିଚାଳକ ଥିବା ବେଳେ ତନ୍ମୟ ସହକାରୀ ପରିଚାଳକ ଥିଲେ। ପିପିଲି ବିଡିଓଙ୍କର ଉକ୍ତ ବ୍ୟାଙ୍କର ୨ଟି ଜମାଖାତା ରହିଥିଲା। ଖାତାଦ୍ୱୟରେ ୩ କୋଟି ୭୦ ଲକ୍ଷ ଟଙ୍କା ସରକାରୀ ଅର୍ଥ (ଫନି ଟଙ୍କା) ରହିଥିଲା। ଏହି ଟଙ୍କାକୁ ଫ୍ଲେକ୍ସି ଆକାଉଣ୍ଟରେ ରଖିବା ପାଇଁ ପରିଚାଳକ ସରୋଜକାନ୍ତ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ଉଚିତ ମନେକରି ବିଡିଓ ଫ୍ଲେକ୍ସି ଆକାଉଣ୍ଟରେ ଉକ୍ତ ଟଙ୍କା ରଖିବା ଲାଗି ପରିଚାଳକଙ୍କୁ ୭ଟି ଚେକ୍ ଦେଇ ପଳାଇ ଆସିଥିଲେ। ତାଙ୍କ ଚେକ୍‌ରୁ ଟଙ୍କା ଉଠାଇ ପରିଚାଳକ ସରୋଜକାନ୍ତ ଓ ତନ୍ମୟ ଫ୍ଲେକ୍ସି ଆକାଉଣ୍ଟରେ ନରଖି ୩୫ଜଣ ସମ୍ପର୍କୀୟଙ୍କ ନାମରେ ମୁଦ୍ରା ଋଣ ନାମରେ ଅର୍ଥକୁ ଆତ୍ମସାତ କରିଥିଲେ। ଏପରିକି ତାଙ୍କ ସମ୍ପର୍କୀୟମାନେ ଋଣ ସମ୍ପର୍କରେ କିଛି ଜାଣିବାକୁ ପାଇନଥିଲେ। ଏହି ଠକେଇରେ ସରୋଜକାନ୍ତଙ୍କୁ ଆଞ୍ଜେଲ ସହଯୋଗ କରିଥିଲା। ୨୦୨୨ରେ ପିପିଲିର ତତ୍କାଳୀନ ବିଡିଓ ଉକ୍ତ ଟଙ୍କା ସମ୍ପର୍କରେ ଖୋଳତାଡ଼ କରିବା ପରେ ଘଟଣା ପଦାକୁ ଆସିଥିଲା। ଏପରି କୌଣସି ଫ୍ଲେକ୍ସି ଆକାଉଣ୍ଟ ବ୍ୟାଙ୍କରେ ଖୋଲା ଯାଇନଥିବା ଜଣାପଡ଼ିଥିଲା। ବିଡିଓଙ୍କ ଖୋଳତାଡ଼କୁ ନେଇ ଆଇଡିବିଆଇ ଭୁବନେଶ୍ୱର ଶାଖା ପରିଚାଳକ ସନ୍ଦୀପ ପଟ୍ଟନାୟକ ଏ ସଂପର୍କରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସରୋଜକାନ୍ତ ଓ ତନ୍ମୟ ଚକ୍ରାନ୍ତ କରି ୩ କୋଟି ୭୦ ଲକ୍ଷ ଆତ୍ମସାତ କରିଥିବା ତଦନ୍ତକାରୀ ସଂସ୍ଥା ଜାଣିବାକୁ ପାଇଥିଲା। ପରେ ମୁଖ୍ୟ ଅଭିଯୁକ୍ତ ସରୋଜକାନ୍ତଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି।

## ଲୋକକଥା



ଅଚାନକ ଇସି ପଦବି ଛାଡ଼ିଲେ
ଇସ୍ତଫା ଦେଲେଣି ବଢ଼େଇ,
ନିର୍ବାଚନ ଆସି ଦୁଆର ମୁହଁରେ
ଡାକଇ କବାଟ ବାଡ଼େଇ !
କଥାଟା ଅଡୁଆ ଲାଗଇ,
କେତେ କହୁଚନ୍ତି ପଦ ଛାଡ଼ିଦେଲେ
ଭୋଟରେ କରିବେ ଲଢ଼େଇ !!

# ବିଚ୍ଛିନ୍ନାଞ୍ଚଳବାସୀଙ୍କ ଲାଗି ବରଦାନ 'ବୋଟ୍ ଆମ୍ବୁଲାନ୍ସ'



- ୪ ଜିଲ୍ଲାରେ ୬ଟି ବୋଟ୍ ଆମ୍ବୁଲାନ୍ସ ସେବା
- ୩୮ ମାସରେ ୧୨୨୭ ରୋଗୀଙ୍କ ଉତ୍କର୍ଷ ସେବା
- ସ୍ୱାଭିମାନ ଅଞ୍ଚଳରେ ରୋଗୀଙ୍କ ଜୀବନ ରକ୍ଷାରେ ଶିଖର ଛୁଇଁଛି
- କେନ୍ଦ୍ରାପଡ଼ା ଓ କଳାହାଣ୍ଡି ଓ କୋରାପୁଟ୍‌ବାସୀଙ୍କୁ ତତ୍କାଳ ସ୍ୱାସ୍ଥ୍ୟଗତ ସେବା

**ଭୁବନେଶ୍ୱର,୧୦।୩(ସମିସ):** ଜୀବନରକ୍ଷା ଦିଗରେ ବୋଟ୍ ଆମ୍ବୁଲାନ୍ସ ବିଚ୍ଛିନ୍ନାଞ୍ଚଳବାସୀଙ୍କ ଲାଗି ବରଦାନ ପାଲଟିଛି। ନଦୀକୂଳିଆ ଓ ପାଣିଘେର ଗାଁରେ ରହୁଥିବା ଲୋକଙ୍କୁ ନଦୀ ପାର୍ କରାଇ ନିକଟସ୍ଥ ହସ୍ପିଟାଲରେ ପହଞ୍ଚାଇବା କ୍ଷେତ୍ରରେ ଏହା ନୂଆ ଦିଗନ୍ତ ଦେଖାଇଛି। ଏହାଦ୍ୱାରା ଅକାଳରେ ଝଡ଼ି ପଡୁଥିବା ଅନେକ ଜୀବନ ରକ୍ଷା ହୋଇପାରୁଛି। ବିଶେଷକରି ଗର୍ଭବତୀ ମହିଳା ଏବଂ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ତ୍ୱରିତ ଚିକିତ୍ସା ସେବା ଯୋଗାଇବାରେ ଏହା ଏକ ପ୍ରମୁଖ ଭୂମିକା ଭୂମିକା ନିଭାଇ ଆସୁଛି। ରାଜ୍ୟର ୪ ଜିଲ୍ଲାରେ ଚାଲିଥିବା ଏହି ୬ଟି ବୋଟ୍ ଆମ୍ବୁଲାନ୍ସ ସେବା ପାଇଁ ରାଜ୍ୟ ସରକାରଙ୍କୁ ସବୁ ମହଲରେ ପ୍ରଶଂସା କରାଯାଉଛି।

ମିଳିଥିବା ସୂଚନାନୁଯାୟୀ, ଏହି ବୋଟ୍ ଆମ୍ବୁଲାନ୍ସ ଦ୍ୱାରା ଗତ ୩୮ ମାସରେ ୧୨୨୭ ରୋଗୀଙ୍କୁ ଉତ୍କର୍ଷ ଚିକିତ୍ସା ସେବା ମିଳିପାରିଛି। ୨୦୨୧ର ୧୯୬ଜଣ, ୨୦୨୨ରେ ୫୩୪, ୨୦୨୩ରେ ୪୩୮ ଓ ଚଳିତବର୍ଷ ପ୍ରଥମ ଦୁଇମାସର ୫୯ରୋଗୀଙ୍କୁ ଅତି ଯତ୍ନଶୀଳ ଭାବେ ସ୍ଥାନାନ୍ତର କରାଯାଇଛି। ସେହିପରି ସ୍ୱାଭିମାନ ଅଞ୍ଚଳରେ ରୋଗୀଙ୍କ ଜୀବନରକ୍ଷା ସହ କେନ୍ଦ୍ରାପଡ଼ା, କଳାହାଣ୍ଡି ଓ କୋରାପୁଟ୍‌ବାସୀଙ୍କୁ ତତ୍କାଳ ସ୍ୱାସ୍ଥ୍ୟଗତ ସେବା ଯୋଗାଇ ଦିଆଯାଇଛି। ୧୦୮ କୁ କଲ୍ କରି ସ୍ଥାନୀୟ ଲୋକେ ବୋଟ୍ ଆମ୍ବୁଲାନ୍ସର ସହାୟତା ଲୋଡ଼ିବା ପରେ ସେମାନଙ୍କୁ ତୁରନ୍ତ ଦୁଇଟି ଆମ୍ବୁଲାନ୍ସ ଯୋଗାଇ ଦିଆଯାଉଛି। ପାଣିଘେରରେ ରହୁଥିବା ସ୍ଥାନରେ ପ୍ରଥମେ ବୋଟ୍ ଆମ୍ବୁଲାନ୍ସ ପହଞ୍ଚି ସମ୍ପୃକ୍ତ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଜଳପଥରେ ଆଣି ଟ୍ରାଞ୍ଜିଟ୍ ପଏଣ୍ଟ ଅଥବା ବୋଟ୍ ଆମ୍ବୁଲାନ୍ସ ରହୁଥିବା ସ୍ଥାନରେ ସୁରକ୍ଷିତ ଭାବେ ପହଞ୍ଚାଉଛି। ପରେ ସେଠାରେ ଥିବା ଆଉ ଏକ ଆମ୍ବୁଲାନ୍ସ ରୋଗୀଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚାଉଛି।

ଦିନେ ଲାଲଗଡ଼ର ଅପଖ୍ୟାତି ମୁଣ୍ଡାଇଥିବା ମାଲକାନାଗିରି ସ୍ୱାଭିମାନ ଅଞ୍ଚଳରେ ପରିଣତ ହେବା ପରେ ସେଠାକାର ଲୋକଙ୍କ ଜୀବନରେ ବହୁତ ବଡ଼ ପରିବର୍ତ୍ତନ ଆସିଛି। ଗୁରୁପ୍ରିୟା ସେତୁ ହେବା ପରେ ଗମନାଗମନ ସହଜ ହୋଇଛି। ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳିବାରେ ବିଶେଷ ଅସୁବିଧା ହେଉନାହିଁ। କିନ୍ତୁ କିଛି ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚିବା କାଠିକର ପାଠ ହେଉଛି। ତେଣୁ ଚିତ୍ରକୋଣ୍ଡା ଜଳଭଣ୍ଡାରରେ ମାଇଲ ମାଇଲ ବାଟ ଡେଇଁ ଏହି ବୋଟ୍ ଆମ୍ବୁଲାନ୍ସ ପହଞ୍ଚୁଛି ଓ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛି। ଅନୁରୂପ ଭାବେ ଅନ୍ୟ ୩ ଜିଲ୍ଲାରେ ଚଳାଚଳ କରୁଥିବା ବୋଟ୍ ଆମ୍ବୁଲାନ୍ସ ମଧ୍ୟ ଦୁର୍ଗମ ଓ ପାଣିଘେରରେ ଥିବା ଲୋକଙ୍କୁ ହାତପାହାନ୍ତାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି। ଏହି ସମସ୍ତ ଅଞ୍ଚଳରେ ୧୦୦ରୁ ଅଧିକ ଗାଁରେ ଲକ୍ଷାଧିକ ଲୋକ ଉପକୃତ ହୋଇଛନ୍ତି।

ମାଲକାନାଗିରିରେ ଦୁଇଟ୍ ବୋଟ୍ ଆମ୍ବୁଲାନ୍ସ ରୋଗୀଙ୍କୁ ସେବା ଯୋଗାଉଛି। ମାଲକାନାଗିରି

| ଜିଲ୍ଲା | ୨୦୨୧ | ୨୦୨୨ | ୨୦୨୩ | ୨୦୨୪ |
|---|---|---|---|---|
| ମାଲକାନାଗିରି | ୮୨ | ୧୮୯ | ୧୩୪ | ୧୯ |
| କଳାହାଣ୍ଡି | ୧୬ | ୮୭ | ୧୦୨ | ୧୩ |
| କେନ୍ଦ୍ରାପଡ଼ା | ୮୧ | ୨୦୫ | ୧୪୫ | ୧୯ |
| କୋରାପୁଟ୍ | ୧୭ | ୫୩ | ୫୭ | ୮ |

କୁନ୍ତରପଦର(ଚିତ୍ରକୋଣ୍ଡା ଡ୍ୟାମ୍)ର କତୁଗୁଡା, କେନ୍ଦୁଗୁଡା, ଖଟୁଆଗୁଡା, ଅନ୍ଝିରିଆଗୁଡା, ଗଧଗୁଡା, ଛପରଗୁଡା, ପଣସଗାନ୍ଧୀ, ନୀଳରାମ ଓ ସିଂହରାମ ଅଞ୍ଚଳରେ ଏହି ବୋଟ୍ ଆମ୍ବୁଲାନ୍ସଟି ମାଗଣା ସେବା ଯୋଗାଇ ଦିଆଯାଉଛି। ଅନୁରୂପ ଭାବେ ମାଲକାନାଗିରି ଅରାପଦର(ଚିତ୍ରକୋଣ୍ଡା ଡ୍ୟାମ୍)ରେ ଥିବା ବୋଟ୍ ଆମ୍ବୁଲାନ୍ସ ସର୍ବାଧିକ ବିଚ୍ଛିନ୍ନାଞ୍ଚଳକୁ ସେବା ଯୋଗାଉଛନ୍ତି। ଉକ୍ତ ବୋଟ୍ ଆମ୍ବୁଲାନ୍ସ ଘୁସୁମୁପଦର, ବାଛୁଲପଦର, ରାମାଗୁଡ଼ା, କୋଡ଼ିଗାନ୍ଧୀ, ତେନ୍ତୁଳିପଦର, ସନ୍ୟାସୀଗୁଡ଼ା, ସଦରମ୍‌ଗୁଡା, ତୋଟାଗୁଡ଼ା, ଦିସିରିଗୁଡ଼ା, ପିଲବୀଘାଟ, ଅମାଲିବେଡ଼ା, ଟିକରପଡ଼ା, ନରିନ୍‌ଙ୍ଗିଝୋଲା, ଅଙ୍ଗରଗୁଡ଼ା, ଢ଼ାକାଡ଼ପଦର, ଡାବୁଗୁଡ଼ା, ସାନ ଅମାଲିବେଡ଼ା, ପଣାସପଦର, ପଲାସାପଦର, ପାନପଦର, ମଜାଗୁଡ଼ା, ତାଳପଦର, ଝେଣ୍ଡାଗୁଡ଼ା, ପିଜାବାସ ଓ ଯନ୍ତ୍ରୀ ଅଞ୍ଚଳରେ ରହୁଥିବା ଲୋକେ ଉପକୃତ ହେଉଛନ୍ତି।

କେନ୍ଦ୍ରାପଡ଼ାରେ ମଧ୍ୟ ଦୁଇଟି ବୋଟ୍ ଆମ୍ବୁଲାନ୍ସ ସେବା ଯୋଗାଉଛି। କେନ୍ଦ୍ରାପଡ଼ାର ଉତ୍ତର ବରକୋଳି ଘାଟ, ନିପନିଆ ଓ ଟୁବି ଅଞ୍ଚଳରେ ଏହି ସେବା ମାଗଣାରେ ଯୋଗାଇ ଦିଆଯାଇଛି। କେନ୍ଦ୍ରାପଡ଼ାର ଗୁପ୍ତିଘାଟ ଥିବା ଆଉ ଏକ ଆମ୍ବୁଲାନ୍ସ କେରୁଆପଲ ଓ ଝୁସୁସ୍‌ପଦର ରହୁଥିବା ବିଚ୍ଛିନ୍ନାଞ୍ଚଳର ରୋଗୀଙ୍କୁ ସେବା ଯୋଗାଉଛି। ସେହିପରି କୋରାପୁଟ୍ ଜିଲ୍ଲାର ବାରଙ୍ଗଗୁଡ଼ା ଥିବା ବୋଟ୍ ଆମ୍ବୁଲାନ୍ସ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ବିଚ୍ଛିନ୍ନାଞ୍ଚଳବାସୀଙ୍କୁ ସହାୟତା କରୁଛି। ଏହି ବୋଟ୍ ଆମ୍ବୁଲାନ୍ସ ଟିକରପଡ଼ା, ମହାଦେଇପୁଟ୍, ମୁଣ୍ଡାଗଡ଼, ଦୁଲାଘାଟ, ପାତ୍ରପୁଟ୍ ଓ ଖମାରୀ ଅଞ୍ଚଳବାସୀଙ୍କୁ ସେବା ଯୋଗା ଦେଉଛି। କଳାହାଣ୍ଡି ଜିଲ୍ଲା ତେଲନାଗୀ(ଇନ୍ଦ୍ରାବତୀ) ଅଞ୍ଚଳରେ ଗୁଣ୍ଡୁରେକେଲା, ତେମରା, ଗଞ୍ଜାମାହଲ, କଳାତି, କେ. ଚିପେତା, କସୁଁଲି, ମାଳିଗାଁ, ବେଣାଖେମରା, କରାବଢ଼ିର ଲୋକେ ବି ବୋଟ୍ ଆମ୍ବୁଲାନ୍ସ ଦ୍ୱାରା ସ୍ୱାସ୍ଥ୍ୟ ସୁବିଧା ପାଇଛନ୍ତି।

# ଦନ୍ତାହାତୀ ସହ ସଂଘର୍ଷରେ ହାତୀ ଶାବକ ମୃତ



ମଶାଘାଟି ପାହାଡ଼ରୁ ମିଳିଲା ମୃତଦେହ

**କେନ୍ଦୁଝର/ହାଟଡିହୀ/ସୋସୋ,୧୦ ।୩(ସମିସ):** ଆନନ୍ଦପୁର ବନଖଣ୍ଡ ହଦଗଡ଼ ବନାଞ୍ଚଳ ହସ୍ତୀ ଅଭୟାରଣ୍ୟର ମଶାଘାଟି ପାହାଡ଼ରେ ଏକ ହାତୀ ଶାବକର ମୃତ୍ୟୁ ଘଟିଛି। ମୃତ ଶାବକ ଏକ ଅଣ୍ଡିରା ହାତୀ ଓ ତା' ବୟସ ୬ରୁ ୭ବର୍ଷ ମଧ୍ୟରେ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଭୟାରଣ୍ୟର କାଠକଟା ସେକ୍ସନ୍ ଅନ୍ତର୍ଗତ ମଶାଘାଟି ପାହାଡ଼ ନିକଟରେ ମୃତଦେହ ପଡ଼ିଥିବା ଗତ ଶୁକ୍ରବାର ଦେଖିବାକୁ ମିଳିଥିଲା। ବନ ବିଭାଗର କର୍ମଚାରୀ ଏହା ଦେଖିବା ପରେ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇଙ୍କ ସମେତ ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁ ଶନିବାର ଅପରାହ୍ଣରେ ଘଟଣାସ୍ଥଳରେ ପହଞ୍ଚି ହାତୀ ଶାବକର ମୃତଦେହ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ କରାଇ ରାତି ପ୍ରାୟ ୭ଟା ବେଳେ ପୋତି ଦେଇଥିବା ଜଣାଯାଇଛି। ତେବେ ଏକ ଦନ୍ତାହାତୀ ସହ ସଂଘର୍ଷ ଯୋଗୁଁ ହାତୀ ଶାବକର ମୃତ୍ୟୁ ଘଟିଥିବା ବନବିଭାଗ ତରଫରୁ ସୂଚନା ଦିଆଯାଇଛି।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-256 ◆BHUBANESWAR ◆MONDAY ◆11 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୬ ◆ଭୁବନେଶ୍ୱର ◆ସୋମବାର ◆୧୧ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦





● ଗଞ୍ଜାମ ଓକିଲ ସଂଘର ନିର୍ବାଚନ

## ଆଜିଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ

**ବ୍ରହ୍ମପୁର, ୧୦ ।୩(ସମିସ):** ଆସନ୍ତା ୩୦ତାରିଖରେ ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ । ସଂଘରେ ସଦସ୍ୟତା ଥିବା ମୋଟ ୧୫୮୩ ଜଣ ଆଇନଜୀବୀ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିପାରିବେ ବୋଲି ନିର୍ବାଚନ ଅଧିକାରୀ ଅନିଲ କୁମାର ପଣ୍ଡା ସୂଚନା ଦେଇଛନ୍ତି । ରବିବାର ସନ୍ଧ୍ୟା ସୁଦ୍ଧା ସଭାପତି ପଦବୀ ପାଇଁ ୩ଜଣ, ଉପସଭାପତି ପଦବୀ ପାଇଁ ୨ଜଣ, ସମ୍ପାଦକ ପଦବୀ ପାଇଁ ୫ଜଣ, ସହ ସମ୍ପାଦକ ପଦବୀ ପାଇଁ ୨ଜଣ ଓ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ପାଇଁ ୭ଟି ଫର୍ମ ବିକ୍ରି ହୋଇଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ଏହି ସଂଖ୍ୟା ଆଗକୁ ଆହୁରି ବଢ଼ିବାର ସମ୍ଭାବନା ରହିଛି । ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏକ ୩୦ଜଣିଆ କମିଟି ଗଠନ କରାଯିବ ଏବଂ କମିଟି ସଦସ୍ୟମାନେ ନିର୍ବାଚନ କାର୍ଯ୍ୟ ପରିଚାଳନାରେ ନିର୍ବାଚନ ଅଧିକାରୀଙ୍କୁ ସହଯୋଗ କରିବେ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି । ନିର୍ବାଚନ ପାଇଁ ଦିନ ଯେତିକି ଗଡ଼ୁଛି ଆଶାୟୀଙ୍କ ପ୍ରଚାର ଜୋରଦାର ହେବାରେ ଲାଗିଛି । ଚଳିତ ନିର୍ବାଚନରେ ପୋଷ୍ଟର ଓ ହୋର୍ଡିଂର ବ୍ୟବହାରକୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବାରଣ କରାଯାଇଛି । ଫଳରେ ଆଶାୟୀ ପ୍ରାର୍ଥୀମାନେ କେବଳ ପୁସିଂ କାର୍ଡ ଜରିଆରେ ନିଜର ପ୍ରଚାର କାର୍ଯ୍ୟ ଜାରି ରଖିଛନ୍ତି ।

## ଘରୁ ୭୦ ହଜାର ଟଙ୍କା ଗାଏବ, ଥାନାରେ ଏତଲା

**ବ୍ରହ୍ମପୁର, ୧୦ ।୩(ସମିସ):** ବୈଦ୍ୟନାଥପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରୁ ୭୦ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ସ୍ଥାନୀୟ ସେଲଟେକ୍ସ ଛକ ନିକଟରେ ସୁନିତା ପ୍ରଧାନ ନାମକ ଜଣେ ମହିଳା ଘର ଭଡ଼ା ନେଇ ରହୁଛନ୍ତି । ଗତ ଶୁକ୍ରବାର ସେ ସ୍ଥାନୀୟ ମନ୍ଦିରକୁ ଯାଇ ଘରକୁ ଫେରିଥିଲେ । ଘରେ ଥିବା ତାଙ୍କର ୭୦ହଜାର ଟଙ୍କା ଗାଏବ ଥିବା ଦେଖିଥିଲେ । ବହୁ ଖୋଜାଖୋଜି ପରେ ମଧ୍ୟ ସେ ଟଙ୍କା ପାଇନଥିଲେ । ଏନେଇ ତାଙ୍କ ଘରେ ରହୁଥିବା ଜଣେ ପୁରୁଷ ବନ୍ଧୁକୁ ପଚାରିଥିଲେ । ସେ ଉତ୍ତର ଦେବା ବଦଳରେ କିଛି ନ କହି ଘର ଚାବି ନେଇ କେଉଁଆଡ଼େ ଫେରାର ହୋଇଯାଇଛି । ତେବେ ସୁନିତାଙ୍କ ୭୦ହଜାର ଟଙ୍କା ତାଙ୍କର ଉକ୍ତ ପୁରୁଷ ବନ୍ଧୁ ହିଁ ଚୋରି କରି ନେଇଯାଇଥିବା ସେ ସନ୍ଦେହ କରି ଥାନାରେ ତାଙ୍କ ନାମରେ ଅଭିଯୋଗ କରିଥିବା ଜଣାପଡ଼ିଛି । ବର୍ତ୍ତମାନ ପୁରୁଷ ବନ୍ଧୁ ଜଣକ ମୋବାଇଲ ଅଫ କରିଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି ।

ବିଡବ୍ଲୁ ଏଜୁକେସନ ସଂସ୍ଥା ପକ୍ଷରୁ ଶିକ୍ଷା କ୍ଷେତ୍ରରେ ସର୍ଭେ ରିପୋର୍ଟ ପ୍ରକାଶ

# ଦେଶର ୧୪ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ପ୍ରଫେସର ଗୀତାଞ୍ଜଳି ଦାଶ

**ବ୍ରହ୍ମପୁର, ୧୦ ।୩(ସମିସ):** ବିଡବ୍ଲୁ ଏଜୁକେସନ ଭଳି ଏକ ସର୍ବଭାରତୀୟ ସଂସ୍ଥା ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି । ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିକ୍ଷା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ବେଶ ପ୍ରଭାବଶାଳୀ ମୋଟ ୧୪ଜଣ ମହିଳାଙ୍କ ନାମ ତାଲିକା ପ୍ରକାଶ ପାଇଛି । ବିଶ୍ୱ ମହିଳା ଦିବସ ଅବସରରେ ସଂସ୍ଥା ପକ୍ଷରୁ ଏହି ତାଲିକା ପ୍ରକାଶ କରାଯାଇଥିବା ଜଣାପଡ଼ିଛି । ପ୍ରକାଶିତ ତାଲିକାର ଶିର୍ଷରେ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦି ମୁର୍ମୁଙ୍କ ନାମ ରହିଥିବା ବେଳେ ଦ୍ୱିତୀୟରେ କେନ୍ଦ୍ର ସରକାରଙ୍କ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଓ ତୃତୀୟ ସ୍ଥାନରେ ଦିଲ୍ଲୀ ସରକାରଙ୍କ ଶିକ୍ଷାମନ୍ତ୍ରୀ ଅତିଶୀ ମାର୍ଲେନା ସ୍ଥାନ ପାଇଛନ୍ତି । ସେହିଭଳି ତାଲିକାର ୪ର୍ଥ ସ୍ଥାନରେ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର କୁଳପତି ଶାନ୍ତିଶ୍ରୀ ଦୁଲିପୁଡି ପଣ୍ଡିତ ଓ ୫ମ ସ୍ଥାନରେ ଆଇଆଇଟି ମାଡ୍ରାସ ଜାଞ୍ଜିବାର କ୍ୟାମ୍ପସର ଭାରପ୍ରାପ୍ତ ନିର୍ଦ୍ଦେଶିକା ପ୍ରୀତି ଆଘାଲାୟମ ରହିଛନ୍ତି । ତାଲିକାର ୬ଷ୍ଠ ସ୍ଥାନରେ ମୁମ୍ବାଇର ଏସଏନଡିଟି ବିଶ୍ୱବିଦ୍ୟାଳୟର କୁଳପତି ଉଜ୍ଜ୍ୱଳା ଚକ୍ରଦେଓ, ୭ମ ସ୍ଥାନରେ ଆଇଏମଏଫର ଉପ ପରିଚାଳନା ନିର୍ଦ୍ଦେଶିକା ଗୀତା ଗୋପିନାଥ, ୮ମ ସ୍ଥାନରେ ଏନସିଏଇଆର ର ଡାଇରେକ୍ଟର ଜେନେରାଲ ପୁନମ ଗୁପ୍ତା ଓ ୯ମ ସ୍ଥାନରେ ଶିବ ନାଦାର ବିଶ୍ୱବିଦ୍ୟାଳୟର କୁଳପତି ଅନନ୍ୟା ମୁଖାର୍ଜି ଓ ୧୦ମ ସ୍ଥାନରେ ଡକ୍ଟର ହରିସିଂ ଗୌର ସାଗର ବିଶ୍ୱବିଦ୍ୟାଳୟର କୁଳପତି ନିଳିମା ଗୁପ୍ତା ରହିଛନ୍ତି । ସେହିଭଳି ସଂସ୍ଥା ପକ୍ଷରୁ ପ୍ରକାଶିତ ଦେଶର ୧୪ଜଣଙ୍କ ପ୍ରଭାବଶାଳୀ ମହିଳା ଶିକ୍ଷାବିତଙ୍କ ମଧ୍ୟରେ ସର୍ବଭାରତୀୟ ସ୍ତରରେ ୩ଜଣଙ୍କୁ ପଛରେ ପକାଇ ତାଲିକାର ଏକାଦଶ ସ୍ଥାନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ତଥା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡଃ ଗୀତାଞ୍ଜଳି ଦାଶ ରହି ସୁନାମ ଅର୍ଜନ କରିଛନ୍ତି । ତାଲିକାର ଦ୍ୱାଦଶ ସ୍ଥାନରେ ପେନସିଲଭାନିଆ ରାଜ୍ୟ ବିଶ୍ୱବିଦ୍ୟାଳୟର ସଭାନେତ୍ରୀ ନୀଲି ବେନ୍ଦାପୁଡି, ତ୍ରୟୋଦଶ ସ୍ଥାନରେ ଟେରୀ ପ୍ରକୃତି ବିଦ୍ୟାଳୟର ନିର୍ଦ୍ଦେଶିକା ଲତା ବୈଦ୍ୟନାଥନ ଓ ଚତୁର୍ଦ୍ଦଶ ସ୍ଥାନରେ ସର୍ଦ୍ଦାର ପଟେଲ ବିଦ୍ୟାଳୟର ଅଧକ୍ଷା ଅନୁରାଧା ଯୋଶୀ ରହିଛନ୍ତି । ସେହିଭଳି ବିଡବ୍ଲୁ ବିଜିନେସ ୱାଲର୍ଡ ଉପଦେଷ୍ଟା କମିଟିରେ ମଧ୍ୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଗୀତାଞ୍ଜଳି ଦାଶ ସ୍ଥାନ ପାଇଥିବା ଜଣାପଡ଼ିଛି । ପ୍ରଫେସର ଦାଶ ପୂର୍ବରୁ ସର୍ବଭାରତୀୟ ସ୍ତରରେ ବହୁ କମିଟିରେ ସଦସ୍ୟ ହେବା ସହିତ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ବର୍ତ୍ତମାନ ପୁଣି ଶିକ୍ଷା କ୍ଷେତ୍ରରେ ସର୍ବଭାରତୀୟସ୍ତରୀୟ ଏକ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ସେ ନିଜକୁ ଗର୍ବ ଅନୁଭବ କରିବା ସହିତ ଉଭୟ ବ୍ରହ୍ମପୁର ଓ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପାଇଁ ଓ ସମଗ୍ର ରାଜ୍ୟ ପାଇଁ ଗର୍ବ ଆଣିପାରିଛନ୍ତି । ପ୍ରଫେସର ଦାଶଙ୍କ ଏଭଳି କୃତିତ୍ୱ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ମିଳିବାରେ ଲାଗିଛି ।



**ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁ ପ୍ରଥମ ଓ ୧୧ଶ ସ୍ଥାନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି**

## ଭାରତୀୟ ରିଉମାଟୋଲୋଜି ଆସୋସିଏସନର ରାଜ୍ୟସ୍ତରୀୟ ସମ୍ମିଳନୀ




**ବ୍ରହ୍ମପୁର, ୧୦ ।୩(ସମିସ):** ଭାରତୀୟ ରିଉମାଟୋଲୋଜି ଆସୋସିଏସନ ଓଡ଼ିଶା ଶାଖା ପକ୍ଷରୁ ରବିବାର ଏମକେସିଜି ମେଡିକାଲ କଲେଜ ପରିସରରେ ଦିନିକିଆ ରାଜ୍ୟସ୍ତରୀୟ ଡାକ୍ତରୀ ଶିକ୍ଷା ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଏମକେସିଜି ମେଡିକାଲ କଲେଜ ଡିନ୍ ତଥା ଅଧକ୍ଷ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ଯୋଗ ଦେଇ ସମ୍ମିଳନୀକୁ ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ରିଉମାଟୋଲୋଜିଷ୍ଟ ପ୍ରଫେସର ଡା. ବିଦ୍ୟୁତ ଦାଶ, ଡା. ରୀନା ତ୍ରିପାଠୀ, ପ୍ରଫେସର ଡ଼ା. ଜ୍ୟୋତି ରଞ୍ଜନ ପରିଡ଼ା, ଡ଼ା. ରଶ୍ମି ରଞ୍ଜନ ସାହୁ, ଡ଼ା. ସୌମ୍ୟ ରଞ୍ଜନ ତ୍ରିପାଠୀ, ପ୍ରଫେସର ଡ଼ା.ପ୍ରଦୀପ୍ତ ଶେଖର ପାତ୍ର, ଡ଼ା. ସାକୀର ଅହମ୍ମଦ ପ୍ରମୁଖ ଯୋଗ ଦେଇ ଆଣ୍ଠୁ ଗଣ୍ଠି ବ୍ୟଥାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଭାରତୀୟ ରିଉମାଟୋଲୋଜି ଆସୋସିଏସନର ଓଡ଼ିଶା ଶାଖା ଅଧକ୍ଷ ଡ଼ା. ମନୋଜ ଛୋଟରାୟ, ସଚିବ ପ୍ରଫେସର ଡ଼ା. ଜ୍ୟୋତି ରଞ୍ଜନ ପରିଡ଼ାଙ୍କ ସହ ବହୁ ବରିଷ୍ଠ ଚିକିତ୍ସକ ଯୋଗଦେଇ ମିଳିତ ସହଯୋଗରେ ରୋଗୀ ସେବା କିପରି ଲାଭଦାୟକ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ମେଡିକାଲ କଲେଜରେ ଅଧ୍ୟୟନ କରୁଥିବା ଡାକ୍ତରୀ ଛାତ୍ରଛାତ୍ରୀମାନେ ସହଜ ଓ ସରଳ ଉପାୟରେ କିପରି ଗଣ୍ଠିବାତ ରୋଗର ଉପଶମ ହୋଇ ପାରିବ ତାହା ଉପରେ ଆଲୋଚନା କରିଥିଲେ । ଏମକେସିଜି ମେଡିକାଲ କଲେଜର ମେଡ଼ିସିନ ବିଭାଗର ଆସୋସିଏଟ ପ୍ରଫେସର ଡ଼ା. ନିହାର ରଞ୍ଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମେଡ଼ିସିନ ବିଭାଗୀୟ ମୁଖ୍ୟ ଡ଼ା. ପ୍ରସାଦ ମହାନ୍ତି ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଥିଲେ । ସମ୍ମିଳନୀର ରାଜ୍ୟର ବିଭିନ୍ନ ସରକାରୀ ତଥା ଘରୋଇ ମେଡିକାଲରୁ ବରିଷ୍ଠ ପ୍ରଫେସରମାନେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମକେସିଜି ମେଡିକାଲ୍ କଲେଜର ଏମବିବିଏସ ଓ ପିଜିର ସମସ୍ତ ଡାକ୍ତରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଉତ୍କଳ ସମ୍ମିଳନୀର ଆଲୋଚନା ସଭା

**ବ୍ରହ୍ମପୁର, ୧୦ ।୩(ସମିସ):** ଉତ୍କଳ ସମ୍ମିଳନୀର ଆଲୋଚନା ସଭା ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀର ସଭାପତି ଡ଼ ସୁବ୍ରତ କୁମାର ସାହୁ, ଉପସଭାପତି ଡ଼ ବନମାଳୀ ପାଣିଗ୍ରାହୀ ଏବଂ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ମଞ୍ଚାସିନ ହୋଇଥିଲେ । ପୂର୍ବତନ କୋଷାଧ୍ୟକ୍ଷ ଇଂ. ଇପାରୀ କାଶୀ ବିଶ୍ୱନାଥ ପାତ୍ର ଏବଂ ଅନ୍ୟତମ ବରିଷ୍ଠ ସଦସ୍ୟ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଆନ୍ଦୋଳନର ନେତୃତ୍ୱ ନେଇଥିବା ଡ ସତ୍ୟବ୍ରତ ମହାପାତ୍ର କରି ଦେହାନ୍ତରେ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ପ୍ରଦାନ କରି ସ୍ମୃତି ଚାରଣ ରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ସମରେନ୍ଦ୍ର କୁମାର ସାହୁ, ସୂର୍ଯ୍ୟକାନ୍ତ ପାତ୍ର, ସୀମାଞ୍ଚଳ ପ୍ରସାଦ ବିଷୋୟୀ, ଶ୍ରୀମତୀ ପଦ୍ମିନୀ ମିଶ୍ର, ସ୍ମୃତି ଚାରଣ କରିଥିଲେ । ଉପସଭାପତି ଡ ବନମାଳୀ ପାଣିଗ୍ରାହୀ ଆଲୋଚନା ପ୍ରସଙ୍ଗରେ ମତବ୍ୟକ୍ତ କରିଥିଲେ ଯେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ସମ୍ମିଳନୀର ଯେଉଁ ଭୂମିକା ଥିଲା ତାହା ଅବିସ୍ମରଣୀୟ । ଅଧୁନା ଏହି ସମ୍ମିଳନୀ ଭାଷା ସାହିତ୍ୟ ଓ ସୀମା ସରହଦ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି ଏବଂ ଅନୁପ୍ରବେଶ ରୋକିବା ନିମନ୍ତେ ବାରଂବାର ରାଜ୍ୟ ସରକାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଆସୁଛି । ବର୍ତ୍ତମାନ ଯୁବପିଢ଼ିଙ୍କ ସମେତ ବୁଦ୍ଧିଜୀବୀମାନେ ଆମ ଭାଷା ସୁରକ୍ଷା ନିମନ୍ତେ ବ୍ରତି ହେବାକୁ




ଆହ୍ୱାନ ଦେଇଥିଲେ । ଏହି ଆଲୋଚନା ଓ ସ୍ମୃତି ଚାରଣ ସଭାରେ ଭଗବାନ ପାତ୍ର, ଡାକ୍ତର ହୃଷିକେଶ ମହାନ୍ତି, ଭବାନୀ ଶଙ୍କର ପାଣିଗ୍ରାହୀ, ଆରତୀ ଶତପଥୀ, ଶରତ କୁମାର ଦାସ, କାମାକ୍ଷୀ ପ୍ରସାଦ ପତି, ଲାଲ ବାହାଦୁର ପଟ୍ଟନାୟକ, କେଦାରନାଥ ପଣ୍ଡା, କପିଳ ମହାନ୍ତି, ସୁବାସ ଚନ୍ଦ୍ର ପଟ୍ଟନାୟକ, ହୃଦୟାନନ୍ଦ ପଟ୍ଟନାୟକ, ମିହିର କୁମାର ରଥଶର୍ମାଙ୍କ ସମେତ ଅନ୍ୟ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ ।

## ଚିନ୍ମୟ ମିଶନ ଓ ସୁରଭି ପ୍ରଗତିଶୀଳ ପକ୍ଷରୁ ସ୍ୱାସ୍ଥ୍ୟପରୀକ୍ଷା ଶିବିର



**ବ୍ରହ୍ମପୁର, ୧୦ ।୩(ସମିସ):** ଚିନ୍ମୟ ମିଶନ ଓ ସୁରଭି ପ୍ରଗତିଶୀଳ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼ା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ଯୋଗ ଦେଇଥିଲେ । ଏ ଅବସରରେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ପରୀକ୍ଷା କରାଯିବା ସହ ଔଷଧ ବିତରଣ କରାଯାଇଥିଲା । ଏଥିରେ ଡା. ମୋହନ ରାଓ ସୁବୁଦ୍ଧି, ଡ଼ା. ସୁନିଲ କୋଟା, ଡ଼ା. ଶଙ୍କର୍ଷଣ ପାତ୍ରା, ଡ଼ା. ଶୁଭବ୍ରତ ମହାପାତ୍ର, ଡ଼ା. ବି ଏନ ଆର ସୁବୁଦ୍ଧି, ଡ଼ା. ମନସ୍ୱିନୀ ଜିନ୍ନୁଙ୍କ ସମେତ ବହୁ ଡାକ୍ତର ଉପସ୍ଥିତ ରହି ପ୍ରାୟ ୨ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚିନ୍ମୟ ମିଶନର ସ୍ୱାମୀ ସଦାଶିବ, ସୁରଭି ପ୍ରଗତିଶୀଳ ଅନୁଷ୍ଠାନର ସଭାପତି ଉଷା ପଟ୍ଟନାୟକ, ସମ୍ପାଦକ ପୁଷ୍ପାଞ୍ଜଳି ମହାପାତ୍ର, ସସ୍ମିତା ଡାକୁଆ, ସୁନୀତା ପଣ୍ଡା, ତନୁଜା ରଥ, ରେଣୁବାଳା କର, ଅହଲ୍ୟା ପଟ୍ଟନାୟକ, ରୋଜାଲିନ ସାହୁ, ରୀନା ମହାପାତ୍ର, ସୁଇଟି ସାହୁଙ୍କ ସମତେ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ମହାନ ସଂଘ ମହିଳା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ

**ବ୍ରହ୍ମପୁର,୧୦ ।୩(ସମିସ):** ସ୍ଥାନୀୟ ଡ଼ାଇମଣ୍ଡ ଜୁବୁଲି ଟାଉନ ହଲରେ ରବିବାର ମହାନ ସଂଘ ମହିଳା ବିଭାଗ ପକ୍ଷରୁ ଚତୁର୍ଥ ରାଜ୍ୟ ସମ୍ମିଳନୀ ଓ ୩୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମହିଳା ବିଭାଗ ଅଧକ୍ଷା ଦେବୀପ୍ରଭା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଆସିକା ସାଂସଦ ପ୍ରମିଳା ବିଷୋୟୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଉପଦେଷ୍ଟା ତଥା ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ରାଜ୍ୟ କାଜୁ ନିଗମ ଅଧକ୍ଷ ସୁବାସ ମହାରଣା, ରାଜସ୍ୱ କମିଶନରଙ୍କ ସଚିବ ସୁଜାତା ସାହୁ, ଗଞ୍ଜାମ ଓକିଲ ସଂଘର ସଭାନେତ୍ରୀ ମିନତି ରଥ, ଗାୟତ୍ରୀ ଏଜୁକେସନ ଗ୍ରୁପ ଅଧକ୍ଷା ସବିତା ସୁଆର, 'ସକାଳ' ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ମହାନ ସଂଘ ପ୍ରତିଷ୍ଠାତା ସୁଶାନ୍ତ କୁମାର ସାବତ, ଆଇଏସଆରଡି ନିର୍ଦ୍ଦେଶକ ସୁଧୀର ସାବତ ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଥମବିଶ୍ୱ ଭାଷା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଥିବାରୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ ସମ୍ପାଦିକା ରାମେଶ୍ୱରୀ ନନ୍ଦଙ୍କ ସଂଯୋଜନାରେ ସମ୍ପାଦିକା ଭାରତୀ ପାତ୍ର ବିବରଣୀ ପଠନ କରିଥିଲେ । ପରିଶେଷରେ ସବିତା ସାହୁକାର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରସାନ୍ତ ପାତ୍ର, ସିମାଞ୍ଚଳ ପାଣିଗ୍ରାହୀ, ମମତା ପାଢ଼ୀ, ବବିତା ପଣ୍ଡା, ବିଭୂତି ସାବତ, ଦିଲୀପ ମହାପାତ୍ର, ସସ୍ମିତା ମିଶ୍ର, ପ୍ରଣତି ହୋତା, ଶ୍ରୀକାନ୍ତ ସାବତ, ସନ୍ଧ୍ୟା ରାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ରାଜକବି କୃଷ୍ଣ ସିଂହ ଜୟନ୍ତୀ

## ଜାତୀୟ ଓଡ଼ିଶୀ ସଙ୍ଗୀତ ମହୋତ୍ସବ

**ବ୍ରହ୍ମପୁର/ଆସିକା, ୧୦ ।୩(ସମିସ):** କୃଷ୍ଣ ସିଂହ ସାହିତ୍ୟ ପରିଷଦ ଓ କୃଷ୍ଣ ସିଂହ କଳା ବିକାଶ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ଅଶୀତମ ପ୍ରତିଷ୍ଠା ଦିବସ ସମାରୋହ ଏକ ଭବ୍ୟ ସଙ୍ଗୀତମୟ ବାତାବରଣ ମଧ୍ୟରେ ସମାହିତ ହୋଇଯାଇଛି । କୃଷ୍ଣ ସିଂହ ସାହିତ୍ୟ ପରିଷଦ ପ୍ରେକ୍ଷା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ନାଟ୍ୟକାର ମେଜର୍ ରମାରମଣ ପାଢ଼ୀ ପ୍ରଦୀପ ପଜ୍ୱଳନ କରି ମହୋତ୍ସବର ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ପର୍ବରେ ସଙ୍ଗୀତମାର୍ତ୍ତଣ୍ଡ ଆଚାର୍ଯ୍ୟ ସୀମାଞ୍ଚଳ ଦାସ ମୁଖ୍ୟଅତିଥି, ଯଶସ୍ୱୀ ଗୀତିକବି ପ୍ରାଧ୍ୟାପକ ଯୋଗାନନ୍ଦ ସାହୁ ଓ ଜଗଦୀଶ ପାଣିଗ୍ରାହୀ ସମ୍ମାନିତ ଅତିଥି, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ କବି ଓ ଆଲୋଚକ ଡ. କୁଳମଣି ଓଝା ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଯଶସ୍ୱୀ ସାରସ୍ୱତ ସାଧକ ରାଜକବି କୃଷ୍ଣ ସିଂହଙ୍କ ସାରସ୍ୱତ ପ୍ରତିଭା, କାଳଜୟୀ ସୃଷ୍ଟି ସମ୍ଭାର ଏବଂ ଓଡ଼ିଶୀ ସଙ୍ଗୀତର ଗରିମାମୟ ଶାସ୍ତ୍ରୀୟ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ । କୃଷ୍ଣ ସିଂହ ସାହିତ୍ୟ ସଂସଦର ଉପ-ସଭାପତି ସୁରେନ୍ଦ୍ର ନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମହୋତ୍ସବ ଆରମ୍ଭରେ ସମ୍ପାଦକ ସରୋଜ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ଉପାୟନ ଓ ପ୍ରଶସ୍ତିପତ୍ର ପ୍ରଦାନ ପୂର୍ବକ ପ୍ରବୀଣ ନାଟ୍ୟ ତତ୍ତ୍ୱବିତ୍, ସୁଖ୍ୟାତ ନାଟ୍ୟକାର ମେଜର୍ ରମାରମଣ ପାଢ଼ୀଙ୍କୁ 'ରାଜକବି କୃଷ୍ଣ ସିଂହ ନାଟ୍ୟ ସମ୍ରାଟ ସମ୍ମାନ', ସଙ୍ଗୀତ ମାର୍ତ୍ତଣ୍ଡ ଆଚାର୍ଯ୍ୟ ସୀମାଞ୍ଚଳ ଦାଶଙ୍କୁ 'ରାଜକବି କୃଷ୍ଣ ସିଂହ କବିସୂର୍ଯ୍ୟ ସମ୍ମାନ', ବିଶିଷ୍ଟ ଗୀତିକାର ପ୍ରାଧ୍ୟାପକ ଯୋଗାନନ୍ଦ ସାହୁଙ୍କୁ 'ରାଜକବି କୃଷ୍ଣ ସିଂହ ସଙ୍ଗୀତ ସୌରଭ ସମ୍ମାନ' ଓ ଖ୍ୟାତିପ୍ରାପ୍ତ କବି-ସମାଲୋଚକ ଡ. କୁଳମଣି ଓଝାଙ୍କୁ 'ରାଜକବି କୃଷ୍ଣ ସିଂହ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଅନୁରୂପ ଭାବରେ ଗୁରୁ ଲକ୍ଷ୍ମୀ ନାରାୟଣ ବେହେରା, ଗୁରୁ ଅଶୋକ ମହାପାତ୍ର, ଗୁରୁ ଡ. ଲୋକନାଥ ମହାନ୍ତି ଓ ଗୁରୁ ଶିବରାମ ରଣା ପ୍ରମୁଖଙ୍କୁ 'ରାଜକବି କୃଷ୍ଣ ସିଂହ ରସରାଜ ସମ୍ମାନ', ସୁନୀତା ତ୍ରିପାଠୀ, ଗୁରୁ ଉମାଶଙ୍କର ଦାଶ ଶର୍ମା, ବନ୍ଦନା ନନ୍ଦ (ସାମନ୍ତରାୟ), ମହାଶ୍ୱେତା ପଟ୍ଟନାୟକ ଓ ରୀତିସ୍ନିଗ୍ଧା ପ୍ରଧାନଙ୍କୁ 'ରାଜକବି କୃଷ୍ଣ ସିଂହ ସଙ୍ଗୀତଶ୍ରୀ ସମ୍ମାନ', ମର୍ଦ୍ଦଳ ଗୁରୁ ମୁରଲୀଧର ସ୍ୱାଇଁଙ୍କୁ 'ରାଜକବି କୃଷ୍ଣ ସିଂହ ମର୍ଦ୍ଦଳ ମାର୍ତ୍ତଣ୍ଡ ସମ୍ମାନ', ଡା. ମୀରାବାଇ ପଣ୍ଡା ଓ ଦୁର୍ଗାପ୍ରସାଦ ଦାଶଙ୍କୁ 'ରାଜକବି କୃଷ୍ଣ ସିଂହ ସଙ୍ଗୀତ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସେହିପରି ଅଭିଷେକ ମହାପାତ୍ର, ସୌମ୍ୟକାନ୍ତ ମଲ୍ଲିକ, ସ୍ନିଗ୍ଧାରାଣୀ ଗୌଡ଼, ଜୟଶ୍ରୀ ମଣ୍ଡଳ, ଯସ୍ମିନ୍ ସାମନ୍ତରାୟ, ରଶ୍ମିତା ଭୂୟାଁ, ସୁଧାଂଶୁରାଣୀ ଜେନା ଓ ସୌମ୍ୟରଞ୍ଜନ ଗାହାଣଙ୍କୁ 'ରାଜକବି କୃଷ୍ଣ ସିଂହ ନବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ରାଜକବି କୃଷ୍ଣ ସିଂହ ବିରଚିତ 'ମହାଭାରତ', 'ହରିବଂଶ' ଓ 'ଶ୍ରୀରାମ ରସାୟନ' ସମ୍ପର୍କରେ ମୁଖ୍ୟ ଆଲୋଚକ ଡ. ଓଝା ସଂକ୍ଷେପରେ ବକ୍ତବ୍ୟ ପ୍ରଦାନ କରିବା ସଂଗେ ସଂଗେ ଓଡ଼ିଶୀ ସଙ୍ଗୀତର ଧରା ଓ ଧାରା ବିଷୟରେ ତଥ୍ୟପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ । ଓଡ଼ିଆ ପୁରାଣ ରଚନା ପରମ୍ପରାକୁ ଧରାକୋଟର ରାଜକବି କୃଷ୍ଣ ସିଂହ କେବଳ ବୃହତ୍ତର ପାଠକ ପ୍ରସାରି କରି ନାହାନ୍ତି ; ପରନ୍ତୁ ଓଡ଼ିଆତ୍ୱର ପାବନ ସ୍ପର୍ଶରେ ଏକ ମୌଳିକ 'ମହାଭାରତ' ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ପରିପୁଷ୍ଟ କରିଛନ୍ତି ବୋଲି ମୁଖ୍ୟବକ୍ତା ଡ. କୁଳମଣି ଓଝା ମତବ୍ୟକ୍ତ କରିଥିଲେ । ସଙ୍ଗୀତ ମାର୍ତ୍ତଣ୍ଡ ଆଚାର୍ଯ୍ୟ ସୀମାଞ୍ଚଳ ଦାସଙ୍କ ତତ୍ତ୍ୱାବଧାନରେ କୋଡ଼ିଏରୁ ଊର୍ଦ୍ଧ୍ୱ କଣ୍ଠଶିଳ୍ପୀ ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ । ମର୍ଦ୍ଦଳ ଗୁରୁ ମୁରଲୀଧର ସ୍ୱାଇଁ, ଗୁରୁ ଅଶୋକ ମହାପାତ୍ର, ଗୁରୁ ଲକ୍ଷ୍ମୀ ନାରାୟଣ ବେହେରା, ଗୁରୁ ପ୍ରାଧ୍ୟାପକ ଲୋକନାଥ ମହାନ୍ତି, ଗୁରୁ ଶିବରାମ ରଣା, ଡ. କୁଳମଣି ଓଝା, ସୁନୀତା ତ୍ରିପାଠୀ, ଶ୍ରୀମତୀ ରତିସ୍ନିଗ୍ଧା ପ୍ରଧାନ ପ୍ରମୁଖ ଉଚ୍ଚାଙ୍ଗ ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ । ଶେଷରେ ସାହିତ୍ୟ ପରିଷଦର ସହ ସମ୍ପାଦକ ଡା. ରଞ୍ଜିତ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।



## ବ୍ରହ୍ମାକୁମାରୀସ ପକ୍ଷରୁ ଚୈତନ୍ୟ ମେଢ଼ ଉଦ୍‌ଯାପିତ



**ବ୍ରହ୍ମପୁର, ୧୦ ।୩(ସମିସ):** ବ୍ରହ୍ମାକୁମାରୀସ ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟରରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗମ୍ ପରମାତ୍ମା ମିଳନ ଚୈତନ୍ୟ ମେଢ଼ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏମବିଏ ବିଭାଗର ପ୍ରଫେସର ଡ. ସୁମନ କଲ୍ୟାଣ ଚୌଧୁରୀ ଯୋଗ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ସହକାରୀ ପ୍ରାଧ୍ୟାପକ ଡ. ଶାରଦା ପ୍ରସାଦ ସାହୁ ଯୋଗ ଦେଇଥିଲେ । ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗ ଶିକ୍ଷାକୁ ଏକାଗ୍ରତା ନିଷ୍ଠା ଏବଂ ଧୌର୍ଯ୍ୟ ଆଧାରରେ ଏକ ପବିତ୍ର ସୁଖଶାନ୍ତିମୟ ସମାଜ ନିର୍ମାଣରେ ସହଯୋଗୀ ହେବା ସକାଶେ ଅତିଥି ମାନେ ଆହ୍ୱାନ କରିଥିଲେ । ସେହିପରି ବ୍ରହ୍ମାକୁମାରୀସ୍ ବ୍ରହ୍ମପୁର ସବ୍‌ଜୋନ୍ ସଞ୍ଚାଳିକା ରାଜଯୋଗିନୀ ଭଗ୍ନୀ ମଞ୍ଜୁ ନିଜ ଜୀବନରେ ସକାରାରକ ପରିବର୍ତ୍ତନ ଦ୍ୱାରା ନବୀନତାକୁ ଅନୁଭବ କରିବା ଉଦାରତା, ସରଳତା, ମହାନତା, ସହନଶୀଳତାର ମାନସିକତାକୁ ଧାରଣ କରିବା ଆବଶ୍ୟକ ବୋଲି କହିଥିଲେ । ଏ ଅସରରେ ଆୟୋଜିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗମ୍ ଚୈତନ୍ୟ ଝାଙ୍କି(ମେଢ଼)ର ରହସ୍ୟକୁ ବହୁ ଜନସାଧାରଣ ହୃଦୟଙ୍ଗମ କରିଥିଲେ । ପରେ ଈଶ୍ୱରୀୟ ବଶ୍ୱବିଦ୍ୟାଳୟ ପକ୍ଷରୁ ବ୍ରହ୍ମାକୁମାରୀ ଏବଂ ବ୍ରହ୍ମାକୁମାର ମାନଙ୍କ ଦ୍ୱାରା ଅନେକ ଚିତ୍ତାକର୍ଷକ ଆଧ୍ୟାତ୍ମିକ ସାଂସ୍କୃତିକ ନୃତ୍ୟ, ସଙ୍ଗୀତ ଏକାଙ୍କିକା ଏବଂ ନାଟକ ପରିବେଷଣ କରାଯାଇଥିଲା । ବ୍ରହ୍ମାକୁମାରୀର ସୁଜାତା ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାକୁମାରୀସ୍ ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟର ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ଭଗ୍ନୀ ମାଳାଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ ।




## ଏସ୍‌ୟୁଭି ଚାପିଦେଲା; ଗର୍ଭବତୀଙ୍କ ସମେତ ୪ ମୃତ

ଜୟପୁର, ୧୦।୩ (ଏଜେନ୍ସି): ରାଜସ୍ଥାନ ଦେଗନାରେ ରବିବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ବସ୍ ପାଇଁ ଅପେକ୍ଷା କରିଥିବା ଲୋକଙ୍କୁ ଏକ ଏସ୍‌ୟୁଭି ଚାପି ଦେଇଛି। ଏଥିରେ ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ଛୋଟୁ ରାମ, ତାଙ୍କ ଗର୍ଭବତୀ ପତ୍ନୀ ସୁମନ, ୨ ବର୍ଷର ପୁଅ ହ୍ରିତିକ ଏବଂ ପରିବାରର ଅନ୍ୟ ଜଣେ ମହିଳା ସାମିଲ ଅଛନ୍ତି। ପୁଲିସ ସୂଚନା ଅନୁଯାୟୀ ଏମାନେ ସମସ୍ତେ ଶ୍ରମିକ ଥିଲେ। ଏକ ବିବାହ କାର୍ଯ୍ୟକ୍ରମକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରି ରହିଥିଲେ। ଏହି ସମୟରେ ସ୍କର୍ପିଓ ଡ୍ରାଇଭର ସମସ୍ତଙ୍କୁ ଗାଡ଼ି ଚଢ଼ାଇ ଫେରାର ହୋଇ ଯାଇଥିଲା। ତାକୁ ଧରିବା ପାଇଁ ପ୍ରୟାସ ଜାରି ରହିଛି। ମାମଲା ରୁଜୁ କରି ମୃତଦେହକୁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି।

## ଟ୍ରକ୍ ଧକ୍କାରେ ୭ ଜଣଙ୍କ ମୃତ୍ୟୁ; ୨ ଗୁରୁତର

ଲକ୍ଷ୍ନୌ, ୧୦।୩ (ଏଜେନ୍ସି): ଉତ୍ତରପ୍ରଦେଶ ଯୌନପୁରର ପ୍ରସାଦ ତିରାହେ ନିକଟରେ ରବିବାର ବଡ଼ି ଭୋରରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏଠାରେ ଏକ ଟ୍ରକ୍ କାର୍‌କୁ ଧକ୍କା ଦେଇ ଶହେ ମିଟର ପର୍ଯ୍ୟନ୍ତ ଟାଣି ନେଇଛି। ଏଥିରେ କାର୍‌ରେ ଯାଉଥିବା ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ହୋଇଛି। ୨ ଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ ଏହି ପରିବାର ବିହାର ସୀତାମଢ଼ିର ବାସିନ୍ଦା। ସମସ୍ତେ ପୁଅର ନିର୍ବନ୍ଧ ପାଇଁ ପ୍ରୟାଗରାଜ ଯାଉଥିଲେ। ମାତ୍ର ଗୌରା ବାଦସାହପୁରର ପ୍ରସାଦ କଲେଜ ନିକଟରେ ପହଞ୍ଚିଥିବାବେଳେ ସାମ୍ନାରୁ ଆସୁଥିବା ଏକ ଟ୍ରକ୍ କାର୍‌କୁ ଧକ୍କା ଦେଇଥିଲା। ଏଥିରେ ପୁଅର ବାବା, ୨ ଭାଇ, ୬ ବର୍ଷର ପୁତୁରା, ଭାଉଜ, ମାମୁମାଇଁଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ କାର୍‌ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। କାର୍ କାଟି ମୃତଦେହକୁ ବାହାର କରାଯାଇଛି।

## ସିବିଆଇ ହେପାଜତକୁ ଗଲା ଶାହାଜାହାନ

କୋଲକାତା, ୧୦।୩ (ଏଜେନ୍ସି): ସନ୍ଦେଶଖାଲି ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଟିମ୍ ଉପରେ ହୋଇଥିବା ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଶାହାଜାହାନ ଶେଖକୁ ଚାରି ଦିନ ପାଇଁ ସିବିଆଇ ହେପାଜତକୁ ପଠାଇ ଦିଆଯାଇଛି। ପଶ୍ଚିମବଙ୍ଗ ବସିରହାଟ ସବ-ଡିଭିଜନାଲ କୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି। ଏହା ପୂର୍ବରୁ କୋଲକାତା ହାଇକୋର୍ଟଙ୍କ ନିଷ୍ପତ୍ତି ପରେ ରାଜ୍ୟ ପୁଲିସର ସିଆଇଡି ଶେଖକୁ ସିବିଆଇକୁ ହସ୍ତାନ୍ତର କରିଥିଲା। ତା ବିରୋଧରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଏବଂ ଜମି ହଡ଼ପ ଅଭିଯୋଗ ମଧ୍ୟ ଲାଗିଛି।

## ପାକିସ୍ତାନ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ

ଇସଲାମାବାଦ, ୧୦।୩ (ଏଜେନ୍ସି): ଆସିଫ ଅଲି ଜରଦାରୀ ପାକିସ୍ତାନର ନୂଆ ରାଷ୍ଟ୍ରପତି ଭାବେ ରବିବାର ଶପଥ ଗ୍ରହଣ କରିଛନ୍ତି। ଇସଲାମାବାଦ ସ୍ଥିତ ରାଷ୍ଟ୍ରପତି ଭବନ ଏୱାନ-ଇ-ସଦରରେ ଦେଶର ପ୍ରଧାନ ବିଚାରପତି କାଜି ଫୈଜ ଇସା ତାଙ୍କୁ ଶପଥପାଠ କରାଇଛନ୍ତି। ଏହି ସମୟରେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ, ପୂର୍ବତନ ରାଷ୍ଟ୍ରପତି ଆରିଫ ଅଲଭି, ହାଇକୋର୍ଟ ବିଚାରପତିଙ୍କ ସମେତ ଅନେକ ବିଦେଶୀ କୂଟନୀତିଜ୍ଞ ଉପସ୍ଥିତ ଥିଲେ।

## ୫ ଶାବକ ଜନ୍ମଦେଲା ଚିତା 'ଗାମିନୀ'

ଭୋପାଳ, ୧୦।୩ (ଏଜେନ୍ସି): ମଧ୍ୟପ୍ରଦେଶ କୁନୋ ଜାତୀୟ ଉଦ୍ୟାନରୁ ପୁଣି ଖୁସି ଖବର ଆସିଛି। ଦକ୍ଷିଣ ଆଫ୍ରିକାରୁ ଅଣାଯାଇଥିବା ୫ ବର୍ଷୀୟ ଚିତା ବାଘ 'ଗାମିନୀ' ୫ ଶାବକଙ୍କୁ ଜନ୍ମ ଦେଇଛି। କେନ୍ଦ୍ରମନ୍ତ୍ରୀ ଭୁପେନ୍ଦ୍ର ଯାଦବ ରବିବାର ଏହି ସୂଚନା ଦେଇଛନ୍ତି। ସେ ଜାତୀୟ ଉଦ୍ୟାନର ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଶାବକଙ୍କୁ ଗାମିନୀ ଗେଲ କରୁଥିବାର ଭିଡିଓ ଏବଂ ଫଟୋକୁ ସେ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି। ଏହା ସହିତ କୁନୋରେ ଚିତା ଶାବକଙ୍କ ସଂଖ୍ୟା ୧୩ରେ ପହଞ୍ଚି ଯାଇଛି। ମୋଟ ଚିତା ସଂଖ୍ୟା ୨୬ ହୋଇଛି।

## ତିବ୍ବତରେ ଚୀନ୍ ବିରୋଧରେ ବିକ୍ଷୋଭ

ନୂଆଦିଲ୍ଲୀ,୧୦।୩(ଏଜେନ୍ସି): ସ୍ୱଦେଶରୁ ନିର୍ବାସିତ ହୋଇ ଭାରତରେ ଆଶ୍ରୟ ନେଇଥିବା ପ୍ରାୟ ୩ଶହ ତିବ୍ବତୀୟ ଆଜି ତିବ୍ବତର ପତାକା ଓ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ଫଟୋ ଧରି ପାର୍ଲାମେଣ୍ଟ ନିକଟରେ ଏକତ୍ରିତ ହୋଇ ଚୀନ ବିରୋଧୀ ସ୍ଲୋଗାନ୍ ଦେଇଥିଲେ। ସେମାନେ କହୁଥିଲେ ଯେ ତିବ୍ବତ କେବେ ବି ଚୀନର ଅଂଶ ନଥିଲା। ତିବ୍ବତ ଉପରେ ଚୀନର ତିଳେମାତ୍ର ଅଧିକାର ନାହିଁ। ଚୀନ ତୁରନ୍ତ ତିବ୍ବତ ଛାଡୁ। ତିବ୍ବତରେ ଚୀନ ମାନବିକ ଅଧିକାରର କ୍ଷୁର୍ଣ୍ଣ କରୁଛି ବୋଲି ବିକ୍ଷୋଭକାରୀମାନେ ପ୍ରକାଶ କରିଛନ୍ତି। ଆଜି ଥିଲା ୬୫ତମ ତିବ୍ବତ ବିଦ୍ରୋହ ଦିବସ। ୬୫ ବର୍ଷ ତଳେ ଆଜିର ଦିନରେ ତିବ୍ବତୀୟମାନେ ଚୀନର ଅନଧିକାର ତିବ୍ବତ ଦଖଲର ତୀବ୍ର ପ୍ରତିବାଦ କରି ବିଦ୍ରୋହର ଆହ୍ୱାନ ଦେଇଥିଲେ।

### ୧୫ ସୁଦ୍ଧା ଦୁଇ ନିର୍ବାଚନ କମିଶନ ନିଯୁକ୍ତି

# ସିଇସିଙ୍କ ସହ ମତଭେଦରୁ ଗୋୟଲଙ୍କ ଇସ୍ତଫା !

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି)

ଲୋକସଭା ନିର୍ବାଚନ ଘୋଷଣା ପୂର୍ବରୁ ୨ ନିର୍ବାଚନ କମିଶନର (ଇସି) ପଦବୀ ଖାଲି ରହିଛି। ୧୫ ତାରିଖ ସୁଧା ଏହି ପଦବୀ ପୂରଣ ହେବ। ଇସି ନିଯୁକ୍ତି ଲାଗି ୧୩ କିମ୍ବା ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କମିଟିର ବୈଠକ ବସିବ ବୋଲି ସୂଚନା ମିଳିଛି। ଏହି ଦୁଇ ପଦବୀ ପୂରଣ ଲାଗି କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ନେତୃତ୍ୱରେ ସ୍ୱରାଷ୍ଟ୍ର ଏବଂ କାର୍ମିକ ମନ୍ତ୍ରାଳୟର କ୍ୟାବିନେଟ ସଚିବଙ୍କୁ ନେଇ ଏକ ଅନୁସନ୍ଧାନ କମିଟି ଗଠନ କରାଯାଇଛି। ଏହି କିମିଟି ପଦବୀ ପୂରଣ ଲାଗି ୧୦ ଜଣଙ୍କ ନାମ ସ୍ଥିର କରିବେ। ପରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କମିଟି ଏହା ଉପରେ ଶେଷ ନିଷ୍ପତ୍ତି ନେଇ ରାଷ୍ଟ୍ରପତିଙ୍କୁ ନାମ ସୁପାରିସ କରିବେ।

ଗତ ଫେବୃଆରୀରେ ଇସି ଅନୁପ ଚନ୍ଦ୍ର ପାଣ୍ଡେ ଅବସରଗ୍ରହଣ କରିଥିଲେ। ଶନିବାର ଅନ୍ୟତମ ଇସି ଅରୁଣ ଗୋୟଲ ଅଚାନକ ଇସ୍ତଫା ଦେଇଥିଲେ। ୩ ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନରେ ଏବେ କେବଳ ମୁଖ୍ୟ ନିର୍ବାଚନ କମିଶନର (ସିଇସି)ରାଜୀବ କୁମାର ଅଛନ୍ତି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସିଇସିଙ୍କ ସହ ମତଭେଦ ତୀବ୍ର ହେବା କାରଣରୁ ଗୋୟଲ ଇସ୍ତଫା ଦେଇଥିଲେ। ତେବେ ଗୋୟଲ ଏଥିପାଇଁ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ସେ ଇସ୍ତଫା ନ ଦେବା ପାଇଁ କେନ୍ଦ୍ର ପକ୍ଷରୁ ପ୍ରୟାସ କରାଯାଇଥିଲା। ଗୋୟଲଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଠିକ୍ ଥିଲା। ଏଥିପାଇଁ ଖରାପ ସ୍ୱାସ୍ଥ୍ୟଗତ ସମସ୍ୟା ଇସ୍ତଫାର କାରଣ ନୁହେଁ ବୋଲି କୁହାଯାଉଛି।



ଅନ୍ୟ ଏକ ରିପୋର୍ଟ ଅନୁଯାୟୀ କିଛି ଦିନ ତଳେ ସିଇସି ଏବଂ ଇସି ଗୋୟଲ ଲୋକସଭା ନିର୍ବାଚନର ପ୍ରସ୍ତୁତି ସମୀକ୍ଷା ପାଇଁ ପଶ୍ଚିମବଙ୍ଗ ଗସ୍ତ କରିଥିଲେ। ମତଭେଦ କାରଣରୁ ଏଠାକାର ପ୍ରସ୍ତୁତି ସମ୍ବନ୍ଧିତ ସୂଚନା ଦେବା ପାଇଁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ମାତ୍ର ଏଥିରେ ସାମିଲ ହେବେ ନାହିଁ ବୋଲି ଗୋୟଲ ମନା କରିଦେଇଥିଲେ। ଏହା ପରେ ମାର୍ଚ୍ଚ ୫ ତାରିଖରେ ରାଜୀବ କୁମାର ଏକାକୀ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଯୋଗୁଁ ଗୋୟଲ ଦିଲ୍ଲୀ ଚାଲି ଯାଇଥିବା କହିଥିଲେ। ଗୋୟଲଙ୍କ ଇସ୍ତଫାକୁ ନେଇ ବିରୋଧୀ ସରକାରଙ୍କୁ ସମାଲୋଚନା କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ନିର୍ବାଚନ କମିଶନ ନା ନିର୍ବାଚନ ଓମିଶନ। ଲୋକସଭା ନିର୍ବାଚନ ପୂର୍ବରୁ ଏପରି କାହିଁକି ହେଉଛି? ସ୍ୱାଧୀନ ସଂସ୍ଥାକୁ ଶେଷ କରିବା ପୂର୍ବରୁ ଅଟକା ନ ଗଲେ ଗଣତନ୍ତ୍ରକୁ ଏକଛତ୍ରଶାସକ କବ୍ଜା କରିନେବେ। ସେହିପରି ଜୟରାମ ରମେଶ ଇସିଙ୍କ ଇସ୍ତଫାକୁ ନେଇ ୩ ପ୍ରଶ୍ନ ପଚାରିଛନ୍ତି। ସିଇସି ଏବଂ ଇସିଙ୍କ ମଧ୍ୟରେ ମତଭେଦ ଥିଲା କି? ସରକାରଙ୍କ ସହ ତାଙ୍କର ମତଭେଦ ଥିଲା କି? କିମ୍ବା ସେ ବିଜେପି ଟିକଟରେ ନିର୍ବାଚନ ଲଢ଼ିବେ କି ବୋଲି ପଚାରିଛନ୍ତି।

## ଲେମ୍ବୁର ଦାମ ୩୫ ହଜାର ଟଙ୍କା

ଚେନ୍ନଇ, ୧୦।୩ (ଏଜେନ୍ସି): ଗୋଟିଏ ଲେମ୍ବୁ ୩୫ ହଜାର ଟଙ୍କାରେ ବିକ୍ରି ହୋଇଛି। ଯେକେହି ଏହା ଶୁଣିଛନ୍ତି ସେ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ଏହି ଲେମ୍ବୁ ନେବା ପାଇଁ ପ୍ରତିଯୋଗିତା ଲାଗି ରହିଥିଲା। ତେଣୁ ଏହାର ନିଲାମ କରାଯାଇଥିଲା। ଏଥିରେ ୧୫ ଜଣ ଲୋକ ଭାଗନେଇଥିଲେ।ମହାଶିବରାତ୍ରୀ ଅବସରରେ ତାମିଲନାଡୁ ଇରୋଡର ଶିବଗିରି ଗ୍ରାମରେ ଥିବା ମନ୍ଦିରରେ ଏହି ଲେମ୍ବୁ ଭୋଗ ଲାଗିଥିଲା। ଇରୋଡର ଜଣେ ଭକ୍ତ ଏହାକୁ ନିଲାମରେ ନେଇଥିଲେ। ଏହା ସହିତ ଅନ୍ୟ ପ୍ରସାଦ ମଧ୍ୟ ନିଲାମ କରାଯାଇଥିଲା। ଏହି ମନ୍ଦିରରେ ଦୀର୍ଘ ଦିନ ହେଲା ଏପରି ପରମ୍ପରା ଚାଲିଆସିଛି। ପଝାପୁସିୟନ ମନ୍ଦିରର ପୂଜାରୀ ନିଲାମ କରାଯାଇଥିବା ଲେମ୍ବୁକୁ ଭଗବାନ ଶିବଙ୍କ ନିକଟରେ ରଖିଥିଲେ। ପରେ ଏକ ପୂଜା କରି ଭକ୍ତଙ୍କ ଉପସ୍ଥିତିରେ ସେହି ଲେମ୍ବୁକୁ ନିଲାମ ଧାରକଙ୍କୁ ନେଇଥିଲେ। ମାନ୍ୟତା ଅନୁଯାୟୀ ଯେଉଁ ବ୍ୟକ୍ତି ଏହି ଲେମ୍ବୁ ନେଇଥାନ୍ତି, ସେହି ବ୍ୟକ୍ତିଙ୍କୁ ଧନଧାନ୍ୟ ଏବଂ ଆରୋଗ୍ୟ ରହିବାର ଆଶୀର୍ବାଦ ମିଳିଥାଏ।

### ■ ଲୋକସଭା ନିର୍ବାଚନ ପାଇଁ ଟିଏମ୍‌ସିର ପ୍ରାର୍ଥୀ ଘୋଷଣା

# ରଚନା ବାନାର୍ଜୀ, ୟୁସୁଫ ପଠାନ, କିର୍ତ୍ତି ଆଜାଦଙ୍କୁ ଟିକଟ

କୋଲକାତା, ୧୦।୩ (ଏଜେନ୍ସି)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରାଜ୍ୟର ସମସ୍ତ ୪୨ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଦଳ ଅଭିନେତ୍ରୀ ରଚନା ବାନାର୍ଜୀ (ହୁଗୁଳୀ), ପୂର୍ବତନ କ୍ରିକେଟର ୟୁସୁଫ ପଠାନ (ବରହାମପୁରା), କିର୍ତ୍ତି ଆଜାଦ (ଦୁର୍ଗାପୁର)ଙ୍କୁ ଟିକଟ ଦେଇଛି। କଂଗ୍ରେସ ସାଂସଦ ଅଧିର ରଞ୍ଜନ ଚୌଧୁରୀଙ୍କ ବିରୋଧରେ ୟୁସୁଫଙ୍କୁ ପ୍ରାର୍ଥୀ କରାଯାଇଛି। ଏହା ବ୍ୟତୀତ ଆସନସୋଲରୁ ଅଭିନେତା ଶତ୍ରୁଘ୍ନ ସିହ୍ନା, ଘାଟଲରୁ ଦୀପକ ଅଧିକାରୀ ଦେବଙ୍କୁ ଏବଂ କୃଷ୍ଣାନଗରରୁ ପୁଣି ମହୁଆ ମୋଇତ୍ରଙ୍କୁ ଟିକଟ ଦିଆଯାଇଛି।



### ଦିଦିଙ୍କ ସହ ୪୨ ପ୍ରାର୍ଥୀଙ୍କ ର୍‍ୟାମ୍ପ ୱାକ୍

ମାତ୍ର ବସିରହାଟରୁ ଅଭିନେତ୍ରୀ ନୁସରତ ଜହାଁ ଏବଂ ଜାଦବପୁରରୁ ମିମି ଚକ୍ରବର୍ତ୍ତୀଙ୍କ ଟିକଟ କାଟି ଦିଆଯାଇଛି। ବର୍ତ୍ତମାନର ୧୬ ସାଂସଦଙ୍କୁ ପୁଣି ପ୍ରାର୍ଥୀ କରାଯାଇଛି। ଏମାନଙ୍କ ମଧ୍ୟରେ ୧୨ ମହିଳା ସାମିଲ ଅଛନ୍ତି।

ପ୍ରାର୍ଥୀ ଘୋଷଣା ପାଇଁ କୋଲକାତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ଏକ ରାଲି ଆୟୋଜନ କରାଯାଇଥିଲା। ଏଥିରେ ମମତା ଦିଦିଙ୍କ ପୁତୁରା ଅଭିଷେକ ବାନାର୍ଜୀ ସମସ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ଜଣଙ୍କ ପରେ ଜଣେ ଆସି ଦିଦିଙ୍କ ପଛରେ ର୍‍ୟାମ୍ପ ୱାକ୍ କରିଥିଲେ। ତେବେ ଟିକଟ ନ ମିଳିବାରୁ ବିଜେପିରୁ ପୁଣି ଟିଏମ୍‌ସି ଫେରିଥିବା ଅର୍ଜୁନ ସିଂହ ଅଧାରୁ ସଭା ଛାଡ଼ି ପଳାଇ ଥିଲେ। ପ୍ରଥମ ଥର ପାଇଁ କୌଣସି ଏକ ଦଳ ଏପରି ରାଲି କରି ପ୍ରାର୍ଥୀ ଘୋଷଣା କରିଛି। ମମତା ବିରୋଧୀ ମେଣ୍ଟରେ ସାମିଲ ହୋଇଥିବାବେଳେ ଏକାକୀ ରାଜ୍ୟରେ ଲଢ଼ିବେ ବୋଲି ପୂର୍ବରୁ ଘୋଷଣା କରିଥିଲେ।

## ଲାଲୁଙ୍କ ଘନିଷ୍ଠ ସୁଭାଷ ଯାଦବଙ୍କୁ ଗିରଫ କଲା ଇଡି

ପାଟନା, ୧୦।୩(ଏଜେନ୍ସି)

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ଘନିଷ୍ଠ ସହଯୋଗୀ ସୁଭାଷ ଯାଦବଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଛି। ବିହାରରେ ବେଆଇନ ବାଲି ଖନନ ଓ ସେ ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ଇଡି ଟିମ୍ ଗତକାଲି (ଶନିବାର) ସୁଭାଷ ଯାଦବଙ୍କ ବାସଭବନ, ଅଫିସ ଓ ତାଙ୍କ ନିକଟ ସମ୍ପର୍କିୟଙ୍କ ୬ରୁ ଅଧିକ ଠିକଣାରେ ଚଢ଼ଉ ଓ ଖାନତଲାସ କରିଥିଲା। ଇଡି ଟିମ୍ ସେସବୁ ସ୍ଥାନରୁ ନଗଦ ୨କୋଟି ୩୦ଲକ୍ଷ ଟଙ୍କା ଜବତ କରିବା ପରେ ସୁଭାଷଙ୍କୁ ଗିରଫ କରାଯାଇ ଆଜି ଏକ ଅଦାଲତରେ ହାଜର କରାଯାଇଥିଲା। ଅଦାଲତ ସୁଭାଷଙ୍କୁ ଜେଲ ପଠାଇଛନ୍ତି। ତାଙ୍କୁ ଆସନ୍ତା କାଲି(ସୋମବାର) କେବଳ ମନିଲଣ୍ଡରିଂ ମାମଲାଗୁଡ଼ିକର ବିଚାର କରୁଥିବା ପାଟନାର ପିଏମଏଲଏ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବ। ବିହାରରେ ବ୍ରଡସନ୍ସ କମୋଡିଟିଜ ପ୍ରା ଲିଃ ନାମକ କମ୍ପାନୀ ବେଆଇନ ଭାବେ ବାଲି ଖନନ ଓ ବିକ୍ରି କରୁଥିବା ଅଭିଯୋଗରେ ପୁଲିସ୍ ସେହି କମ୍ପାନୀ ବିରୋଧରେ ୨୦ଟି ଏଫଆଇଆର ପଞ୍ଜିକୃତ କରିଥିଲା। କମ୍ପାନୀ

### ୨.୩ କୋଟି ଟଙ୍କା ଜବତ

ଏହି ବେଆଇନ ବାଲି ଖନନ ଓ ବିକ୍ରିରୁ ୧୬୧ କୋଟି ଟଙ୍କା ପାଇଥିଲା। ଇଡି ମନିଲଣ୍ଡରିଂ ନିରୋଧ ଆଇନ ବଳରେ ଗତବର୍ଷ ବିହାରର ଏମଏଲସି ତଥା ଜେଡିୟୁ ନେତା ରାଧା ଚରଣ ସାହ, ତାଙ୍କ ପୁତ୍ର କନ୍ହେୟା ପ୍ରସାଦଙ୍କ ସମେତ ବ୍ରଡସନ୍ସ କମାନୀର ନିର୍ଦ୍ଦେଶକ ମିଥିଳେଶ ସିଂହ, ବାବନ ସିଂହ ଓ ସୁରେନ୍ଦ୍ର ଜିନ୍ଦଲଙ୍କୁ ଗିରଫ କରିଥିଲା। ଜାମିନ ମିଳୁନଥିବାରୁ ସେମାନେ ସମସ୍ତେ ଏବେ ଜେଲରେ ଅଛନ୍ତି। ସେହି ବେଆଇନ ବାଲି ଖନନ ଓ ବିକ୍ରି ସିଣ୍ଡିକେଟ ସହ ସଂପୃକ୍ତ ଥିବା ଅଭିଯୋଗରେ ଏବେ ସୁଭାଷଙ୍କୁ ଗିରଫ କରାଯାଇଛି।

### ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ

# ଶ୍ରୀରାମ ଥିଲେ ତାଙ୍କ ପାଖକୁ ଇଡି-ସିବିଆଇ ପଠାଇଥାନ୍ତା ବିଜେପି

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଶନିବାର ବିଧାନସଭାରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କଟାକ୍ଷ କରି କହିଛନ୍ତି ଯେ ଯଦି ଆଜି ଭଗବାନ ଶ୍ରୀରାମ ଥାଆନ୍ତେ ତେବେ ବିଜେପି ତାଙ୍କ ଘରକୁ ଇଡି-ସିବିଆଇ ପଠାଇ ଦେଇଥାନ୍ତା। ବନ୍ଧୁକ ରଖି ବିଜେପିରେ ସାମିଲ ହେବ କି ଜେଲ୍ ଯିବ ପଚାରିଥାଆନ୍ତା ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ମଦ ନୀତି ଦୁର୍ନୀତି ମାମଲାରେ ଆପ୍‌ର ୩ ବଡ଼ ନେତା ମନୀଷ ସିସୋଦିଆ, ସତ୍ୟେନ୍ଦ୍ର ଜୈନ ଏବଂ ସଞ୍ଜୟ ସିଂହଙ୍କୁ ଇଡି ଏବଂ ସିବିଆଇ ଗିରଫ କଲେଣି। ଏହି ମାମଲାରେ ପଚରାଉଚୁରା ପାଇଁ ଇଡି କେଜ୍ରିୱାଲଙ୍କୁ ୮ ଥର ସମନ ଜାରି କରିସାରିଲାଣି। କିନ୍ତୁ ସେ କୌଣସି ଥର ହାଜର ହୋଇନାହାନ୍ତି। ଏହାକୁ ନେଇ କେଜ୍ରିୱାଲ କହିଛନ୍ତି ଯେ ଖୁବଶୀଘ୍ର ଇଡି ନବମ ସମନ ପଠାଇବ। କିନ୍ତୁ ଏଜେନ୍ସି ଯେତେ ସମନ ପଠାଇବ ସେ ସେତେ ସ୍କୁଲ ବନାଇବେ ବୋଲି ଗୃହରେ ଘୋଷଣା କରିଛନ୍ତି। ସେ ନିଜ ଗିରଫ ଆଶଙ୍କା ମଧ୍ୟ କରିଛନ୍ତି। ବିଜେପି ଆପ୍‌କୁ ଶେଷ କରିବାକୁ ଚାହୁଁଛି। ତାଙ୍କୁ ଜେଲ୍ ପଠାଇବାକୁ ଯୋଜନା କରୁଛି। ବିରୋଧୀ ବିଧାୟକଙ୍କୁ ଭାଙ୍ଗି ଭଲ କାମକୁ ବନ୍ଦ କରିବାକୁ ଚାହୁଁଛି ବୋଲି ଅଭିଯୋଗ କରିଛନ୍ତି। ଦେଶ ସାମ୍ନାରେ ଏକ ବିକାଶ ମଡେଲ ଏବଂ ବିନାଶ ମଡେଲ ରହିଛି। ଉଭୟ ମଡେଲ ନିର୍ବାଚନ ଜିତାଇ ଥାଏ। ଏବେ ଦେଶକୁ ବିକାଶ ଦରକାର ନା ବିନାଶ ତାହା ଲୋକେ ସ୍ଥିର କରିବେ। ସେହିପରି ଆଗାମୀ ବଜେଟ ମନୀଷ ସିସୋଦିଆ ଉପସ୍ଥାପନ କରିବେ ବୋଲି ସେ ଆଶା କରିଛନ୍ତି। ଏହା ପୂର୍ବରୁ କେଜ୍ରିୱାଲ ମହିଳାଙ୍କ ସହ ଟାଉନ ହଲ୍ ବୈଠକ କରିଥିଲେ। ସେ ଆପକୁ ଭୋଟ ଦେବାକୁ କହିଥିଲେ। ସ୍ୱାମୀ ଯଦି ମୋଦୀ ମୋଦୀ ହୁଅନ୍ତି ତେବେ ରାତିରେ ଖାଇବାକୁ ନ ଦେବାକୁ ମହିଳାଙ୍କୁ କହିଥିଲେ।



ସକାଳ
THE SAKALA


## ନବୀନ ଓଡ଼ିଶା ନିର୍ମାଣ ପାଇଁ ଯୁବଶକ୍ତିର ଅଭ୍ୟୁଦୟ

# ଉଚ୍ଚଶିକ୍ଷାର୍ଥୀଙ୍କ ପାଇଁ 'ନବୀନ' ପାସପୋର୍ଟ!

ଗତ ଦୁଇଦଶନ୍ଧିରୁ ଅଧିକ ସମୟ ଧରି ଆମ ରାଜ୍ୟରେ ଚଉମୁଖୀ ବିକାଶ ଓ ଜନମଙ୍ଗଳ କାର୍ଯ୍ୟକ୍ରମର ଯେଉଁ ସଂକଳ୍ପ ନେଇ ଶାସନ ଓ ପ୍ରଶାସନ ବ୍ରତୀ ହୋଇଛନ୍ତି ତାହା ଓଡ଼ିଶାବାସୀ ଓ ସାରା ଦେଶରେ ନୁହେଁ, ବରଂ ବିଶ୍ୱସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି। ସ୍ଥିର ଶାସନ ଓ ଦୂରଦ୍ରଷ୍ଟା ଜନନାୟକ ମୁଖ୍ୟମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସମାଜର ସବୁବର୍ଗର ବ୍ୟକ୍ତିମାନଙ୍କୁ ନେଇ ବିକାଶର ପଥ ପ୍ରଶସ୍ତ ହୋଇ ଚାଲିଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ବାରି ହେଉଛି ଯେ ବିକାଶ ପ୍ରକଳ୍ପ ଓ ଜନହିତକର ଯୋଜନା ରାଜ୍ୟର ସବୁସ୍ତରରେ ଲୋକାଭିମୁଖୀ ହୋଇଛି। ବିଶେଷକରି ଯୁବବର୍ଗଙ୍କ ପାଇଁ ଆମ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଓଡ଼ିଶାର ନବଉନ୍ମେଷ(ନୂଆ ଓ) ପାଇଁ ଯେଉଁସବୁ ଅଭିନବ ଯୋଜନା ହାତକୁ ନେଇଛନ୍ତି ସେଭଳି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିନଠାରୁ ଆଜି ପର୍ଯ୍ୟନ୍ତ କେବେ ହୋଇ ନଥିଲା।

ଓଡ଼ିଶାରେ ବିକାଶର ଯେଉଁ ରୂପାନ୍ତରଣ ପ୍ରକ୍ରିୟା ଜାରି ରହିଛି ସେଥିରେ ଏବେ ସାମିଲ୍ ହୋଇଛନ୍ତି ଆଗାମୀ ଦିନର ଦେଶର ଭବିଷ୍ୟତ ଯୁବବର୍ଗ। ରାଜ୍ୟର ଯୁବବର୍ଗଙ୍କ ଭିତରେ ଲୁଚି ରହିଥିବା କଳାନୈପୁଣ୍ୟର ଚିହ୍ନଟ କରି ତାହାର ଯଥୋଚିତ ବିକାଶ ପାଇଁ 'ନୂଆ ଓ' ଜରିଆରେ ଆରମ୍ଭ ହୋଇଥିବା ଏହି ପର୍ବରେ ଆଉ ଏକ ଯୁଗାନ୍ତକାରୀ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ତାହା ହେଉଛି 'ନବୀନ ଓଡ଼ିଶା ମ୍ୟାଜିକ ସ୍ମାର୍ଟ କାର୍ଡ'। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀରେ ଏ ସମ୍ପର୍କିତ ପୋର୍ଟାଲ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବେଳେ ମାଲ୍‌କାନଗିରିରେ ଏଥିପାଇଁ ଛାତ୍ରଛାତ୍ରୀଙ୍କ ପଞ୍ଜିକରଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଏହି ପୋର୍ଟାଲ୍‌ରେ ସମସ୍ତ ସରକାରୀ, ଅର୍ଦ୍ଧସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନରେ ପଢୁଥିବା ଯୁକ୍ତ ତିନି ଓ ପିଜି ଛାତ୍ରଛାତ୍ରୀମାନେ ନିଜ ନାମ ପଞ୍ଜିକରଣ କରିପାରିବେ। ଉପଯୁକ୍ତ ତନଖି ପରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କୁ ମ୍ୟାଜିକ୍ ସ୍ମାର୍ଟ କାର୍ଡ ପ୍ରଦାନ କରାଯିବ। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ନୂଆ ଓ' ଛାତ୍ରବୃତ୍ତି ଯୋଜନା କାର୍ଯ୍ୟକାରୀ କରାଯିବା ସହିତ ଏହାର ରୂପାୟନ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ଯେଉଁ ଛାତ୍ରଛାତ୍ରୀଙ୍କ ପିତାମାତା ସ୍ଥାୟୀ ସରକାରୀ ଚାକିରି କରିଥିବେ କିମ୍ବା ଆୟକର ଦେଉଥିବେ କିମ୍ବା 'କାଳିଆ' ଯୋଜନା କିମ୍ବା ଅନ୍ୟ ଯୋଜନା ଅଧୀନରେ ବୃତ୍ତି ପାଉଥିବେ ସେମାନଙ୍କୁ ଛାଡ଼ି ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏହି ସୁବିଧା ଦିଆଯିବ। ଛାତ୍ର ଓ ଛାତ୍ରୀମାନଙ୍କ ପାଇଁ ଏହି ବୃତ୍ତି ଯୋଜନାର ପରିମାଣ ଯଥାକ୍ରମେ ବାର୍ଷିକ ୯ ହଜାର ଓ ୧୦ ହଜାର ଟଙ୍କା ରହିଥିବା ବେଳେ ଅନୁସୂଚିତ ଜାତି, ଜନଜାତି ଓ ନିର୍ମାଣ ଶ୍ରମିକଙ୍କ ପରିବାରର ପିଲାମାନଙ୍କୁ ଏହି ଯୋଜନାରେ ଯଥାକ୍ରମେ ୧୦ ହଜାର ଓ ୧୧ ହଜାର ଟଙ୍କା ମିଳିବ।

ଯୁବଶକ୍ତି ଯେକୌଣସି ଦେଶର ସମ୍ପତ୍ତି। ତେଣୁ ଦେଶଗଠନରେ ସେମାନଙ୍କ ଦକ୍ଷତା ଓ ସାମର୍ଥ୍ୟକୁ ଉପଯୋଗ କରିବା ପାଇଁ ଏକ ଜନମଙ୍ଗଳ ଓ ଦୂରଦ୍ରଷ୍ଟା ସରକାର ଅଗ୍ରାଧିକାର ଦେବା ଅପରିହାର୍ଯ୍ୟ। ବିଶେଷକରି ଆଉ ମାତ୍ର ୧୨ ବର୍ଷ ପରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରିବାକୁ ଯାଉଥିବା ଆମ ରାଜ୍ୟର ବିକାଶ ପାଇଁ ରାଜ୍ୟ ସରକାର ଯେଉଁ 'ଭିଜନ୍ ୨୦୩୬'ର ସ୍ୱପ୍ନ ଦେଖିଛନ୍ତି ତାହାକୁ ସାକାର କରିବାକୁ ହେଲେ ଦକ୍ଷ ଓ ସଶକ୍ତ ଯୁବବର୍ଗଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ନବୀନ ସରକାର ପୂର୍ବରୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଗଠନ କରିଥିବା ବେଳେ ଏବେ ଆଉ ଏକ ପାଦ ଆଗକୁ ଯାଇ 'ନୂଆ-ଓ' କାର୍ଯ୍ୟକ୍ରମ ଓ 'ନୂଆ-ଓ' ଛାତ୍ରବୃତ୍ତି ଭଳି ଯୁଗାନ୍ତକାରୀ ଯୋଜନା ହାତକୁ ନେଇଛନ୍ତି। ଏହା ଯୁବଶକ୍ତିକୁ ଆହୁରି ସଶକ୍ତ କରିବାରେ ବୈପ୍ଳବିକ ପଦକ୍ଷେପ ଭାବେ ସାବ୍ୟସ୍ତ ହେବ।

'ନୂଆ ଓ' ଛାତ୍ରବୃତ୍ତି ଯୋଜନା ଦ୍ୱାରା ଛାତ୍ରଛାତ୍ରୀଙ୍କ ପିତାମାତାଙ୍କ ଉପରେ ଆର୍ଥିକ ବୋଝ ହ୍ରାସ ପାଇବ ଏବଂ ସେମାନେ ନିଜେ ନିଜର ଭବିଷ୍ୟତ ଗଠନ ଲାଗି ସ୍ୱପ୍ନ ଦେଖିପାରିବେ। ଆଗଭଳି ଆଉ ପରିବାର ଉପରେ ଆର୍ଥିକ ବୋଝ ହୋଇ ରହିବେ ନାହିଁ। ସେହିପରି ଆସନ୍ତା ଅଗଷ୍ଟ ୧୫ ତାରିଖଠାରୁ ରାଜ୍ୟର ସମସ୍ତ ଯୋଗ୍ୟ ବିବେଚିତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯିବାକୁ ଥିବା ନବୀନ ଓଡ଼ିଶା ମ୍ୟାଜିକ ସ୍ମାର୍ଟ କାର୍ଡ ଯୁବବର୍ଗଙ୍କ ଶୈକ୍ଷିକବିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତି ପାଇଁ ଏକ ମାର୍ଗଦର୍ଶକ ଭାବେ ସହାୟକ ହୋଇପାରିବ। ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ। ମୋଟ ଉପରେ କହିବାକୁ ଗଲେ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ଯୁବ ସମୃଦ୍ଧିର ପାସପୋର୍ଟ ହେବ। କାର୍ଡଗୁଡ଼ିକୁ ସେମାନଙ୍କ ବିଭିନ୍ନ କାର୍ଯ୍ୟକଳାପର ମାନଦଣ୍ଡ ମାଧ୍ୟମରେ ପାଇଥିବା ପଏଣ୍ଟ ଅନୁଯାୟୀ ରୌପ୍ୟ, ସ୍ୱର୍ଣ୍ଣ ଓ ପ୍ଲାଟିନମ୍ ଭାବେ ବିଭକ୍ତ କରାଯିବ। ଛାତ୍ରଛାତ୍ରୀଙ୍କ ଶ୍ରେଣୀରେ ଉପସ୍ଥାନ, ଶୃଙ୍ଖଳା, ଶୈକ୍ଷିକ ପ୍ରଦର୍ଶନ, ଅତିରିକ୍ତ ଦକ୍ଷତା, କ୍ରୀଡ଼ା, ଅନଲାଇନ୍ ପାଠ୍ୟକ୍ରମ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଆଦିରେ ଛାତ୍ରଙ୍କ ଦକ୍ଷତା ନେଇ ଏହି କାର୍ଡ ବଣ୍ଟନ ଓ ନବୀକରଣ କରାଯିବ। ଛାତ୍ରଛାତ୍ରୀମାନେ ଏହି କାର୍ଡରେ ବସ୍, ଟ୍ରେନ୍, ବିମାନରେ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ ଓ ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂରାଜୀ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିୟମ୍‌ରେ ପ୍ରବେଶ, ଆଲୋଚନାଚକ୍ରରେ ଅଂଶଗ୍ରହଣ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗ ଦେବା ଆଦି ବିଶେଷ ସୁବିଧା ପାଇ ପାରିବେ। ସତରେ ଦେଖିବାକୁ ଗଲେ ଜଣେ ଛାତ୍ର କିମ୍ବା ଛାତ୍ରୀ ପାଇଁ ଉଚ୍ଚମାନର ଶିକ୍ଷା, ଭବିଷ୍ୟତର ବୃତ୍ତି ନିର୍ଦ୍ଧାରଣ ତଥା ଏକ ସୁଦକ୍ଷ ନାଗରିକ ଭାବେ ନିଜକୁ ଗଢ଼ିବା ପାଇଁ ସମସ୍ତ ସୁବିଧା ସୁଯୋଗର ଚାବିକାଠି ଏହି ମ୍ୟାଜିକ କାର୍ଡ ମାଧ୍ୟମରେ ମିଳିପାରିବ। ଛାତ୍ରମାନଙ୍କୁ ସମ୍ଭାବ୍ୟ ନିଯୁକ୍ତି ସହିତ କମ୍ପାନୀ-ଏ ଲିଙ୍କଡଇନ୍ ଚାକିରି ଏବଂ ପ୍ଲେସମେଣ୍ଟ ସୁଯୋଗ ମଧ୍ୟ ପ୍ରଦାନ କରିବ। ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହିତ ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀ ହେବାକୁ ଉତ୍ସାହିତ କରିବ। ଏହି କାର୍ଡ ଜରିଆରେ ଯୁବଗୋଷ୍ଠୀଙ୍କ ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା 'ସ୍ୱୟମ୍' ଯୋଜନାରେ ବ୍ୟାଙ୍କମାନେ ସହଜରେ ଋଣ ପ୍ରଦାନ କରିବେ।

ଯୁବଗୋଷ୍ଠୀ ହିଁ ଆମର ଭବିଷ୍ୟତର ନାଗରିକ। ସେମାନଙ୍କର ସ୍ୱପ୍ନ ସାକାର କରିବା ପାଇଁ ଯେଉଁସବୁ ବିକାଶ ଫର୍ଦ୍ଦ 'ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ସାମିଲ୍ କରାଯାଉଛି ତାହା ସାରା ଦେଶ ପାଇଁ ଏକ ବଳିଷ୍ଠ ଉଦାହରଣ। ଓଡ଼ିଶାର ଯୁବଗୋଷ୍ଠୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ତଥା ଓଡ଼ିଶାର ନବନିର୍ମାଣ ପାଇଁ 'ନୂଆ ଓ' କାର୍ଯ୍ୟକ୍ରମ ଯେ ଏକ ସ୍ୱର୍ଦ୍ଧିତ ସାମୂହିକ ଆନ୍ଦୋଳନ - ଏଥିରେ ସନ୍ଦେହ ନାହିଁ।

# ବନ୍ୟଜନ୍ତୁଙ୍କ ପାଇଁ ଅଭିନବ ସୁରକ୍ଷା କବଚ




ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼, ମୋ: ୯୪୩୭୬୪୨୯୪୭


ବନ୍ୟଜନ୍ତୁ ପୃଥିବୀର ଜୈବବିବିଧତାର ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ମନୁଷ୍ୟ କାର୍ଯ୍ୟକଳାପ, ଜଳବାୟୁ ପରିବର୍ତ୍ତନ ଓ ଶିକାର ଯୋଗୁଁ ବନ୍ୟଜନ୍ତୁଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଛି। ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠି (ଡବ୍ଲୁଡବ୍ଲ୍ୟୁଏଫ୍)ର 'ଲିଭିଂ ପ୍ଲାନେଟ୍ ରିପୋର୍ଟ'ରେ ଏହି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। 'ଇଣ୍ଟରନ୍ୟାସନାଲ ୟୁନିୟନ ଫର୍ କଞ୍ଜରଭେସନ୍ ଅଫ୍ ନେଚର' (ଆଇୟୁସିଏନ୍)ର ରିପୋର୍ଟରେ ଆହୁରି କୁହାଯାଇଛି ଯେ ସମଗ୍ର ବିଶ୍ୱରେ ହଜାର ହଜାର ପ୍ରଜାତିର ବନ୍ୟଜନ୍ତୁ ଓ ଉଦ୍ଭିଦ ବିପଦରେ ଅଛନ୍ତି ଏବଂ ଆଗାମୀ ଦିନରେ ସେମାନେ ପୃଥିବୀରୁ ବିଲୁପ୍ତ ହେବା ଘଟଣାରେ ବୃଦ୍ଧି ଘଟିପାରେ। ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ରିପୋର୍ଟରେ କୁହାଯାଇଛି ଯେ ଜଙ୍ଗଲ ନଷ୍ଟ, ଆକ୍ରମଣାତ୍ମକ ପ୍ରଜାତିର ଉତ୍ପତ୍ତି, ପ୍ରଦୂଷଣ, ଜଳବାୟୁ ସଙ୍କଟ, ଚୋରାଚାଲାଣ ଏବଂ ବିଭିନ୍ନ ରୋଗ ବନ୍ୟପ୍ରାଣୀ ସଂଖ୍ୟା ହ୍ରାସର ମୁଖ୍ୟ କାରଣ।

ବନ୍ୟଜନ୍ତୁଙ୍କ ଅନ୍ତର୍ଜାତୀୟ ଚୋରା ଚାଲାଣକୁ ରୋକିବା ପାଇଁ ଭାରତ ନିକଟରେ ବାଂଲାଦେଶ, ମାଲେସିଆ, ଥାଇଲାଣ୍ଡ ଓ ଇଣ୍ଡୋନେସିଆର ବିଶେଷଜ୍ଞଙ୍କ ସହ ଗଭୀର ଭାବରେ ବିଚାରବିମର୍ଶ କରିଛି ଏବଂ ବନ୍ୟଜନ୍ତୁ ଚୋରା ଚାଲାଣକୁ ରୋକିବା ପାଇଁ ଏହି ଦେଶଗୁଡ଼ିକ ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଏକ ସାଧାରଣ ବ୍ୟବସ୍ଥା ବିକଶିତ କରିବାକୁ ଯୋଜନା କରିଛି। ପାଞ୍ଚଟି ଦେଶର ସାମୂହିକ ରଣନୀତି ଅଧୀନରେ କାର୍ଯ୍ୟ କରୁଥିବା ଏହି ବ୍ୟବସ୍ଥା ଏହି ଦେଶଗୁଡ଼ିକରେ ବନ୍ୟଜନ୍ତୁ ପୁନରୁଦ୍ଧାର ଘଟଣାଗୁଡ଼ିକର ବିଶ୍ଳେଷଣ କରିବ, ବନ୍ୟଜନ୍ତୁ ଚୋରା ଚାଲାଣକାରୀଙ୍କ ନେଟୱାର୍କ ଚିହ୍ନଟ କରିବ ଏବଂ ଇଣ୍ଟରପୋଲ ସହାୟତାରେ ଚୋରା ଚାଲାଣକାରୀଙ୍କ ଆର୍ଥିକ ପ୍ରବାହ ବ୍ୟବସ୍ଥାକୁ ଭାଙ୍ଗିବ। ବିଶ୍ୱବ୍ୟାପୀ ଅନେକ ପ୍ରଜାତିର ବନ୍ୟଜନ୍ତୁ ଧୀରେ ଧୀରେ ଲୋପ ପାଉଥିବାରୁ ୨୦୧୩ ଡିସେମ୍ବର ୨୦ ତାରିଖରେ ମିଳିତ ଜାତିସଂଘ ସାଧାରଣ ସଭା ମାର୍ଚ୍ଚ ୩ ତାରିଖକୁ 'ବିଶ୍ୱ ବନ୍ୟପ୍ରାଣୀ ଦିବସ' ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ବିଶ୍ୱ ବନ୍ୟପ୍ରାଣୀ ଦିବସ ପ୍ରତିବର୍ଷ ଏକ ସ୍ୱତନ୍ତ୍ର ଥିମ୍ ସହିତ ପାଳନ କରାଯାଏ। ଚଳିତ ବର୍ଷ 'ବନ୍ୟପ୍ରାଣୀ ସଂରକ୍ଷଣରେ ଡିଜିଟାଲ ଅଭିନବତା ଅନୁସନ୍ଧାନ' ଶୀର୍ଷକ ଅଧୀନରେ ଏହି ଦିବସ ଆୟୋଜନ କରାଯାଇଛି।

ବୈଷୟିକ ଉଦ୍ଭାବନ, ଗବେଷଣା, ଯୋଗାଯୋଗ, ଟ୍ରାକିଂ, ଡିଏନ୍‌ଏ ବିଶ୍ଳେଷଣ ଦ୍ୱାରା ବନ୍ୟପ୍ରାଣୀ ସଂରକ୍ଷଣର ଅଧିକ ସହଜ ଦକ୍ଷତାପୂର୍ଣ୍ଣ ହୋଇଛି। ତଥାପି ଏହି ନୂତନ ବୈଷୟିକ ଉପାଦାନଗୁଡ଼ିକର ଅସମାନ ଉପଲବ୍ଧତା, ପରିବେଶ ପ୍ରଦୂଷଣ ଏବଂ କେତେକ ପ୍ରଯୁକ୍ତିବିଦ୍ୟାର ଦୁର୍ବଳ ପ୍ରୟୋଗ ଯୋଗୁଁ ୨୦୩୦ ସୁଦ୍ଧା ସାର୍ବଜନୀନ ଡିଜିଟାଲ ଅନ୍ତର୍ଭୁକ୍ତୀକରଣ ହାସଲ ଲକ୍ଷ୍ୟ ପୂରଣରେ ଆହ୍ୱାନ ସୃଷ୍ଟି କରିଛି। ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଏବେ ଟେକ୍ନୋଲୋଜି କମ୍ପାନିମାନଙ୍କ ସହଭାଗିତାରେ ଡ୍ରୋନଠାରୁ ଆରମ୍ଭ କରି ଇନଫ୍ରାରେଡ୍ କ୍ୟାମେରା ପର୍ଯ୍ୟନ୍ତ ସବୁକିଛି ବ୍ୟବହାର କରି ବନ୍ୟଜନ୍ତୁ ଅପରାଧର ମୁକାବିଲା ପାଇଁ ଅଭିନବ ଉପାୟ ବିକଶିତ କରିବା ପାଇଁ କାର୍ଯ୍ୟ କରୁଛି। ୱେବ୍‌ଭିତ୍ତିକ ପ୍ଲାଟଫର୍ମ ମାଧ୍ୟମରେ ବେଆଇନ ବନ୍ୟପ୍ରାଣୀ ଉତ୍ପାଦ ବ୍ୟବସାୟର ମୁକାବିଲା ପାଇଁ ଡବ୍ଲୁଡବ୍ଲ୍ୟୁଏଫ୍ ଇ-କମର୍ସ ଏବଂ ସୋସିଆଲ ମିଡିଆ କମ୍ପାନୀମାନଙ୍କ ସହ ମିଶି ଅନଲାଇନ୍ ଟ୍ରେଡିଂ ନିୟନ୍ତ୍ରଣ ପାଇଁ ଏକ ବନ୍ୟପ୍ରାଣୀ ନୀତି ଗ୍ରହଣ କରିଛି।

ଡବ୍ଲୁଡବ୍ଲ୍ୟୁଏଫ୍ ପ୍ରାୟ ଛଅ ଦଶନ୍ଧି ଧରି ସମୃଦ୍ଧ ଏବଂ ବିବିଧ ଇକୋସିଷ୍ଟମର ସୁରକ୍ଷାରେ ନିୟୋଜିତ ଅଛି ଏବଂ ଏହାର ପ୍ରୟାସ କେତେକ ସ୍ଥାନରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିଛି। କିନ୍ତୁ ଅନେକ ପ୍ରଜାତିର ବନ୍ୟଜନ୍ତୁଙ୍କ ଅସ୍ତିତ୍ୱ ପ୍ରତି ଯେଉଁ ବେଗରେ ବିପଦ ସୃଷ୍ଟି ହୋଇଛି ତାହା ଅତ୍ୟନ୍ତ ଚିନ୍ତାଜନକ।

ଡବ୍ଲୁଡବ୍ଲ୍ୟୁଏଫ୍‌ର ଲକ୍ଷ୍ୟ ହେଉଛି ବିଶ୍ୱରେ ବାଘଙ୍କ ସଂଖ୍ୟାକୁ ଦ୍ୱିଗୁଣିତ କରିବା। ଏହି ପରିପ୍ରେକ୍ଷୀରେ କୁହାଯାଇଛି ଯେ କୌଣସି ଗୋଟିଏ ପ୍ରଜାତିର ପୁନରୁଦ୍ଧାର ଅପେକ୍ଷା ସଂରକ୍ଷଣ ଅଧିକ ଗୁରୁତ୍ୱପୂର୍ଣ୍ଣ। ବାଘକୁ ସୁରକ୍ଷିତ ରଖିଲେ ପାଖାପାଖି ପଚିଶ ହଜାର ଏକର ଜଙ୍ଗଲ ସୁରକ୍ଷିତ ରହିପାରିବ। ସେହି ଜଙ୍ଗଲ ବନ୍ୟଜନ୍ତୁ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସହାୟକ ହୋଇଥାଏ ଏବଂ ସମଗ୍ର ବିଶ୍ୱର ଲୋକଙ୍କୁ ସ୍ୱଚ୍ଛ ବାୟୁ, ଜଳ, ଖାଦ୍ୟ ଏବଂ ଉତ୍ପାଦ ପ୍ରଦାନ କରିଥାଏ। ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ରିପୋର୍ଟରେ କୁହାଯାଇଛି ଯେ ହାତୀଦାନ୍ତ ପାଇଁ ବେଆଇନ ଭାବେ ହାତୀ ହତ୍ୟା ସେମାନଙ୍କ ସଂଖ୍ୟାକୁ ହ୍ରାସ କରୁଛି। ଏକ ଆକଳନ ଅନୁଯାୟୀ ଶିକାରୀମାନେ ଦାନ୍ତ ପାଇଁ ପ୍ରତିବର୍ଷ ପ୍ରାୟ ୨୦, ୦୦୦ ହାତୀ ମାରିଥା'ନ୍ତି।

ଡ୍ରୋନ୍, ଜିପିଏସ୍ ଟ୍ରାକିଂ, କ୍ୟାମେରା ଟ୍ରାପିଂ, ଡିଏନ୍‌ଏ ଆନାଲିସିସ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭଳି ବିଭିନ୍ନ ଜ୍ଞାନକୌଶଳ ଏବେ ବନ୍ୟପ୍ରାଣୀ ମନିଟରିଂ, ବେଆଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ବନ୍ୟପ୍ରାଣୀ ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଶିକାରୀ ଓ ବେଆଇନ କାର୍ଯ୍ୟକଳାପ ଉପରେ ନଜର ରଖିବାରେ ଡ୍ରୋନ୍ ଟେକ୍ନୋଲୋଜି ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିବା ବେଳେ ବନ୍ୟଜନ୍ତୁଙ୍କ ଉପରେ ନଜର ରଖିବା, ସେମାନଙ୍କ ସଂଖ୍ୟା ଆକଳନ କରିବା ଏବଂ ସେମାନଙ୍କ ସ୍ଥାନାନ୍ତର ଚିହ୍ନଟ କରିବାରେ ଏହା ସହାୟକ ହେଉଛି। ସେହିଭଳି ଜିପିଏସ୍ ଟ୍ରାକିଂ ଡିଭାଇସ୍ ଏବେ ବନ୍ୟଜନ୍ତୁଙ୍କ ଗତିବିଧିକୁ ଟ୍ରାକ୍ କରିପାରିବ, ଯାହା ବିଶେଷଜ୍ଞମାନଙ୍କୁ ବାସସ୍ଥାନ, ଖାଦ୍ୟ ଏବଂ ପ୍ରଜନନ ଆଚରଣ ବୁଝିବାରେ ସାହାଯ୍ୟ କରିବ। ଅନ୍ୟ ଏକ ପ୍ରଭାବଶାଳୀ କୌଶଳ ହେଉଛି କ୍ୟାମେରା ଟ୍ରାପିଂ, ଯାହା ସେମାନଙ୍କ ସଠିକ୍ ସଂଖ୍ୟା, ସେମାନଙ୍କର ଗତିବିଧି ଏବଂ ସେମାନଙ୍କର ଆଚରଣ ଅଧ୍ୟୟନ କରିବାରେ ସହାୟକ ହୋଇଥାଏ। ବନ୍ୟଜନ୍ତୁ ସଂରକ୍ଷଣରେ ଏଆଇ ଟେକ୍ନୋଲୋଜିକୁ ବହୁତ ଉପଯୋଗୀ ବୋଲି ବିବେଚନା କରାଯାଇପାରେ। ଏହା ମାଧ୍ୟମରେ କରାଯାଇଥିବା ତଥ୍ୟ ବିଶ୍ଳେଷଣ ବେଆଇନ କାର୍ଯ୍ୟକଳାପ ଚିହ୍ନଟ କରିବା ସହିତ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରୟାସରେ ଆହୁରି ଉନ୍ନତି ଆଣିବାରେ ସହାୟକ ହୋଇପାରିବ। ଡିଏନ୍‌ଏ ବିଶ୍ଳେଷଣ କୌଶଳ ବନ୍ୟପ୍ରାଣୀ ପ୍ରଜାତି ଚିହ୍ନଟ, ସେମାନଙ୍କର ଜେନେଟିକ୍ ବିବିଧତା ଏବଂ ସେମାନଙ୍କ ସମ୍ପର୍କ ଅଧ୍ୟୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ରଣନୀତି ପ୍ରସ୍ତୁତ କରିବାରେ ସାହାଯ୍ୟ କରେ। ପରିବେଶ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ବନ୍ୟଜନ୍ତୁଙ୍କ ଅସ୍ତିତ୍ୱ ପ୍ରତି ବିପଦ ଭବିଷ୍ୟତରେ ଅମଳ, ଖାଦ୍ୟ ଉତ୍ପାଦନ ଇତ୍ୟାଦି ଉପରେ ସିଧାସଳଖ ପ୍ରଭାବ ପକାଇବ, ଯାହା ସମଗ୍ର ପରିବେଶକୁ ନାକାରାତ୍ମକ ପ୍ରଭାବିତ କରିବ।

ତେଣୁ ଜବରଦଖଲ, ପ୍ରଦୂଷଣ ଓ ପର୍ଯ୍ୟଟନ ସମ୍ବନ୍ଧୀୟ ଅନାବଶ୍ୟକ କାର୍ଯ୍ୟକଳାପ ଯୋଗୁଁ ସମଗ୍ର ବିଶ୍ୱରେ ବନ୍ୟଜନ୍ତୁଙ୍କ ଉପରେ ଦେଖାଦେଉଥିବା ସଙ୍କଟକୁ ରୋକିବା ପାଇଁ ଯଦି ଠୋସ୍ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ବଡ଼ ଧରଣର କ୍ଷତି ହୋଇପାରେ। ଯଦିଓ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ବନ୍ୟଜନ୍ତୁଙ୍କ ତଦାରଖ, ସେମାନଙ୍କ ବାସସ୍ଥାନର ସୁରକ୍ଷା ଏବଂ ସଂରକ୍ଷଣରେ ଯଥେଷ୍ଟ ଉନ୍ନତି ଆଣିଛି, କିନ୍ତୁ ପ୍ରକୃତିର ସନ୍ତୁଳନ ଏବଂ ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁଙ୍କ ସଂରକ୍ଷଣ ପାଇଁ ବିଶ୍ୱର ସମସ୍ତ ଦେଶ ନିଜ ନିଜ ସ୍ତରରେ ପ୍ରୟାସ କରିବାର ଆବଶ୍ୟକତା ରହିଛି।



# ବିବାହ ଓ ବିଚ୍ଛେଦ




ନିରଞ୍ଜନ ପଣ୍ଡା
କଟକ, ମୋ: ୯୪୩୭୧୯ ୯୧୯୩


ସହର ହେଉ କି ମଫସଲ, ଆଜିର ସମୟରେ ଯେମିତି ଉଭୟ ଝିଅପୁଅଙ୍କର ବିବାହ ଭୋଜି ଓ ଚତୁର୍ଥୀ ଭୋଜି ଅନୁଷ୍ଠିତ ହେଉଛି, ତାହା ଆମେ ସମସ୍ତେ ଆକଳନ କରିପାରୁଛେ। ସେହି ଅବସ୍ଥାକୁ ଦେଖିଲେ ମନରେ ସ୍ୱତଃ ପ୍ରଶ୍ନ ଉଙ୍କିମାରେ ଯେ ଏହି ରୀତି ନୀତିରେ ଅନୁଷ୍ଠିତ ହେଉଥିବା ବିବାହର ଭବିଷ୍ୟତ କ'ଣ? ଚତୁର୍ଥୀ ଭୋଜି ପରେ ପରେ ପ୍ରକୃତରେ ଏହି ରୀତି ନୀତିରେ ଅନୁଷ୍ଠିତ ହେଉଥିବା ବିବାହର ଭବିଷ୍ୟତ ନିର୍ଦ୍ଧାରଣ ହୋଇଯାଏ। ଚତୁର୍ଥୀ ଭୋଜି ଉତ୍ସବ ଅନୁଷ୍ଠିତ ହେବାର କିଛିଦିନ ଅନ୍ତେ ପ୍ରଥମେ ଖୋଜା ପଡ଼େ ସୁଦକ୍ଷ ଓକିଲମାନଙ୍କର ତାଲିକା। ଏହାପରେ ଓକିଲ ପରାମର୍ଶ ଛାଡ଼ପତ୍ର ପାଇଁ ନଚେତ ଭରଣପୋଷଣ ପାଇଁ। ସବୁଠୁ ମଜାର କଥା ଯୌତୁକ ନିର୍ଯାତନା ଅଭିଯୋଗ ଆସି ଯଦି ଫୌଜଦାରୀ ମୋକଦ୍ଦମା ହୋଇଥାଏ, ତେବେ ଯୌତୁକ ଦ୍ରବ୍ୟ କନ୍ୟା ଘରକୁ ଫେରାଇବାର ଦୃଶ୍ୟ। କନ୍ୟା ଘର ବର ଘରକୁ ଯୌତୁକ ଦେବା ସମୟରେ ଶୁଭ ମନାସି କଦଳୀ ଗଛ, ହଳଦୀ ଓ ଗନ୍ଧାର ସମାହାର। ମାତ୍ର ଫୌଜଦାରୀ ମକଦ୍ଦମା ପରେ କନ୍ୟା ଘରକୁ ଜିନିଷ ଫେରାଇବା ସମୟରେ ସେ ଦୃଶ୍ୟ କେତେ ଯେ ଦୁଃଖଦ ଓ ଲଜ୍ଜା ତାହା କଳ୍ପନାତୀତ। ସେତେବେଳକୁ ବରଯାତ୍ରୀ ଦଳରେ ନୃତ୍ୟ କରୁଥିବା ଗୋଟିଏ ବୋଲି ଲୋକ ସେଠାରେ ନ ଥା'ନ୍ତି। ଘଟଣା ସ୍ଥଳରେ କେବଳ ଥାଆନ୍ତି ପୁଲିସ ଓ କନ୍ୟା ପକ୍ଷ ଘର ଲୋକେ। ଏମିତିକି କନ୍ୟାପକ୍ଷ ଘର ଲୋକ ଦେଇଥିବା ନୂଆ ଲୁଗା ବ୍ୟବହୃତ ହେବା ପରେ ପୁରୁଣା ଲୁଗାକୁ ମଧ୍ୟ ପୁଲିସ୍ ଜବତ କରିଥାଏ।

ପରିବାର ଅଦାଲତରେ ଛାଡ଼ପତ୍ର ଓ ଭରଣପୋଷଣ ମକଦ୍ଦମା ଚାଲିଥିବା ସମୟର ଦୃଶ୍ୟକୁ ଭାଷାରେ ପ୍ରକାଶ କରିବା ଅସମ୍ଭବ। ଉଭୟେ ସ୍ୱାମୀସ୍ତ୍ରୀଙ୍କର ପରସ୍ପରକୁ ଯେଉଁ ଭର୍ତ୍ସନା! ଏହାପରେ ପୁଣି ହାତାହାତି ଓ ଗଡ଼ାଗଡ଼ି। ସେହି ସମୟରେ ମନକୁ ଆସେ ବିବାହ ଦିନର ସେ ଆଡ଼ମ୍ବର, ସେ ଉତ୍ସାହ, ସେ କାଦମ୍ବରୀ ରସର କମାଲ, ବାଣ ଫୁଟା ଓ ନୃତ୍ୟର ଛନ୍ଦ କୁଆଡ଼େ କ୍ଷଣିକରେ ଉଭାନ ହୋଇଗଲା।

ବିଧିର କି ବିଡ଼ମ୍ବନା! ଯେତେବେଳେ ଓକିଲ ପରାମର୍ଶ ପାଇଁ ଉଭୟେ ବର ଅଥବା କନ୍ୟା ପକ୍ଷ ଲୋକେ ଆସନ୍ତି, ସେତେବେଳେ ଓକିଲମାନଙ୍କୁ ଅନୁରୋଧ କରି ଥାଆନ୍ତି, 'ଆଜ୍ଞା! ଆମ ଛାଡ଼ପତ୍ର ଓ ଭରଣପୋଷଣ ମକଦ୍ଦମା ବିଷୟରେ କାହା ଆଗରେ କହିବେ ନାହିଁ।' ଏହା ଶୁଣି ଆମେ ଓକିଲମାନେ ମନେ ମନେ ବହୁତ ହସନ୍ତି। ଓଡ଼ିଆରେ ଏକ ଉପକଥା ଅଛି। କଥାଟି ଏହିପରି - ଦିନେ ଆସନ୍ନ ପ୍ରସବା କନ୍ୟାକୁ ନେଇ ତା' ମାଆ ସ୍ତ୍ରୀରୋଗ ଡାକ୍ତରଙ୍କ ନିକଟକୁ ପରାମର୍ଶ ପାଇଁ ଗଲେ। ମାଆ ଡାକ୍ତରଙ୍କୁ ପଚାରିଲେ, 'ସାର୍! ମୋ ଝିଅ ପ୍ରସବ କରିବା ସମୟ କେତେବେଳେ?' ଡାକ୍ତର କହିଲେ, 'ଆଜି ରାତି ଗୋଟାଏ ସୁଦ୍ଧା ଆପଣଙ୍କ ଝିଅ ପ୍ରସବ କରିବ।' ଏହାପରେ ଝିଅ କହିଲା, 'ମାଆ! ମୁଁ ରାତି ଗୋଟାଏ ବେଳେ ପିଲା ଜନ୍ମ କରିବି। ତେଣୁ ମୋତେ ଡାକିଦେବ'। ମାଆ ଝିଅକୁ କହିଲେ, 'ମା! ମୁଁ ତୋତେ କ'ଣ ଡାକିବି? ତୋତେ ଯେତେବେଳେ ପ୍ରସବ ବେଦନା ହେବ ତୁ ତ ବ୍ରହ୍ମାଣ୍ଡ କମ୍ପାଇବୁ। ମୁଁ କେବଳ ନୁହେଁ ସମଗ୍ର ଜଗତ ଜାଣିବ ତୁ ତୋ ପିଲାର ମାଆ ହେବାକୁ ଯାଉଛୁ।' ସେହି ନ୍ୟାୟରେ ଆମେ ଓକିଲମାନେ ଜାଣିଛୁ ପରିବାର ଅଦାଲତରେ ଯେତେବେଳେ ମକଦ୍ଦମାର ଶୁଣାଣି ଚାଲିଥିବ, ସେତେବେଳେ ଉଭୟେ ସ୍ୱାମୀ ସ୍ତ୍ରୀଙ୍କର ପରସ୍ପରକୁ ଗାଳିଗୁଲଜ, ତାଚ୍ଛଲ୍ୟ ଓ ଭର୍ତ୍ସନା ସମଗ୍ର ଅଦାଲତ ପରିସରକୁ ପ୍ରକମ୍ପିତ କରିବ। ଆମେ ଓକିଲ ଲୁଚାଇବାକୁ କିଏ? ଆମର କାମ ପ୍ରାପ୍ୟ ନେବୁ, ତମମାନଙ୍କର ମକଦ୍ଦମା ଲଢ଼ିବୁ। ମହକିଲ ଆମର ଭାଇ, ବନ୍ଧୁ ଅଥବା କୁଟୁମ୍ବ ନୁହନ୍ତି। ଅବଶ୍ୟ ଜଣେ ଓକିଲ ପକ୍ଷେ ଏମିତି ମାନସିକତା ଶୋଭାପାଏ ନାହିଁ। ମାତ୍ର ଓକିଲମାନେ ନିରୁପାୟ। ତାଙ୍କ ବ୍ୟବସାୟର ଏହା ଏକ ସ୍ୱତନ୍ତ୍ର ମାପକାଠି। କାରଣ ଆପଣ ଜାଣନ୍ତି ଘୋଡ଼ା ଯଦି ଘାସ ସହିତ ବନ୍ଧୁତା କରିବ ତେବେ ଘୋଡ଼ାର ଅବସ୍ଥା କ'ଣ?

ଯଦି ପରିସଂଖ୍ୟାନ ନିଆଯାଏ ତେବେ ଜଣାପଡ଼ିବ ଯେ ଯେତେ ଛାଡ଼ପତ୍ର ଓ ଭରଣପୋଷଣ ମକଦ୍ଦମା ଅଦାଲତରେ ହେଉଛି, ସେଗୁଡ଼ିକ ଦାୟର କରିଥିବା ସ୍ୱାମୀ ସ୍ତ୍ରୀ କେହି ନିମ୍ନ-ମଧ୍ୟବିତ୍ତ ଶ୍ରେଣୀର ଅଥବା ଖଟିଖିଆ ମେହେନତି ବର୍ଗର ବ୍ୟକ୍ତିବିଶେଷ ନୁହନ୍ତି। ସବୁ ଉଚ୍ଚ ବର୍ଗ ଓ ମଧ୍ୟମ ବର୍ଗର। ମେହେନତି ଓ ନିମ୍ନ-ମଧ୍ୟବିତ୍ତ ଶ୍ରେଣୀରେ ପେଟ ପୋଷିବା ପାଇଁ ଉଭୟେ ସ୍ୱାମୀ ସ୍ତ୍ରୀ ଅହରହ ପରିଶ୍ରମରେ ବ୍ୟସ୍ତ। ସେମାନଙ୍କ ମଧ୍ୟରେ ମଧୁର ସମ୍ପର୍କ ସଦାସର୍ବଦା ଉଜ୍ଜୀବିତ। ମାତ୍ର ଉଚ୍ଚ ଓ ମଧ୍ୟବିତ୍ତ ଶ୍ରେଣୀର ସ୍ୱାମୀ ସ୍ତ୍ରୀର ଦୈନନ୍ଦିନ ବଞ୍ଚିବାରେ ଅର୍ଥ ବାଧକ ସାଜେ ନାହିଁ। ତେଣୁ ମିଥ୍ୟା ପ୍ରତିଶ୍ରୁତି, ଅହଙ୍କାର, ଭୋଗବାଦ ଓ ଆତ୍ମସ୍ୱାର୍ଥ ମାନସିକତା ସ୍ୱାମୀ-ସ୍ତ୍ରୀଙ୍କର ମଧୁର ସମ୍ପର୍କରେ ପ୍ରାଚୀର ଠିଆ କରିଥାଏ। ସେଥିପାଇଁ ଆଜିର ଆଧୁନିକ ସମାଜରେ ଏତେ ଛାଡ଼ପତ୍ର ଓ ଯୌତୁକ ଜନିତ ନିର୍ଯାତନା।

ବସ୍ତୁବାଦୀ ସମାଜର ଗତି କେତେ ନିମ୍ନମୁଖୀ ଏହିପରି କିଛି ଘଟଣାରୁ ସ୍ପଷ୍ଟ ବାରି ହୁଏ। ବସ୍ତୁର ପ୍ରଭାବ ମନୁଷ୍ୟ ମନକୁ କେତେ କଳୁଷିତ କରିପାରେ, ସ୍ୱାମୀ-ସ୍ତ୍ରୀ ବିଚ୍ଛେଦ ଘଟଣା ତାହାର ଏକ ଜ୍ୱଳନ୍ତ ଉଦାହରଣ। ତେଣୁ କହିବାର ତାତ୍ପର୍ଯ୍ୟ ଭୋଗବାଦରେ ବଶୀଭୂତ ହୋଇ ଆମେ ଯେଉଁ ବିବାହ ଉତ୍ସବ ପାଳନ କରୁଛେ, ବିବାହ ଉତ୍ସବରେ ମଦ୍ୟ ପାନ କରି ଉନ୍ମକ୍ତ ହୋଇ ଅଶ୍ଳୀଳ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରୁଛେ ଏବଂ ଅନେକ ଅର୍ଥ ଅପଚୟ କରୁଛେ ତାହାର ଭବିଷ୍ୟତ ବିଷୟରେ କେବେ ଚିନ୍ତା କରିଛନ୍ତି କି?


ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342


# ଧର୍ମର ଭୂମିକା




ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ୯୯୩୭୮୪୪୩୪୭


ସାଧାରଣତଃ ଧର୍ମର ଅର୍ଥ ଲୋକେ ପୁଣ୍ୟ ଓ କର୍ତ୍ତବ୍ୟ ପାଳନ ବୋଲି ବୁଝନ୍ତି। ଜଣେ ବ୍ୟକ୍ତି ଗୃହସ୍ଥଧର୍ମ ପାଳନ କରୁଛନ୍ତି ଅର୍ଥ ହେଲା ସେ ଗୃହସ୍ଥର କର୍ତ୍ତବ୍ୟ ପାଳନ କରୁଛନ୍ତି। ଧର୍ମର ଆଉ ଗୋଟିଏ ଅର୍ଥ ହେଲା ଗୁଣ। ଯେପରି ନିଆଁର ଧର୍ମ ହେଲା ଉତ୍ତାପ ପ୍ରଦାନ କରିବା। ଅମ୍ଳଜାନର ଧର୍ମ ହେଲା ଦହନରେ ସହାୟତା କରିବା। ଅର୍ଥାତ୍ ଏ ଗୋଟିଏ ଗୁଣ ବା ପ୍ରକୃତି ଏଥିରେ ପୁଣ୍ୟ ବା କର୍ତ୍ତବ୍ୟର କୌଣସି ସମ୍ପର୍କ ଆସୁନାହିଁ। ଈଶ୍ୱର ବିଶ୍ୱାସକୁ ଧର୍ମ କୁହାଯାଏ। ମନ୍ଦିର ଆଦିରେ ଯେଉଁମାନେ ଈଶ୍ୱର ପୂଜା କରନ୍ତି ଏବଂ ଭକ୍ତମାନଙ୍କୁ ଏ ଦିଗରେ ସାହାଯ୍ୟ କରନ୍ତି ସେମାନଙ୍କୁ ଧର୍ମକାର୍ଯ୍ୟ କରୁଛନ୍ତି ବୋଲି ଧର୍ମପାଳକ କୁହାଯାଏ। ଯଜ୍ଞ କରିବାକୁ ମଧ୍ୟ ଧର୍ମକାର୍ଯ୍ୟ କୁହାଯାଏ ସେଥିରେ ବଳି ଦିଆଯାଉ ବା ନ ଯାଉ। ଯେଉଁ ପୁରୋହିତ ଓ ଯଜମାନମାନେ ଯଜ୍ଞରେ ଘିଅ ଆହୁତି ଦିଅନ୍ତି ସେମାନେ ବି ଧର୍ମକାର୍ଯ୍ୟ କରନ୍ତି। ଧର୍ମକର୍ମ, ଧର୍ମକାର୍ଯ୍ୟ ଓ ଧର୍ମକ୍ରିୟାକୁ ଧର୍ମାନୁଷ୍ଠାନ କୁହାଯାଏ। ଯେତେବେଳେ ଜଣେ ନିଜକୁ ଧାର୍ମିକ ଦେଖାଇ ହୁଏ କିନ୍ତୁ ଗୁପ୍ତ ଭାବରେ ଅସତ୍ ଓ ପାପ କାର୍ଯ୍ୟ କରିଥାଏ, ସେତେବେଳେ ତାକୁ ଧର୍ମକୁ ଆଖିଠାର ମାରିବା କୁହାଯାଏ ଏବଂ ଏଭଳି ଲୋକ ବିଧର୍ମୀ ବୋଲାଏ।

କେତେଜଣ ଧର୍ମ ଓ ନୈତିକତାକୁ ଦୁଇଟି ଅଲଗା ବସ୍ତୁ ବୋଲି କହନ୍ତି। କିନ୍ତୁ ବାସ୍ତବରେ ଏ ଦୁହେଁ ଏକ, କାରଣ ନୈତିକତା ହିଁ ଧର୍ମ। ନୈତିକ ନିୟମ ଉପଲବ୍ଧି କରି ତାହାକୁ ପାଳନ କରିବା ପାଇଁ ଯିଏ ଅସମର୍ଥ ବା ଅନିଚ୍ଛୁକ ତାଙ୍କୁ କେହି ଧାର୍ମିକ ବୋଲି କହେ ନାହିଁ। ଲୋକଙ୍କର ନ୍ୟାୟ ଓ ଉଚିତ-ଅନୁଚିତ ଧାରଣା ଉପରେ ଯାହା ପର୍ଯ୍ୟବସିତ ତାହା କୌଣସି ସମ୍ପ୍ରଦାୟର ଅନ୍ଧବିଶ୍ୱାସ ପାଇଁ ଗ୍ରହଣୀୟ ହୋଇନଥାଇପାରେ କିନ୍ତୁ ତାହା ହିଁ ଧର୍ମ। ଯାହା ସଂସାରକୁ ଧରି ରଖେ ତାହା ଧର୍ମ। ସେଥିପାଇଁ କୁହାଯାଏ 'ଧାରୟତି ଇତି ଧର୍ମ'। ଯାହା ସମାଜ ଓ ସଂସାରକୁ ଭାଗ ଭାଗ ଓ ଖଣ୍ଡ ଖଣ୍ଡ କରିଦିଏ ତାହା ଅଧର୍ମ। ଏକତାର ଧର୍ମ ହିଁ ଏକମାତ୍ର ଧର୍ମ, ହୃଦୟର ଧର୍ମ ହିଁ ଏକମାତ୍ର ଧର୍ମ। ପ୍ରେମର ଧର୍ମ ହିଁ ଏକମାତ୍ର ଧର୍ମ। ହିଂସା, ଘୃଣା ଓ ଈର୍ଷା କେବେହେଲେ ଧର୍ମ ହୋଇପାରିବେ ନାହିଁ। ପ୍ରକୃତ ଧର୍ମ ମନ ଓ ଇନ୍ଦ୍ରିୟମାନଙ୍କ ଉପରେ। ଆତ୍ମସ୍ୱରୂପର ପରିଚୟ ପ୍ରକୃତ ଧର୍ମ। ସେବା, ଶାନ୍ତି, ପ୍ରେମ ଓ ଏକତା ହିଁ ଧର୍ମର ପରିଚୟ।

ଧ୍ୟାନ, ଆତ୍ମସଂଯମ, ଶୃଙ୍ଖଳା, ଅହିଂସା, ମନନ ଓ ନିଦିଧ୍ୟାସନ ଆଦି ଧର୍ମର ମାର୍ଗ। ନିଷ୍କଳଙ୍କ ଓ ନିର୍ଦ୍ଦୋଷ ରୁହ, ସତ୍ୟ କୁହ ଏବଂ ସ୍ୱାର୍ଥ ତ୍ୟାଗ କର। ଧର୍ମର ଅନ୍ତର୍ନିହିତ ବୈଶିଷ୍ଟ୍ୟ ସମୂହ, ଉପାଦାନ, ମୌଳିକ ପ୍ରକୃତି, ଅପରିହାର୍ଯ୍ୟ ଗୁଣ ଓ ନିର୍ଯ୍ୟାସଗୁଡ଼ିକ ହେଲା ଭଲ ହୁଅ, ଭଲ କାମ କର, ଦୟାଳୁ ହୁଅ, ନିର୍ମଳ ହୁଅ, ସମସ୍ତଙ୍କୁ ପ୍ରେମ କର, ସହନଶୀଳ ହୁଅ, ଶକ୍ତି ଓ ସାମର୍ଥ୍ୟ ଅନୁସାରେ ସେବା କର। ଯେହେତୁ ଈଶ୍ୱର ଏକ ସବୁ ଧର୍ମ ମଧ୍ୟ ଏକ। ଶାନ୍ତି ସବୁ ଧର୍ମରେ ଦୃଢ଼ ସତ୍ୟ ବୋଲି ବିବେଚିତ ହୁଏ। ଏହା ନିରାପଦରେ ବିଶ୍ୱାସ କରାଯାଇପାରେ। ସବୁ ଧର୍ମରେ ଈଶ୍ୱରଙ୍କୁ ପ୍ରାପ୍ତିର ମାର୍ଗ ଦେଖାଯାଇଛି। ବିଭିନ୍ନ ସମୟରେ ବିଭିନ୍ନ ଦେଶରେ ବିଭିନ୍ନ ସମ୍ପ୍ରଦାୟର ପାଇଁ ଏହି ମାର୍ଗ ଅଲଗା ଅଲଗା ଜଣାପଡ଼େ, କିନ୍ତୁ ସବୁ ଧର୍ମରେ ବିଶ୍ୱଭ୍ରାତୃତ୍ୱର ପ୍ରଚାର କରାଯାଏ। ଆତ୍ମସଂଯମ ଓ ସୁଖସମ୍ଭୋଗର ପରିତ୍ୟାଗ ଓ ଅସ୍ୱୀକାର ସବୁ ଧର୍ମରେ ପ୍ରଚାର କରାଯାଏ। ନିରାଶ, ହତାଶ ଓ ଆଶା ଶୂନ୍ୟ ବ୍ୟକ୍ତିକୁ ଧର୍ମ ମାନସିକ ଶାନ୍ତି, ଆରାମ ଓ ଆନନ୍ଦ, ସାନ୍ତ୍ୱନା, ଆଧ୍ୟାତ୍ମିକ ଶକ୍ତି ଓ ସାହସ ଏବଂ ବିଚାରଶୀଳତା ଓ ବିଜ୍ଞତା ପ୍ରଦାନ କରିଥାଏ। ଏ ଭୂମିକା ଯେଉଁ ଧର୍ମ ପାଳନ କରେ ନାହିଁ ତାହା ଧର୍ମ ନୁହେଁ ଅଧର୍ମ।

# ଜିଲ୍ଲା ନୋଡାଲ ଅଧିକାରୀଙ୍କୁ ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ ପ୍ରଶିକ୍ଷଣ

**ଭୁବନେଶ୍ୱର, ୯ ।୩(ସମିସ):** ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ରାଜ୍ୟର ସମସ୍ତ କ୍ଲଷ୍ଟର ନିର୍ବାଚନ ନୋଡାଲ ଅଧିକାରୀଙ୍କର ଏକ ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଗାମୀ ସାଧାରଣ ନିର୍ବାଚନକୁ ମୁକ୍ତ ଓ ଅବାଧ ରଖିବା ଉପରେ ଆଲୋଚନା ହୋଇଥିଲା । ପ୍ରଶିକ୍ଷଣ ପ୍ରାରମ୍ଭରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଣତନ୍ତ୍ରରେ ମୁକ୍ତ ଓ ଅବାଧ ନିର୍ବାଚନ ପ୍ରକ୍ରିୟାରେ ଅପରିହାର୍ଯ୍ୟତା ବିଷୟରେ ଆଲୋଚନା କରି ସମସ୍ତ ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀମାନଙ୍କୁ ନିଜର ଗୁରୁଦାୟିତ୍ୱକୁ ସମ୍ପୂର୍ଣ୍ଣ ନିର୍ଭୁଲ ଓ ନିର୍ଭୀକତାର ସହ ସମ୍ପାଦନ କରିବା ପାଇଁ ପ୍ରେରିତ କରିଥିଲେ ।

ବିଧାନସଭା ଓ ଲୋକସଭା କ୍ଷେତ୍ରରେ ପ୍ରାର୍ଥୀମାନଙ୍କ ପାଇଁ ଯଥାକ୍ରମେ ନିର୍ବାଚନୀ ଖର୍ଚ୍ଚ ବାବଦକୁ ୪୦ଲକ୍ଷ ଓ ୯୫ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି । ଏହି ସୀମା ଭିତରେ ପ୍ରାର୍ଥୀମାନଙ୍କ ଖର୍ଚ୍ଚ କରିବା ଉପରେ ସଜାଗ ଦୃଷ୍ଟି ରଖାଯିବ । ଖର୍ଚ୍ଚ ଲୁଚାଇବା, ଖର୍ଚ୍ଚର ଭୁଲ ତଥ୍ୟ ଦେବା, ପେଡ୍ ନ୍ୟୁଜ୍ ଆଦି ଉପରେ ନଜର ରଖିବା ସହ ସେସବୁର ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାସ୍ତରରେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ଧଳ କହିଥିଲେ । ସି-ଭିଜିଲ ମାଧ୍ୟମରେ ଜନସାଧାରଣ କରିଥିବା ଆପ୍ଲିକେଶନ ମାଧ୍ୟମରେ ଜନସାଧାରଣ କରିଥିବା ଅଭିଯୋଗର ସମାଧାନ କେଉଁଭଳି ଭାବେ କରାଯିବ ସେଥିପ୍ରତି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରାଧାନ୍ୟ ଦେଇଥିଲେ ।

ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ୍ ତିରୁମାଲା ନାୟକ ଓ ଶତ୍ରୁଘ୍ନ କର ପିପିଟି ମାଧ୍ୟମରେ ନିର୍ବାଚନୀ ଖର୍ଚ୍ଚ ଓ ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ବିଭିନ୍ନ ସର୍ଭିଲେନ୍ସ ଟିମର ଦାୟିତ୍ୱ, ଦୈନିକ ରିପୋର୍ଟ, ଇଲେକ୍ସନ୍ ସିଜର୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ଆଦି ଉପରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସବିଶେଷ ଆଲୋଚନା ହୋଇଥିଲା । ଏଥିରେ ସମସ୍ତ ଜିଲ୍ଲାରୁ ଆସିଥିବା ନୋଡାଲ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

## ନନ୍ଦନକାନନରେ ରାତିରେ ବୁଲିଲେ ଦର୍ଶକ

# ରାତିରେ ଶୁଭିବ ସିଂହ ଗର୍ଜନ, ବାଘ ରଡ଼ି

**ଭୁବନେଶ୍ୱର, ୧୦ ।୩ (ସମିସ):** ଆଜିଠାରୁ ନନ୍ଦନକାନନ ଚିଡ଼ିଆଖାନାରେ ରାତ୍ରିକାଳୀନ ବୁଲାବୁଲି ଆରମ୍ଭ ହୋଇଯାଇଛି । ନନ୍ଦନକାନନ କର୍ତ୍ତୃପକ୍ଷ ଏହାକୁ 'ନାଇଟ୍ ଆଉଟ୍ ଆଟ୍ ଜୁ' କାର୍ଯ୍ୟକ୍ରମ ବୋଲି ଦର୍ଶାଇଛନ୍ତି । ଏଥିରେ ଜନସାଧାରଣ, ଛାତ୍ରଛାତ୍ରୀ, ପର୍ଯ୍ୟଟକ, ଗବେଷକ ବ୍ୟାଟେରୀ ଗାଡ଼ିରେ ବସି ବାଘ, ଭାଲୁ, ହାତୀ, ହରିଣ, ସିଂହ ପରି ଜୀବଜନ୍ତୁଙ୍କୁ ଦେଖିବା ସହ ସେମାନଙ୍କ ରାତିର ଜୀବନ ସମ୍ପର୍କରେ ଜାଣିପାରିବେ । ନନ୍ଦନକାନନ ପକ୍ଷରୁ ଏହି ଅଭିନବ ବନ୍ୟପ୍ରାଣୀ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଯାହା ଜୀବଜନ୍ତୁଙ୍କ ରାତ୍ରିକାଳୀନ ଜୀବନଯାପନ ଜାଣିବାର ସୁଯୋଗ ଭେଟି ଦେବ ।




ସୂଚନାନୁସାରେ, ସଂଧ୍ୟା ସାଢ଼େ ୬ଟାରୁ ରାତି ୮ଟା ଯାଏଁ ନନ୍ଦନକାନରେ ବୁଲିବାକୁ ଅନୁମତି ମିଳିବ । ପ୍ରତି ରବିବାର ସନ୍ଧ୍ୟା ପରେ ୨୦ ଜଣ ଲୋକ ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ । ଏଥିପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବାକୁ ପଡ଼ିବ । ସେହି ସମୟରେ ଅଗ୍ରିମ ୨୫୦ ଟଙ୍କା ଦାଖଲ କରିବାକୁ ପଡ଼ିବ । ଏହାପରେ ବ୍ୟାଟେରୀ ଗାଡ଼ିରେ ବୁଲି ଦର୍ଶକମାନେ ନନ୍ଦନକାନନର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ।

ନନ୍ଦନକାନନ ପକ୍ଷରୁ କୁହାଯାଇଛି ଯେ ଅନ୍ୟ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଭଳି ଏଠାରେ ମଧ୍ୟ ଏକ ନୂଆ ବନ୍ୟପ୍ରାଣୀ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହା ସମ୍ପୂର୍ଣ୍ଣ ଭାବେ ଗୋଟିଏ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ । କେବଳ ରବିବାର ଏହା ଆୟୋଜନ ହେବ । ରାତି ସମୟରେ ଚିଡ଼ିଆଖାନାର ସ୍ୱତନ୍ତ୍ରତା ଯେମିତି କ୍ଷୁଣ୍ଣ ନ ହେବ, ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏଥିପାଇଁ ଧାର୍ଯ୍ୟ ଦର୍ଶକଙ୍କ ସଂଖ୍ୟାଠାରୁ ଅଧିକ ଲୋକଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ । ଏହି କାର୍ଯ୍ୟକ୍ରମ ବେଳେ ଫଟୋ କିମ୍ବା ଭିଡିଓ ରେକର୍ଡିଂ ପାଇଁ ମଧ୍ୟ ଅନୁମତି ଦିଆଯିବ ନାହିଁ । ଏହା ଏକ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତଙ୍କ ଅବଗତି ନିମନ୍ତେ ଆଜି ଚିଡ଼ିଆଖାନା ପକ୍ଷରୁ ଏକ ବିବୃତି ଜାରି କରାଯାଇଛି ।

ଉଲ୍ଲେଖଥାଉ କି, ଗତ ଜାନୁଆରୀ ମାସରେ ପର୍ଯ୍ୟଟକମାନେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ବୁଲିବା ପାଇଁ ବନବିଭାଗ ପକ୍ଷରୁ ଯୋଜନା କରାଯାଇଛି । ଏଥିରେ ପର୍ଯ୍ୟଟକମାନେ ଜଙ୍ଗଲ ସଫାରି ଗାଡ଼ିରେ ବସି ଜୀବଜନ୍ତୁଙ୍କୁ ଦେଖିବା ସହ ସେମାନଙ୍କ ରାତିର ଜୀବନ ସମ୍ପର୍କରେ ଜାଣିବାର ବ୍ୟବସ୍ଥା କରିଛନ୍ତି । ଅଭୟାରଣ୍ୟର ଭରତପୁର ସଂରକ୍ଷିତ ଜଙ୍ଗଲରେ ଏହି ସୁବିଧା ବନବିଭାଗ ପକ୍ଷରୁ ଉପଲବ୍ଧ କରାଯାଇଥିଲା ।

ଅଭୟାରଣ୍ୟର ଭରତପୁର, ଗୋଡ଼ିବାରି, ଡେରାସ, ଡମପଡ଼ାରେ ଏବେ ଦିନ ସମୟରେ ଜଙ୍ଗଲ ସଫାରି ସୁବିଧା ଉପଲବ୍ଧ ରହିଛି । ପର୍ଯ୍ୟଟକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ରାତ୍ରିକାଳୀନ ପ୍ରକୃତି ଭ୍ରମଣ(ନାଇଟ୍ ନ୍ୟାଚୁରାଲ ଟ୍ରେଲ୍) ଆରମ୍ଭ ହୋଇଛି । ଯେଉଁମାନେ ଦିନ ସମୟରେ ବୁଲିବାକୁ ଯାଇ ପାରୁନାହାନ୍ତି, ସେମାନେ ସନ୍ଧ୍ୟା ସମୟରେ ଅଭୟାରଣ୍ୟ ବୁଲିବାର ସୁଯୋଗ ପାଇବା ଏହାର ମୂଳ ଉଦ୍ଦେଶ୍ୟ । ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଟିକଟ୍ ବୁକିଂ କରି ଭିତରକୁ ଯାଇପାରୁଛନ୍ତି । ରାତି ସାଢ଼େ ୯ଟା ସୁଦ୍ଧା ଜଙ୍ଗଲ ଭିତର ବୁଲି ଫେରି ଆସୁଛନ୍ତି ।

- ଆରମ୍ଭ ହେଲା 'ନାଇଟ୍ ଆଉଟ୍ ଆଟ୍ ଜୁ'
- ରବିବାର ସନ୍ଧ୍ୟାରେ ଦେଢ଼ ଘଣ୍ଟା ଖୋଲିବ ଚିଡ଼ିଆଖାନା
- ଜାଣିବାକୁ ମିଳିବ ଜୀବଜନ୍ତୁଙ୍କ ରାତ୍ରିକାଳୀନ ଜୀବନଯାପନ

## ନବମ ଶ୍ରେଣୀ ପରୀକ୍ଷା

# ପରୀକ୍ଷା ପୂର୍ବରୁ ପରୀକ୍ଷାର୍ଥୀଙ୍କ ପାଖରେ ପହଞ୍ଚୁଛି ପ୍ରଶ୍ନପତ୍ର

**ଭୁବନେଶ୍ୱର,୧୦ ।୩(ସମିସ):** ରାଜ୍ୟରେ ନବମ ଶ୍ରେଣୀ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି । ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ୧୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଚାଲୁଛି । ମାଧ୍ୟମିକ ଶିକ୍ଷା ପରିଷଦ ବା ବୋର୍ଡ ପକ୍ଷରୁ ଏଥିପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ସମସ୍ତ ବିଦ୍ୟାଳୟକୁ ପଠାଯାଉଛି । ହେଲେ ପରୀକ୍ଷାର ବହୁ ପୂର୍ବରୁ ଛାତ୍ରଛାତ୍ରୀଙ୍କ ନିକଟରେ ବୋର୍ଡ ଦ୍ୱାରା ପ୍ରସ୍ତୁତ ପ୍ରଶ୍ନପତ୍ର ପହଞ୍ଚିଯାଉଛି । ଏଣୁ ମେଧାବୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପ୍ରଶ୍ନପତ୍ର ପୂର୍ବରୁ ପାଉଥିବାରୁ ଛାତ୍ରଛାତ୍ରୀମାନେ ଶିକ୍ଷା ପ୍ରତି ବିମୁଖ ହେବାର ଆଶଙ୍କା ପ୍ରକାଶ ପାଇଛି । ମେଧାବୀ ଛାତ୍ରଛାତ୍ରୀଙ୍କ ମନୋବଳ ଭାଙ୍ଗିବା ସହ ମାନସିକ ଯନ୍ତ୍ରଣା ପାଉଛନ୍ତି । ପରୀକ୍ଷା ପୂର୍ବଦିନ ପ୍ରସ୍ତୁତି କରିବା ପରିବର୍ତ୍ତେ ପରୀକ୍ଷାର୍ଥୀ ଭାଇରାଲ ପ୍ରଶ୍ନପତ୍ରକୁ ଅପେକ୍ଷା କରୁଛି । ବୋର୍ଡ ପକ୍ଷରୁ ଅନ୍‌ଲାଇନ୍‌ରେ ପ୍ରଶ୍ନପତ୍ର ଯୋଗାଇବା ପଦ୍ଧତିକୁ ଅନେକ ପ୍ରଶ୍ନ ଉଠାଇବା ସହ ନିନ୍ଦା ମଧ୍ୟ କରୁଛନ୍ତି ।

ସୂଚନା ଅନୁଯାୟୀ, ପୂର୍ବରୁ ପରୀକ୍ଷା ଦିନ ସକାଳ ୭ଟାରୁ ଦିନ ୧୧ଟା ମଧ୍ୟରେ ପ୍ରଧାନ ଶିକ୍ଷକମାନେ ବୋର୍ଡ ୱେବସାଇଟ୍‌ରୁ ପ୍ରଶ୍ନପତ୍ର ଡାଉନ୍‌ଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ ନିଷ୍ପତ୍ତି ହୋଇଥିଲା । ହେଲେ ଏହି ସମୟ ଅବଧି ମଧ୍ୟରେ ପ୍ରଶ୍ନପତ୍ର ଡାଉନ୍‌ଲୋଡ୍ କରି ପରୀକ୍ଷାର୍ଥୀଙ୍କୁ ଯୋଗାଇବା ସମ୍ଭବ ନୁହେଁ ବୋଲି ବହୁ ପ୍ରଧାନ ଶିକ୍ଷକ ଆପତ୍ତି ଉଠାଇଥିଲେ । ଉପାନ୍ତ ଅଞ୍ଚଳର ବିଦ୍ୟାଳୟରେ ଇଣ୍ଟରନେଟ୍ ସମସ୍ୟା, ଅଧିକ ସଂଖ୍ୟକ ଜେରକ୍ସ ବ୍ୟବସ୍ଥା ନଥିବା ସ୍ଥାନରେ ସମସ୍ୟା ଉପୁଜିବ ବୋଲି ଶିକ୍ଷକମାନେ ଯୁକ୍ତି ଦର୍ଶାଇଥିଲେ । ଫଳରେ ବେର୍ଡ ପକ୍ଷରୁ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଥିଲା । ପରିବର୍ତ୍ତିତ ନିଷ୍ପତ୍ତି ଅନୁଯାୟୀ, ପରୀକ୍ଷା ପୂର୍ବଦିନ ଅପରାହ୍ଣ ୪ଟାରୁ ତା' ପରଦିନ ଅର୍ଥାତ୍ ପରୀକ୍ଷା ଦିନ ପୂର୍ବାହ୍ନ ୧୧ଟା ଯାଏ ପ୍ରଶ୍ନପତ୍ର ଡାଉନଲୋଡ୍ କରିପାରିବେ । ଡାଉନ୍‌ଲୋଡ୍ ପାଇଁ ଲମ୍ବା ସମୟ ଦିଆଯାଇଥିବାରୁ ଆଉ ଅସୁବିଧା ହେବ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା । ହେଲେ ଏହା ସୁଫଳ ପରିବର୍ତ୍ତେ ଅଧିକ ବିଫଳ ହୋଇଥିବା ଅଭିଯୋଗ ହୋଇଛି ।

ଏନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ସଭାପତି ଅକ୍ଷୟ କୁମାର ମିଶ୍ର କହିଛନ୍ତି, ଜଣେ ଶିକ୍ଷକ ଭାବେ ଏପରି ପରୀକ୍ଷା ବ୍ୟବସ୍ଥା ମର୍ମାହତ କରିଛି । ଚଳିତ ନବମ ଶ୍ରେଣୀ ପରୀକ୍ଷାକୁ ସେ ଅସାଧୁ ଉପାୟର ପ୍ରଶିକ୍ଷଣ ଶିବିର ବୋଲି କହିଛନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ କପି କରିବା ମାନସିକତା ବୃଦ୍ଧି ପାଇବ । ପୂର୍ବ ବର୍ଷଗୁଡ଼ିକରେ ବୋର୍ଡ ପ୍ରଶ୍ନପତ୍ର ପ୍ରତ୍ୟକ୍ଷ ଭାବେ ଯୋଗାଯାଉଥିବା ବେଳେ ଚଳିତଥର ଅନ୍‌ଲାଇନ୍‌ରେ ପଠାଇବାକୁ ନିଷ୍ପତ୍ତି ନେଇଛି । ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଦୂରଦୃଷ୍ଟିର ଅଭାବ ବୋଲି କହିଛନ୍ତି । ପ୍ରଶ୍ନପତ୍ର ପ୍ରିଣ୍ଟ କରିବା ପାଇଁ ପରୀକ୍ଷାର ଯଥେଷ୍ଟ ପୂର୍ବରୁ ବାହାରକୁ ଯାଉଥିବାରୁ ଭାଇରାଲ ହେବାର ବ୍ୟାପକ ସୁଯୋଗ ସୃଷ୍ଟି ହେଉଥିବା ସେ କହିଛନ୍ତି । ଏହାସହ ପୂର୍ବପରି ପ୍ରତ୍ୟକ୍ଷ ଭାବେ ପ୍ରଶ୍ନପତ୍ର ଯୋଗାଇବାକୁ ସେ ଦାବି କରିଛନ୍ତି । ବହୁ ଅଭିଭାବକ ବୋର୍ଡର ଏପରି ନିଷ୍ପତ୍ତିକୁ ନିନ୍ଦା କରିବା ସହ ବିଶ୍ୱସନୀୟତା ହରାଉଥିବା କହିଛନ୍ତି ।

**ଅନ୍‌ଲାଇନ୍ ଯୋଗାଣ ବ୍ୟବସ୍ଥା ପାଇଁ ସହଜରେ ହେଉଛି ଭାଇରାଲ**

## ■ ଶୃଙ୍ଖଳିତ ଆର୍ଥିକ ପରିଚାଳନା

# ଫେବୃଆରୀ ଶେଷ ସୁଦ୍ଧା ରାଜସ୍ୱ ଆଦାୟରେ ୧୯ ପ୍ରତିଶତ ବୃଦ୍ଧି

**ଭୁବନେଶ୍ୱର,୧୦ ।୩(ସମିସ):** ଆର୍ଥିକ ପରିଚାଳନାରେ ରାଜ୍ୟ ସରକାର ନିରନ୍ତର ଭାବେ ଚମକପ୍ରଦ ପ୍ରଦର୍ଶନ କରି ଆସୁଛନ୍ତି । ରାଜ୍ୟରେ ବିତ୍ତୀୟ ଶୃଙ୍ଖଳା କାରଣରୁ ଓଡ଼ିଶା କ୍ରମାଗତ ଭାବେ ରାଜସ୍ୱ ବଳକା ରାଜ୍ୟ ଭାବେ ପରିଗଣିତ ହୋଇ ଆସୁଥିବା ବେଳେ ରାଜସ୍ୱ ସଂଗ୍ରହ ପରିମାଣ ମଧ୍ୟ ଲଗାତାର ଭାବେ ବୃଦ୍ଧି ପାଇ ଆସୁଛି । ଏହି କ୍ରମରେ ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ର ଫେବୃଆରୀ ସୁଦ୍ଧା ରାଜ୍ୟର ରାଜସ୍ୱ ଆଦାୟ ପୂର୍ବବର୍ଷ ତୁଳନାରେ ପ୍ରାୟ ୧୯.୨୪ ପ୍ରତିଶତ ବୃଦ୍ଧି ପାଇଛି । ଯାହା ରାଜ୍ୟର ଶୃଙ୍ଖଳିତ ବିତ୍ତୀୟ ପରିଚାଳନା ବ୍ୟବସ୍ଥାକୁ ଦର୍ଶାଉଛି ।

ତଥ୍ୟ ଅନୁଯାୟୀ, ଗତ ଫେବୃଆରୀ ଶେଷ ସୁଦ୍ଧା ରାଜ୍ୟ ସରକାର ମୋଟ ୯୪, ୦୦୩.୧୫ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଛନ୍ତି । ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୭୮, ୮୩୪.୪୮ କୋଟି ଟଙ୍କା ଆଦାୟ ହୋଇଥିଲା । ଗତବର୍ଷ ଏବଂ ଚଳିତ ବର୍ଷର ଆଦାୟକୁ ବିଚାରକୁ ନେଲେ ରାଜସ୍ୱ ଆଦାୟରେ ୧୯ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଘଟିଛି । ସେହିପରି ୨୦୨୩-୨୪ ଏପ୍ରିଲରୁ ଫେବୃଆରୀ ମଧ୍ୟରେ ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ ଆଦାୟ ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୧୮.୬୬ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି । ଫେବୃଆରୀ ଶେଷ ସୁଦ୍ଧା ରାଜ୍ୟର ମୋଟ ନିଜସ୍ୱ ଟିକସ ରାଜସ୍ୱ ଆଦାୟ ୪୭, ୮୮୪.୩୬ କୋଟି ଟଙ୍କା ଥିବା ବେଳେ ଗତବର୍ଷ ସମାନ ସମୟରେ ରାଜ୍ୟ ୪୦, ୩୫୫.୮୫ କୋଟି ଟଙ୍କା ଆଦାୟ ହୋଇଥିଲା । ନିଜସ୍ୱ ଟିକସ ରାଜସ୍ୱ ଆଦାୟ ପରି ରାଜ୍ୟରେ ଅଣଟିକସ ରାଜସ୍ୱ ଆଦାୟରେ ୧୯.୮୬ ପ୍ରତିଶତ ବୃଦ୍ଧି ଘଟିଛି । ଫେବୃଆରୀ ଶେଷ ସୁଦ୍ଧା ମୋଟ ଅଣଟିକସ ରାଜସ୍ୱ ଆଦାୟ ୪୬, ୧୧୮.୭୯ କୋଟି ଟଙ୍କା ହୋଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷ ସମାନ ଅବଧିରେ ଏହା ରାଜ୍ୟ ୩୮, ୪୭୮.୬୨ କୋଟି ଟଙ୍କାର ଅଣଟିକସ ରାଜସ୍ୱ ଆଦାୟ ହୋଇଥିଲା ।

ଅପରପକ୍ଷେ, ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ଫେବୃଆରୀ ଶେଷ ସୁଦ୍ଧା ଖଣି ରାଜସ୍ୱ ସଂଗ୍ରହରେ ୧୫.୨୫ ପ୍ରତିଶତ ବୃଦ୍ଧି ଘଟିଛି । ତଥ୍ୟ ଅନୁଯାୟୀ ଗତବର୍ଷ ଏହି ସମୟରେ ରାଜ୍ୟ ସରକାର ଖଣିରୁ ୩୩, ୯୩୬.୬୬ କୋଟି ଟଙ୍କା ଆଦାୟ କରିଥିବା ବେଳେ ଚଳିତ ବର୍ଷ ଏପର୍ଯ୍ୟନ୍ତ ଖଣିରୁ ୩୯,୧୧୧.୯୯ କୋଟି ଟଙ୍କା ଆଦାୟ କରିପାରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ କଣି ରାଜସ୍ୱ ବାବଦକୁ ରାଜ୍ୟ ସରକାର ୪୮୬୦୦ କୋଟିରୁ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି । ଅପରପକ୍ଷେ ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ଋଣଭାରଠାରୁ ଆରମ୍ଭ କରି ସୁଧଦେୟ ଓ ରାଜସ୍ୱ ଆୟର ଅନୁପାତ ମଧ୍ୟ ଫେବୃଆରୀ ଶେଷ ସୁଦ୍ଧା ବେଶ୍ ପୋଷଣୀୟ ରହିଛି ।

- ■ ନିଜସ୍ୱ ଟିକସ, ଅଣଟିକସ ରାଜସ୍ୱ ଆଦାୟରେ ମଧ୍ୟ ବୃଦ୍ଧି
- ■ ୨୦୨୪-୨୫ରେ ଖଣିରୁ ୪୮ ହଜାର କୋଟିରୁ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଛନ୍ତି ସରକାର

## ଅବଶିଷ୍ଟାଂଶ...

### ରାଜ୍ୟ ବିଜେପି...

ଗଣମାଧ୍ୟମ ପ୍ରଶ୍ନରେ ସେ କହିଛନ୍ତି ଯେ ରାଜ୍ୟରେ ସବୁ ଲୋକସଭା ଏବଂ ବିଧାନସଭା ସିଟ୍ ଉପରେ ଆଲୋଚନା ହେବ । ସବୁ ଆସନ ସମ୍ପର୍କରେ ବିସ୍ତୃତ ତଥ୍ୟ ନେଇ ଯିବାକୁ ଶୀର୍ଷ ନେତୃତ୍ୱ କହିଛନ୍ତି । ବୈଠକରେ ଆସନ୍ତା ନିର୍ବାଚନରେ ଦଳର ପ୍ରସ୍ତୁତି, ପ୍ରଚାର ପ୍ରସାର ଏବଂ ଅନ୍ୟ ବିଷୟରେ ବିସ୍ତୃତ ଆଲୋଚନା ହେବ । ତେବେ ମେଣ୍ଟ ସମ୍ପର୍କରେ ସେ କିଛି କହିବା ଠିକ୍ ହେବ ନାହିଁ ବୋଲି ମନମୋହନ କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଆଜି ରାତିରେ ଶୀର୍ଷ ନେତୃତ୍ୱ ରାଜ୍ୟ କୋର୍ ଟିମ୍ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିପାରନ୍ତି । ବିଜେପି ଗତ ସପ୍ତାହରେ ଆସନ୍ତା ଲୋକସଭା ନିର୍ବାଚନ ପାଇଁ ଦେଶର ୧୯୫ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା । ଏଥିରେ ଓଡ଼ିଶାର କୌଣସି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇ ନଥିଲା । ଖୁବଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ବିଜେପି ଘୋଷଣା କରିବ । ଏହାପୂର୍ବରୁ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ବୈଠକ ବସିବ । ଏହି ବୈଠକରେ ପ୍ରାର୍ଥୀଙ୍କ ନାଁ ଉପରେ ବିଚାର ବିମର୍ଶ ହେବ । ଉକ୍ତ ବୈଠକରେ ରାଜ୍ୟ ବିଜେପିର କୋର୍ ଟିମ୍ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି ।

ରାଜ୍ୟ ବିଜେପିର ଅନ୍ଦର ମହଲ ସୂଚନା ଅନୁଯାୟୀ ଆଜି କିମ୍ବା ଆସନ୍ତାକାଲି ସୁଦ୍ଧା ରାଜ୍ୟରେ ସମ୍ଭାବ୍ୟ ମେଣ୍ଟର ମୂଳଦୁଆ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି । ଉଭୟ ବିଜେଡି ଏବଂ କେତେ କେତେ ଆସନରେ ଲଢ଼ିବେ ତାହା ନେଇ ଏକାଧିକବାର ଚର୍ଚ୍ଚା ଆଲୋଚନା ସରିଛି । ଅପରପକ୍ଷେ ବିଜେପି ରାଜ୍ୟ ନିର୍ବାଚନ ପ୍ରଭାରୀ ଶ୍ରୀ ତୋମାର କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଡକରା ପାଇ ରାଜ୍ୟ ବିଜେପି ନେତା ଦିଲ୍ଲୀ ଯାଉଥିବା ସ୍ୱୀକାର କରିଛନ୍ତି । ସେ କହିଛନ୍ତି ଓଡ଼ିଶାର ସମସ୍ତ ବିଧାନସଭା ଓ ଲୋକସଭା ଆସନ ପାଇଁ ଆମେ ପ୍ରସ୍ତୁତି କରୁଛୁ ବୋଲି ସେ କହିଛନ୍ତି ।

### ୧୩୪୭୪ ଛାତ୍ରଛାତ୍ରୀଙ୍କୁ...

ପଏଣ୍ଟ ସିଷ୍ଟମ ଆଧାରିତ ଏହି ସ୍ମାର୍ଟ କାର୍ଡ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ, ବ୍ୟକ୍ତିତ୍ୱ, ଦକ୍ଷତା ବିକାଶ ସହ ନିଯୁକ୍ତିରେ ସହାୟକ ହୋଇପାରିବ । ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ । ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଛନ୍ତି ।

ଛାତ୍ରଛାତ୍ରୀଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ ପାରାମିଟର ମାଧ୍ୟମରେ ପାଇଥିବା ପଏଣ୍ଟ ଅନୁଯାୟୀ କାଡର୍‌କୁ ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ ପର୍ଯ୍ୟାୟଭୁକ୍ତ କରାଯିବ । ଶ୍ରେଣୀରେ ଉପସ୍ଥାନ, ଅନୁଶାସନ, ଶୈକ୍ଷିକ ପ୍ରଦର୍ଶନ, କ୍ରୀଡ଼ା, ଅନଲାଇନ୍ ପାଠ୍ୟକ୍ରମ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଆଦିରେ ଛାତ୍ରଙ୍କ ଦକ୍ଷତା ନେଇ ଏହି କାର୍ଡ ବଣ୍ଟନ ଓ ନବୀକରଣ କରାଯିବ । ଏହି କାର୍ଡ ମାଧ୍ୟମରେ ବସ୍, ଟ୍ରେନ, ବିମାନ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ, ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂରାଜୀ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିଅମ୍‌ରେ ପ୍ରବେଶ, ଜର୍ନାଲ୍ ଏବଂ ସେମିନାରଗୁଡ଼ିକର ପ୍ରବେଶ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇ ପାରିବେ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଛନ୍ତି । ମାର୍ଚ୍ଚ ୫ ତାରିଖରୁ ଏହାର ପଞ୍ଜୀକରଣ ଆରମ୍ଭ ହୋଇଛି ଏବଂ ଆସନ୍ତା ଅଗଷ୍ଟ ୧୫ ତାରିଖ ଦିନ ବଣ୍ଟନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରାଯାଉଛି । ସେହିପରି ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅମାନଙ୍କୁ ବାର୍ଷିକ ୧୦ହଜାର ଏବଂ ଝିଅ ମାନଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯାଉଛି । ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଏହି ବୃତ୍ତିରାଶି ପାଇବେ । ଏହାସହ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାମସ୍ ପୋର୍ଟାଲ ମାଧ୍ୟମରେ ନାମ ଲେଖାଉଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବୃତ୍ତିରାଶି ପ୍ରଦାନ କରାଯିବ ।

# ୧୨ରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ସହ ଭିତ୍ତିପ୍ରସ୍ତର ଦେବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୧୦ ।୩(ସମିସ):** ଆସନ୍ତା ୧୨ ତାରିଖରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଓଡ଼ିଶା ପାଇଁ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବେ । ପୂର୍ବତଟ ରେଳପଥ ସୂତ୍ରରୁ ହସ୍ତଗତ ସୂଚନା ଅନୁସାରେ, ଏହି ଦିନ ପ୍ରଧାନମନ୍ତ୍ରୀ ପୁରୀ-ବିଶାଖାପାଟଣା ବନ୍ଦେ ଭାରତ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ । ଏଥିସହ ୪୧ଟି ଏକ ଷ୍ଟେସନ୍ ଏକ ଉତ୍ପାଦ ଷ୍ଟଲ୍‌କୁ ଉତ୍ସର୍ଗ କରିବେ । ସେହିପରି ଓଡ଼ିଶାରେ ୨୭୪ଟି ରେଳ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୧୬୨ଟି ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍, ୫୦ଟି ସୌରଚାଳିତ ଷ୍ଟେସନ୍, ୫ଟି ଗୁଡ୍ସ ସେଡ୍, ୯ଟି ନୂଆ ଲାଇନ୍, ଦୋହରୀକରଣ ଏବଂ ତୃତୀୟ ଲାଇନ୍ ପ୍ରକଳ୍ପ, ୪ଟି ଅଟୋ ସିଗନାଲ ସିଷ୍ଟମ୍, ୧ଟି ଗତି ଶକ୍ତି ଟର୍ମିନାଲ, ୧ଟି ଜନ ଔଷଧୀ କେନ୍ଦ୍ର ଏବଂ ୧ଟି ରେଳ କୋଚ୍ ରେଷ୍ଟୁରାଣ୍ଟ ଅନ୍ତର୍ଭୁକ୍ତ ।

## ■ ଦୁର୍ଗାପଙ୍ଗା ଜଙ୍ଗଲରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ

# ୨୦ ରାଉଣ୍ଡ ଗୁଳି ମିନିମୟ ପରେ ଛତ୍ରଭଙ୍ଗ ଦେଲେ ମାଓବାଦୀ

**ଭୁବନେଶ୍ୱର,୧୦ ।୩(ସମିସ):** କନ୍ଧମାଳ କୋଟଗଡ଼ ଥାନା ଦୁର୍ଗାପଙ୍ଗା ସଂରକ୍ଷିତ ଜଙ୍ଗଲରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି । ୧୫ରୁ ୨୦ ରାଉଣ୍ଡ ଗୁଳି ବିନିମୟ ପରେ ଛତ୍ରଭଙ୍ଗ ଦେଇଛନ୍ତି ମାଓବାଦୀ । ଶନିବାର ଏସ୍‌ଓଜି ଯବାନଙ୍କ ପକ୍ଷରୁ କମ୍ବିଂ ଅପରେସନ ଚାଲିଥିବା ବେଳେ ମାଓ କ୍ୟାମ୍ପ ଠାବ ହୋଇଥିଲା । ଯବାନଙ୍କୁ ଦେଖି ଗୁଳି ଚଳାଇଥିଲେ ମାଓବାଦୀ । ତେବେ ଯବାନଙ୍କ ପ୍ରତିଆକ୍ରମଣ ପରେ କ୍ୟାମ୍ପ ଛାଡ଼ି ପଳାଇଛନ୍ତି ପ୍ରାୟ ୧୫ ହାର୍ଡକୋର୍ ମାଓବାଦୀ । ଏହି କ୍ୟାମ୍ପରୁ ୭ଟି ଗ୍ରେନେଡ୍, ୩ଟି ଜିଲୋଟିନ୍, ବ୍ଲାଷ୍ଟିଂ ମେସିନ ସମେତ ଅନେକ ସାମଗ୍ରୀ ଜବତ ହୋଇଛି । କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ଏ ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

କନ୍ଧମାଳ ଜିଲ୍ଲା କୋଟଗଡ଼ ଓ ବେଲଘର ଥାନା ଦୁର୍ଗାପଙ୍ଗା ସଂରକ୍ଷିତ ଜଙ୍ଗଲରେ ଏସ୍‌ଓଜି ଯବାନମାନେ କମ୍ବିଂ ଅପରେସନ କରୁଥିବା ବେଳେ ଶନିବାର ଦିନ ପ୍ରାୟ ସାଢେ ୧୧ଟା ବେଳେ ନକ୍ସଲଙ୍କ ସହିତ ସେମାନଙ୍କର ମୁହାଁମୁହିଁ ହୋଇଥିଲା । ୧୫ରୁ ୨୦ ମିନିଟ୍ ଧରି ସେମାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏହା ପରେ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ନକ୍ସଲମାନେ ସେହି ସ୍ଥାନ ଛାଡ଼ି ଚାଲି ଯାଇଥିଲେ । ଗୁଳି ବିନିମୟ ବନ୍ଦ ହେବା ପରେ ଏସ୍‌ଓଜି ଯବାନମାନେ ଜଙ୍ଗଲରେ ସର୍ଚ୍ଚ ଅପେରସନ କରିଥିଲେ । ସର୍ଚ୍ଚ ଅପେରସନ୍ ବେଳେ ସେଠାରେ ଏକ ନକ୍ସଲ କ୍ୟାମ୍ପ ଠାବ ହୋଇଥିଲା । ସେଠାରେ ବଂଶଧାରା-ଘୁମୁସର-ନାଗାବଳୀ ନକ୍ସଲ ସଂଗଠନର କ୍ୟାମ୍ପ ଚାଲିଥିଲା ଓ ପ୍ରାୟ ୧୫ଜଣ ହାର୍ଡକୋର ନକ୍ସଲ ଥିଲେ ବୋଲି କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି । ନକ୍ସଲମାନେ ଦୁର୍ଗାପଙ୍ଗା ସଂରକ୍ଷିତ ଜଙ୍ଗଲରେ ଥିବା ନେଇ ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ଏସ୍‌ଓଜି ଯବାନମାନେ ଗତ ୬ ତାରିଖରୁ କମ୍ବିଂ ଅପରେସନ ଆରମ୍ଭ କରିଥିଲେ । ଆଗକୁ ନିର୍ବାଚନ ଥିବାରୁ ମାଓବାଦୀମାନେ ସକ୍ରିୟ ହୋଇ ଉଠିଛନ୍ତି । ତେଣୁ ପୁଲିସ ମାଓବାଦୀଙ୍କୁ ସାବାଡ଼ କରିବା ପାଇଁ ଏକ ରଣନୀତି ଆପଣାଇଛି । ମାଓବାଦୀଙ୍କୁ ଦମନ କରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି । ଯେଉଁ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ଅଛନ୍ତି, ସେହି ଅଞ୍ଚଳର ପୁଲିସକୁ ନେଇ ଏକ ସ୍ୱେଶାଲ ଟିମ୍ ଗଠନ କରାଯାଇଛି । ଏହି ଟିମ୍ ମାଓବାଦୀ ଗତିବିଧି ସମ୍ପର୍କରେ ନଜର ରଖିବ । ଯେଉଁଠି ମାଓବାଦୀ କ୍ୟାମ୍ପ ଥିବା ନେଇ ଖବର ମିଳିବ ତୁରନ୍ତ କମ୍ବିଂ ଅପରେସନ କରାଯିବ ।

**ମାଓବାଦୀଙ୍କୁ ସାବାଡ୍ ପାଇଁ ଗଠନ ହେଲା ସ୍ୱେଶାଲ ଟିମ୍**

## ■ ୧୨ରେ ଗ୍ୟାଙ୍ଗଷ୍ଟାର୍ କାଲା ସହ ଲେଡି ଡନ୍ ମିଞ୍ଜର ବିବାହ

# ସୁରକ୍ଷାରେ ମୁତୟନ ହେବେ କମାଣ୍ଡୋଙ୍କ ସହ ୨୫୦ ପୁଲିସ୍

**ନୂଆଦିଲ୍ଲୀ,୧୦ ।୩(ଏଜେନ୍ସି):** ଦିଲ୍ଲୀର ଦ୍ୱାରକା ସେକ୍ଟର-୩ସ୍ଥିତ ଏକ ବିବାହ ମଣ୍ଡପ 'ସନ୍ତୋଷ ଗାର୍ଡେନ'ରେ ଆସନ୍ତା ୧୨ ତାରିଖରେ ବିବାହ ବନ୍ଧନରେ ଆବଦ୍ଧ ହେବେ କୁଖ୍ୟାତ ଗ୍ୟାଙ୍ଗଷ୍ଟାର୍ ସନ୍ଦୀପ ଓରଫ କାଲା ଜାଠେଡି ଓ ଲେଡି ଡନ୍ ହିଷ୍ଟ୍ରିସିଟର୍ ଅନୁରାଧା ଚୌଧୁରୀ ଓରଫ ମ୍ୟାଡାମ୍ ମିଞ୍ଜ୍ । ସେମାନଙ୍କ ବିବାହ ପାଇଁ ଦିଲ୍ଲୀର ଏକ ଅଦାଲତ ଦିନ ୧୦ଟାରୁ ଅପରାହ୍ନ ୪ଟା ଅର୍ଥାତ୍ ୬ଘଣ୍ଟା ପାଇଁ କାଲାକୁ ପାରୋଲ ମଞ୍ଜୁର କରିଛନ୍ତି । ହତ୍ୟା, ହତ୍ୟା ଉଦ୍ୟମ, ଲୁଣ୍ଠନ, ଅପହରଣ, ବଳପୂର୍ବକ ତଥା ଧମକଚମକ ଦେଇ ଅର୍ଥ ଆଦାୟ ଆଦି ଅନେକ ଗୁରୁତର ଅପରାଧରେ ଅଭିଯୁକ୍ତ କାଲାର ବିବାହରେ ଯେପରି କିଛି ବିଭ୍ରାଟ ନଘଟେ ତଥା କାଲା ଯେପରି ପୁଲିସ୍ କବଳରୁ ଖସିଯିବା ଭଳି କିଛି କାର୍ଯ୍ୟ ନକରିପାରିବ ତାହା ନିଶ୍ଚିତ କରିବା ପାଇଁ ୧୨ ତାରିଖରେ ସନ୍ତୋଷ ଗାର୍ଡେନ ଭିତରେ ଓ ବାହାରେ ସ୍ୱେଶାଲ ୱେପନ ଆଣ୍ଡ ଟେକନିକ୍(ଏସଡବଲ୍ୟୁଏଟି) କମାଣ୍ଡୋଙ୍କ ଟିମ୍, ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍,କ୍ରାଇମ୍ ବ୍ରାଞ୍ଚ୍ ଓ ହରିୟାନା କ୍ରାଇମ୍ ଇନଭେଷ୍ଟିଗେସନ୍ ଏଜେନ୍ସି(ସିଆଇଏ) ସମେତ ୨୦୦ ପୁଲିସ୍ କର୍ମଚାରୀ ମୁତୟନ ରହିବେ ।





୧୩ ତାରିଖରେ ପୁଲିସ୍ ଟିମ୍ କଡ଼ା ସୁରକ୍ଷା ବଳୟରେ ନବଦମ୍ପତିଙ୍କୁ ଗୃହପ୍ରବେଶ ପାଇଁ କାଲାର ପୈତୃକ ଗ୍ରାମ ହରିୟାଣା ସୋନିପତ ଜିଲ୍ଲାର ଜାଠେଡି'କୁ ନେବେ । କାଲାର ଭାବୀପତ୍ନୀ ଲେଡି ଡନ୍ ଅନୁରାଧା ଚୌଧୁରୀ ଓରଫ୍ ମ୍ୟାଡମ୍ ମିଞ୍ଜଙ୍କ ଅପରାଧ ତାଲିକା ବହୁତ ଲମ୍ବା । ରାଜସ୍ଥାନର ଗ୍ୟାଙ୍ଗଷ୍ଟାର୍ ଆନନ୍ଦ ପାଲ ପାଇଁ ଅନୁରାଧା ଅନେକ ଅପହରଣ ଘଟାଇଛନ୍ତି ଓ ବଳପୂର୍ବକ ଟଙ୍କା ଆଦାୟର ଅନେକ ଅଭିଯୋଗ ତାଙ୍କ ବିରୋଧରେ ରହିଛି । କାଲା ବର୍ତ୍ତମାନ ତିହାର ଜେଲରେ ଅଛି । ୨୦୨୦ରେ ହରିୟାଣା ପୁଲିସ କାଲାକୁ ଅଦାଲତରେ ହାଜର କରାଇବାକୁ ନେଉଥିବା ବେଳେ ରାସ୍ତାରେ ତା'ର ଗ୍ୟାଙ୍ଗର ସଦସ୍ୟମାନେ ପୁଲିସକୁ ଘେରିଯାଇ ଅନ୍ଧାଧୁନ୍ ଗୁଳି ଚଳାଇଥିଲେ । ସେହି ସୁଯୋଗରେ କାଲା ଏସକର୍ଟଙ୍କୁ ଚକମା ଦେଇ ଖସିଯାଇଥିଲା । ସେତେବେଳେ କାଲା ଉପରେ ପୁଲିସ୍ ୭ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା । କାଲା ହେଉଛି ଗ୍ୟାଙ୍ଗଷ୍ଟାର କଣ୍ଟ୍ରାକ୍ଟ କିଲର୍ ଲରେନ୍ସ ବିଷ୍ଣୋଇର ଘନିଷ୍ଠ ସହଯୋଗୀ ।

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Bishnupriya Pradhan (60) W/O Kesha Ranjan Pradhan, At -Bijaynagar Padampur, PS- Padampur, Dist-Bargarh before the Notary Public Padampur declare that my name Bisnu Priya Pradhan as recorded in my spouse's passport and Bishnupriya Pradhan as recorded in my Aadhar are of the same and of one person for all the future purposes.

# ରହସ୍ୟରେ ରହିଗଲା ଇବ୍‌ରେ ଅରକ୍ଷିତଙ୍କ ନିଖୋଜ ଘଟଣା

**ସୁନ୍ଦରଗଡ଼, ୧୦।୩(ସମିସ):** ଇବ୍ ନଦୀରେ ଗୋଧୋଇବାକୁ ଯାଇ କିମ୍ବା ଡଙ୍ଗା ବୁଡ଼ି କାରଣରୁ ନିଖୋଜ ରହୁଥିବା ବ୍ୟକ୍ତିମାନଙ୍କ ମୃତଦେହ ଉଦ୍ଧାର କରିବାରେ ପୁଲିସ ଏବଂ ଅଗ୍ନିଶମ ବିଭାଗ ସଫଳ ହେଉଛନ୍ତି। ଦିନେ ଦୁଇଦିନ ମଧ୍ୟରେ ମୃତଦେହ ଉଦ୍ଧାର ହେଉଛି। ମାତ୍ର ଇବ୍ ନଦୀର ଭଷ୍ମା ଘାଟରେ ଗୋଧୋଇବାକୁ ଯାଇ ନିଖୋଜ ଥିବା ଅରକ୍ଷିତ ମିଶ୍ରଙ୍କ ମୃତଦେହ ଆଜିପର୍ଯ୍ୟନ୍ତ ଉଦ୍ଧାର ହୋଇପାରି ନାହିଁ। ଫଳରେ ଉକ୍ତ ଘଟଣାରେ ତାଙ୍କ ପରିବାର ଲୋକେ ଅରକ୍ଷିତଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ୨୦୧୨ ଜୁଲାଇ ୭ରେ ଭଷ୍ମା ଗ୍ରାମର ଅରକ୍ଷିତ ତାଙ୍କ ମୋପେଡରେ ଇବ୍ ନଦୀର ଭଷ୍ମା ଘାଟକୁ ଗୋଧୋଇବାକୁ ଯାଇଥିଲେ। ତାଙ୍କ ପରେ ଉକ୍ତ ଘାଟକୁ ଗୋଧୋଇବାକୁ ଯାଇଥିବା ଲୋକେ ଘାଟରେ ଅରକ୍ଷିତଙ୍କ ଗାମୁଛା, ସାବୁନ, ବ୍ରସ ଏବଂ ନଦୀ କୂଳରେ ତାଙ୍କ ମୋପେଡ ଥିବା ଦେଖି ସେ କୁଆଡ଼େ ଗଲେ ବୋଲି ନିରୀକ୍ଷଣ କରିଥିଲେ। ତେବେ ଅନେକ ସମୟ ଯାଏ ତାଙ୍କ ପତ୍ତା ନ ମିଳିବାରୁ ସେମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳକୁ ଆସି ଖୋଜାଖୋଜି କରି ବିଫଳ ହେବା ପରେ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଓ ଦମକଳ ବାହିନୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ତଥାପି ତାଙ୍କ ପତ୍ତା ମିଳିପାରି ନ ଥିଲା। ଫଳରେ ଦମକଳ ବାହିନୀ ତଲାସୀ ଅଭିଯାନ ବନ୍ଦ କରିଥିଲା। ତେବେ ପୁଲିସ ଏହାର ତଦନ୍ତ ଚଳାଇଥିଲେ ହେଁ ଘଟଣାର ପ୍ରାୟ ୧୨ ବର୍ଷ ପରେ ବି ତାଙ୍କର ସନ୍ଧାନ ମିଳି ନାହିଁ। ଏ ସ୍ଥିତିରେ ସ୍ୱାମୀଙ୍କ ମୃତଦେହ ନ ଦେଖିବା କାରଣରୁ ପତ୍ନୀ ମଥାରୁ ସିନ୍ଦୂର ପୋଛୁନାହାନ୍ତି, କି ହାତରୁ ଶଙ୍ଖା କାଢୁନାହାନ୍ତି। ଅନେକ ନିଖୋଜ ବ୍ୟକ୍ତି ଦୀର୍ଘଦିନ ପରେ ଘରକୁ ଫେରିବାର ନଜିର ରହିଥିବାରୁ ଅରକ୍ଷିତଙ୍କ ଫେରିବା ବାଟକୁ ସେ ଚାହିଁ ରହିଛନ୍ତି। ସତେ କି ତାଙ୍କ ସ୍ୱାମୀ ଫେରି ଆସିବେ, ତାଙ୍କ ଉଜୁଡ଼ା ସଂସାର ପୁଣି ହସିଉଠିବ ବୋଲି ତାଙ୍କ ଅବୁଝା ମନ କହୁଛି।


ମିଳିଲାନି ମୃତଦେହ

- ମିଳୁନି ମୃତ୍ୟୁ ପ୍ରମାଣପତ୍ର
- ଏବେ ବି ସଧବା ସାଜିଛନ୍ତି ପତ୍ନୀ

# ଚୋରାବାଲିରେ ଚାଲିଗଲେ କକା-ପୁତୁରା ସମେତ ତିନି

**ସୁନ୍ଦରଗଡ଼, ୧୦।୩(ସମିସ)**

- ବୁଡ଼ିଯାଇଥିବା ୩ ଜଣଙ୍କ ମୃତଦେହ ଉଦ୍ଧାର
- ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର
- ଘଟଣାସ୍ଥଳରେ ଯାଇସାରିଛି ଅନେକ ଜୀବନ
- ସୁରକ୍ଷା ବ୍ୟବସ୍ଥା ପ୍ରତି କାହାରି ନିଘା ନାହିଁ

ଶନିବାର ଅପରାହ୍ନରେ ଇବ୍ ନଦୀର ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସେମିନାଠାରେ ଗାଧୋଉଥିବା ବେଳେ ଇବ୍ ନଦୀରେ ବୁଡ଼ି ନିଖୋଜ ଥିବା ତିନିଜଣଙ୍କ ମୃତଦେହ ରବିବାର ସକାଳେ ଉଦ୍ଧାର କରାଯାଇଛି। ଅଗ୍ନିଶମ କର୍ମଚାରୀ ତିନି ମୃତଦେହ ଉଦ୍ଧାର କରିବା ପରେ ସଦର ଥାନା ପୁଲିସ ତାହାକୁ ଜବତ କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ପରିବାର ଲୋକଙ୍କ ବୁକୁଫଟା କ୍ରନ୍ଦନରେ ଦେଖଣାହାରୀଙ୍କ ଆଖିରୁ ମଧ୍ୟ ଲୁହ ଆସିଯାଇଥିଲା। ଶବ ହସ୍ତାନ୍ତର ପରେ ପରିବାର ଲୋକେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରିଛନ୍ତି।

ଶନିବାର ସୁନ୍ଦରଗଡ଼ ଡେଙ୍ଗିଭାଡ଼ିର ମହମ୍ମଦ ଆଫଜଲଙ୍କ ପୁଅ ମହମ୍ମଦ ଫାରହାନ (୨୪)ଙ୍କ ଜନ୍ମଦିନ ଥିବାରୁ କାକା ମହମ୍ମଦ ସାହିଲ (୪୯) ଓ ବ୍ରାହ୍ମଣପଡ଼ାର ଅବଦୁଲ ଜୱାରଙ୍କ ପୁଅ ମହମ୍ମଦ ରିଓାଜ (୧୯)ଙ୍କ ସମେତ ଅନ୍ୟ କେତେଜଣ ସମ୍ପର୍କୀୟ ବଣଭୋଜି କରିବାକୁ ଯାଇଥିଲେ। ବଣଭୋଜି ସମୟରେ ମହମ୍ମଦ ଫାରହାନ ଓ ମହମ୍ମଦ ରିଜୱାନ ଗାଧୋଇବାକୁ ନଦୀକୁ ପଶିଥିଲେ।

ତେବେ ଚୋରା ବାଲିରେ ତାଙ୍କ ଗୋଡ଼ ଫସିଯାଇଥିଲା। ସେମାନେ ବୁଡ଼ିବାକୁ ଯାଉଥିବା ବେଳେ ତାଙ୍କ ଚିତ୍କାର ଶୁଣି କକା ମହମ୍ମଦ ସାହିଲ ତାଙ୍କୁ ଉଦ୍ଧାର କରିବାକୁ ପାଣି ଭିତରକୁ ଯାଇଥିଲେ। ତେବେ ସେ ମଧ୍ୟ ଚୋରାବାଲିରେ ଫସି ବୁଡ଼ି ଯାଇଥିଲେ। ଖବର ପାଇ ସଦର ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଏମାନଙ୍କୁ ଠାବ କରାଯାଇ ପାରି ନ ଥିଲା। ଘନ ଅନ୍ଧାର ଯୋଗୁଁ ଉଦ୍ଧାର କାର୍ଯ୍ୟ ବନ୍ଦ କରାଯାଇ ରବିବାର ସକାଳେ ପୁଣି ତଲାସୀ କରାଯିବାରେ ଏମାନଙ୍କ ମୃତଦେହ ମିଳିଥିଲା। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେମିନା ପିକନିକ ସ୍ପଟ ନିକଟରେ ଥିବା ଇବ୍ ନଦୀର ଏହି ସ୍ଥାନରେ ଗୋଧୋଇବା ବେଳେ ଅନେକ ଲୋକଙ୍କ ଜୀବନ ଯାଇସାରିଛି। ତଥାପି ସୁରକ୍ଷା ଦିଗରେ କେହି ମୁଣ୍ଡ ନ ଖେଳାଇବା ଉଦବେଗର କାରଣ ହୋଇଛି।

# ୫୦୦ ଘର ଡେଲକି ଖଡ଼ିଆ ସମାଜ ସମ୍ମିଳନୀ ଉଦ୍‌ଯାପିତ



**ସୁନ୍ଦରଗଡ଼, ୧୦।୩(ସମିସ):** ତଳସରା ନୂଆଡିହି ଖେଳପଡ଼ିଆରେ ଚାଲିଥିବା ୫୦୦ ଘର ଡେଲକି ଖଡ଼ିଆ ସମାଜର ଦୁଇଦିନିଆ ସମ୍ମିଳନୀ ରବିବାର ଉଦଯାପିତ ହୋଇଛି। ତଳସରା ସରପଞ୍ଚ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଖଡ଼ିଆ ସମାଜର ସଂସ୍କୃତି, ଭାଷା ଓ ପରମ୍ପରା ଉପରେ ରାଜ୍ୟ ସରକାର ବେଶ୍ ଯତ୍ନଶୀଳ ବୋଲି କହିଥିଲେ। ତାଙ୍କ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡେଲକି ସମାଜ ରାଜ୍ୟ ସଭାପତି ନୃପଚରଣ ଡନସନା, ଜିଲ୍ଲା ସଭାପତି ପରମାନନ୍ଦ ବାଗ, ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବବି କେରକେଟା, ଉତ୍ତମ ବାଗ, କଳିନ୍ଦ୍ର ବାଗ, ଗୌତମ ନାଏକ ପ୍ରମୁଖ ସହଯୋଗ କରିଥିଲେ।

■ ୧୯୮୫ ବ୍ୟାଚ୍ ଛାତ୍ରଙ୍କ ସମାବେଶ

# ‘ପୁରାତନ ଛାତ୍ର ସମାବେଶ ବନ୍ଧୁତାକୁ ମଜଭୁତ କରେ’



**ସୁନ୍ଦରଗଡ଼, ୧୦।୩(ସମିସ):** ସୁନ୍ଦରଗଡ଼ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ ୧୯୮୫ ବ୍ୟାଚ୍ ଛାତ୍ରଙ୍କ ଅଷ୍ଟମ ସମାବେଶ ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପରିସରରେ ଆୟୋଜିତ ଉକ୍ତ ସମାରୋହରେ ସୁନ୍ଦରଗଡ଼ ପୌରପାଳିକାର ଉପ ନଗରପାଳ ଲଲାଟେନ୍ଦୁ ପରିଡ଼ା ଯୋଗଦେଇ ପୁରାତନ ଛାତ୍ରଙ୍କ ଏପରି ସମାବେଶ ବନ୍ଧୁତାକୁ ମଜବୁତ କରିବ ବୋଲି କହିଥିଲେ।

ଉପସ୍ଥିତ ବନ୍ଧୁଙ୍କ ମଧ୍ୟରେ ବନ୍ଧୁତାକୁ ନବୀକରଣ କରିବା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣକୁ ସ୍ମରଣୀୟ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୁରୁଣା ବନ୍ଧୁମାନେ ନିଜ ପରିବାର ସହ ଏକାଠି ହୋଇ ଉତ୍ସାହ ଏବଂ ଆନନ୍ଦରେ ପରିପୂର୍ଣ୍ଣ ବିଗତ ଦିନର ସ୍ମୃତିଚାରଣ କରିଥିଲେ। ସେମାନଙ୍କର ବିଦ୍ୟାଳୟର ପୁରୁଣା ଦିନର କଥା ମନେ ପକାଇ ବିଦ୍ୟାଳୟ ପରବର୍ତ୍ତୀ ଜୀବନଯାତ୍ରା ବିଷୟରେ ଅଭିଜ୍ଞତା ଏବଂ ପ୍ରେରଣାଦାୟକ ଆଦାନପ୍ରଦାନ କରିଥିଲେ।

# ରାଜନୀତିରୁ ସନ୍ନ୍ୟାସ ନେଲେ ପୁରୁଖା ନେତା



**ସୁନ୍ଦରଗଡ଼, ୧୦।୩(ସମିସ):** ବୟସାଧିକ୍ୟ କାରଣରୁ ତଳସରା ନିର୍ବାଚନ ମଣ୍ଡଳୀର ପୁରୁଖା ନେତା ରାମପ୍ରସାଦ ପୁରୋହିତ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି। ଦୀର୍ଘ ୧୫ ବର୍ଷ ଧରି ସେ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ରହି ଆସିଥିଲେ। ଦଳର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ପୁରୋହିତ ରବିବାର ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ବିନୟ ଟପ୍ପୋ, ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ ମାଝୀ, ସବଡେଗା ବ୍ଲକ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପୀତାମ୍ବର ଶେଖର ଦେଓ, ଉମେଶ ପ୍ରସାଦ ସାହୁ ପ୍ରମୁଖ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି।

# କିଞ୍ଜିର୍ମା ଡିଗ୍ରୀ କଲେଜରେ ଛାତ୍ରବୃତ୍ତି ଅନୁଦାନପତ୍ର ବଣ୍ଟନ



**ସୁନ୍ଦରଗଡ଼, ୧୦।୩(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ କିଞ୍ଜିର୍ମାସ୍ଥିତ ଇଲା ମେମୋରିଏଲ ଡିଗ୍ରୀ କଲେଜରେ ନୂଆ-ଓ ଛାତ୍ରବୃତ୍ତି ଅନୁଦାନପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ ସଦର (କ) ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରବୃତ୍ତି ଯୋଜନା ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି ଦର୍ଶାଇବା ସହ ଏହା ଦ୍ୱାରା ଶିକ୍ଷା ପ୍ରତି ପିଲାଙ୍କ ଆଗ୍ରହ ବଢ଼ିବ ବୋଲି କହିଥିଲେ। କଲେଜ ଅଧ୍ୟକ୍ଷ ବିଶ୍ୱନାଥ ତ୍ରିପାଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସରକାରଙ୍କ ଏପରି ପଦକ୍ଷେପ ଦ୍ୱାରା ଅର୍ଥାଭାବରୁ ଆଉ କୌଣସି ପିଲା ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେ ନାହିଁ ବୋଲି କହିଥଲେ। ଅନ୍ୟମାନଙ୍କ ମଧ୍ୟର ଅଧ୍ୟାପକ ତଥା ନୋଡାଲ ଅଫିସର ସୁବାସ ପଣ୍ଡା, ଡା. ରଶ୍ମିତାରାଣୀ ଦାଶ, ସଞ୍ଜୁକ୍ତା ପଟେଲ, ରାଜଶ୍ରୀ ପଟେଲ, ସଞ୍ଜୁକ୍ତା କୁଅଁର, ସୁଜାତା ପଟେଲ, ମନୋଜ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ମୋଟ ୧୯୬ ଛାତ୍ରଛାତ୍ରୀଙ୍କୁ ଏହି ଅନୁଦାନପତ୍ର ବଣ୍ଟନ କରାଯାଇଛି।

# ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି

ସୁନ୍ଦରଗଡ଼, ୧୦।୩(ସମିସ): ଶନିବାର ରାଜ୍ୟ କ୍ୟାବିନେଟ ପ୍ରାଥମିକ ଶିକ୍ଷା ବିଭାଗର ବର୍ଗ-୫(କ) ବ୍ୟତୀତ ପଦୋନ୍ନତି ଭିତ୍ତିରେ ବର୍ଗ-୫(ଖ) ବରିଷ୍ଠ ଶିକ୍ଷକ, ବର୍ଗ-୪ ସ୍ନାତକ ଶିକ୍ଷକ ଏବଂ ବର୍ଗ-୩ ପ୍ରଧାନଶିକ୍ଷକଙ୍କ ଦରମା ହାରରେ ପରିବର୍ତ୍ତନ କରିଛନ୍ତି। ଏ ନେଇ ଶିକ୍ଷକ ଅଧିକାର ମଞ୍ଚର ଜିଲ୍ଲା ସାଧାରଣ ସମ୍ପାଦିକା ତୃପ୍ତିପ୍ରଭା ଦାସ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦାସ ଏକ ପ୍ରେସ ବିବୃତିରେ କହିଛନ୍ତି, ଯେହେତୁ ରାଜ୍ୟ ସରକାର ପଦୋନ୍ନତି ଭିତ୍ତିରେ ଦରମା ହାରରେ ପରିବର୍ତ୍ତନ କରିଛନ୍ତି, ତେଣୁ ଦୀର୍ଘ ଏକ ବର୍ଷ ଧରି ବିଭିନ୍ନ ମାମଲାରେ ଛନ୍ଦିହୋଇ ଅଟକି ରହିଥିବା ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ପ୍ରକ୍ରିୟାକୁ ସରକାର ଅତିଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଉଚିତ।

ତା’ଛଡ଼ା ବର୍ଗ-୫(ଖ) ବରିଷ୍ଠ ଶିକ୍ଷକ ପଦବୀ ଅଧିକରୁ ଅଧିକ ସଂଖ୍ୟାରେ ସୃଷ୍ଟି କରିବା ଆବଶ୍ୟକ। ଯାହାଦ୍ୱାରା ବର୍ଗ-୫(କ)ରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଶୀଘ୍ର ପଦୋନ୍ନତି ପାଇବା ସହ ଉପକୃତ ହୋଇପାରିବେ। ରାଜ୍ୟ ସରକାର ୨୦୨୨ ଅକ୍ଟୋବର ୧୬ରେ ଠିକା ନିଯୁକ୍ତି ଯୁଗର ଅନ୍ତ ହେଲା ବୋଲି ଘୋଷଣା କରିଥିବା ବେଳେ ବିଭିନ୍ନ ବିଭାଗର ଠିକା କର୍ମଚାରୀଙ୍କୁ ନିୟମିତ କରିବା ସହ ୬ଟି ଲେଖାଏଁ ଇନକ୍ରିମେଣ୍ଟ ପ୍ରଦାନ କରିଥିଲେ। ତା’ସହ ଠିକା ଅବଧିକୁ ମୂଳ ଚାକିରିରେ ମଧ୍ୟ ଗଣନା କରାଯାଇଥିଲା। ତେବେ ରାଜ୍ୟ ସରକାର ନିଜେ ଠିକା ନିଯୁକ୍ତି ଯୁଗର ଅନ୍ତ ହେଲା ବୋଲି ଘୋଷଣା କରିଥିଲେ ସୁଦ୍ଧା ଯେଉଁ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀମାନେ ଠିକା ନିଯୁକ୍ତି ପ୍ରଥାର ପ୍ରଥମ ଶିକାର ହୋଇଥିଲେ, ସେମାନେ ସେଥିରୁ ବଞ୍ଚିତ ହୋଇଥିଲେ। ନା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଠିକା ନିଯୁକ୍ତି ପ୍ରଥା ଉଠିଥିଲା, ନା ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠିକା ଅବଧିକୁ ମୂଳ ଚାକିରିରେ ଗଣନା କରାଯିବା ସହ ସେମାନଙ୍କୁ ୬ଟି ଲେଖାଏଁ ଇନକ୍ରିମେଣ୍ଟ ପ୍ରଦାନ କରାଯାଇଥିଲା। ଫଳସ୍ୱରୂପ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି ସୃଷ୍ଟି ହୋଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀମାନେ ୨୦୨୨ ନଭେମ୍ବର ୨୭ରୁ ୩୦ ତାରିଖ ଯାଏଁ ୪ ଦିନ ଧରି ଭୁବନେଶ୍ୱର ଗାନ୍ଧୀମାର୍ଗରେ ଆନ୍ଦୋଳନ ଏବଂ ୨୦୨୩ ସେପ୍ଟେମ୍ବର ୧୩ରୁ ୧୮ ପର୍ଯ୍ୟନ୍ତ ସାମୂହିକ ଛୁଟି ନେଇ ରାଜ୍ୟର ପ୍ରତ୍ୟେକ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ଆଗରେ ଧାରଣା ଦେବାକୁ ବାଧ୍ୟ ହୋଇଥିଲେ। ତେବେ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ପଦୋନ୍ନତି ଭିତ୍ତିରେ ଦରମା ହାରରେ ପରିବର୍ତ୍ତନ କରିଥିବାରୁ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟା କେମିତି ତ୍ୱରାନ୍ୱିତ ହେବ, ସେଥିପ୍ରତି ରାଜ୍ୟ ସରକାର ଯଥେଷ୍ଟ ସମ୍ବେଦନଶୀଳ ହେବାକୁ ଦାସ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ ୫୫୦ କୁଣହାଁ କିସାନ ସମାଜର ମହିଳା ସମ୍ମିଳନୀ



**ବାଲିଶଙ୍କରା, ୧୦।୩(ସମିସ):** ବାଲିଶଙ୍କରା ବ୍ଲକ ତୁମୁଲିଆ ପଞ୍ଚାୟତ ସାପଡଗର ପ୍ରଧାନପଡ଼ାଠାରେ ରାଜ୍ୟସ୍ତରୀୟ ୫୫୦ କୁଣହାଁ କିସାନ ସମାଜର ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସାପଡଗର ଗଙ୍ଗା ଗୁଡ଼ି ସଭାପତି ଦୁତିଆ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାଜ୍ୟସ୍ତରୀୟ କୁଣହାଁ ସମାଜ ସଭାପତି ମୋହନଲାଲ କିସାନ ଯୋଗଦେଇ ସାମାଜିକ ପତାକା ଉତ୍ତୋଳନ ସହ ଦୀପ ପ୍ରଜ୍ୱଳନ କରି ମହିଳା ସଶକ୍ତୀକରଣ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ କହିଥିଲେ। ସମ୍ମାନିତ ଅତିଥି ରୂପେ ରାଜ୍ୟସ୍ତରୀୟ କୁଣହାଁ ସମାଜ ସମ୍ପାଦକ ମନବୋଧ ମାଝୀ, ସୁନ୍ଦରଗଡ଼ ଜିଲ୍ଲା କମିଟି ସଭାପତି ଜଗନ୍ନାଥ ଲାକଡ଼ା, ଛେଣ୍ଡ ଗଙ୍ଗାଘାଟିର ସଭାପତି ଦଶରୁ କିସାନ, ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ରଥ ବେଛୁ, ସୁନ୍ଦରଗଡ଼ ଜିଲ୍ଲା ମହିଳା ଉପସଭାପତି କଳ୍ପନା କିସାନ, ସୁନ୍ଦରଗଡ଼ ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ସୁରେଶ ଚନ୍ଦ୍ର କିସାନ, ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ବିନୋଦ ବାଘ ପ୍ରମୁଖ ଯୋଗଦେଇଥିଲେ। ସାପଡଗର ଗଙ୍ଗାଗୁଡ଼ି, କୁରୁମକେଲ ଗଙ୍ଗାଗୁଡ଼ି, ଛତାସର୍ଗି ଗଙ୍ଗାଗୁଡ଼ି, ବୀରକାଲଡିହି ଆଞ୍ଚଳିକ ଗଙ୍ଗାଘାଟି, ରାମପୁର ଗଙ୍ଗାଗୁଡ଼ି, କରମଡ଼ିହି ଗଙ୍ଗାଗୁଡ଼ି ସମେତ ଛତିଶଗଡ଼ ଜୁନାଡିହି ଗଙ୍ଗାଗୁଡ଼ି, ବରଡିହି ଗଙ୍ଗାଗୁଡ଼ି, ବସାଝାର ଗଙ୍ଗାଗୁଡ଼ି ଓ ଲାଲୁଙ୍ଗା ଗଙ୍ଗାଗୁଡ଼ି ମଣ୍ଡଳୀ ଯୋଗଦେଇଥିଲେ। ଏଥିରେ ମହିଳା ସଶକ୍ତୀକରଣ, ସାମାଜିକ ସଚେତନତା ଓ ପାରମ୍ପରିକ ନାଚଗୀତ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ସାପଡଗର ଗଙ୍ଗାଗୁଡ଼ି ସଭାପତି ଦୁତିଆ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ




**ସୁନ୍ଦରଗଡ଼, ୧୦।୩(ସମିସ):** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସୁନ୍ଦରଗଡ଼ସ୍ଥିତ ଜିଲ୍ଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୦, ୪୩୬ ମାମଲା ମଧ୍ୟରୁ ୧୪୯୧ଟିର ବିଚାର କରାଯାଇ ୧୦ କୋଟି ୨୭ ଲକ୍ଷ ୬୧ ହଜାର ୬୫୮ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ଶୁଭଦର୍ଶୀ ପଟ୍ଟନାୟକ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଶ୍ରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରି-ଲିଟିଗେଶନ ସମ୍ବନ୍ଧୀୟ ୩୯୨ ମାମଲାରୁ ୩୬୫ଟି ବ୍ୟାଙ୍କ୍ ଋଣ ଆଦାୟ ମାମଲା, ୬ଟି ଶ୍ରମ ନିଯୁକ୍ତି ବିଭାଗୀୟ ମାମଲା, ୨୧ଟି ସାର୍ବଜନୀକ ଉପଯୋଗିତା ସେବା (ସ୍ଥାୟୀ ଲୋକ ଅଦାଲତ) ମାମଲାର ଫାଇସଲା କରାଯାଇଛି। ମୋଟ ୨ କୋଟି ୨୩ ଲକ୍ଷ ୪୨ ହଜାର ୩୯୬ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ହୋଇଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୨୮୩ ମାମଲା ମଧ୍ୟରୁ କ୍ରିମିନାଲ କମ୍ପାଉନଡ୍ରେବଲ ମାମଲା ୮ଟି, ଏନ୍ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୫୩ଟି, ବ୍ୟାଙ୍କ୍ ଋଣ ଆଦାୟ ୮୦ଟି, ମୋଟର ଯାନ ଦୁର୍ଘଟଣା ଜନିତ ୭୫ଟି, ବୈବାହିକ ସମ୍ବନ୍ଧୀୟ ୩୨ଟି, ରାଜସ୍ୱ ମାମଲା ୪୭୩ଟି ଓ ଅନ୍ୟାନ୍ୟ ଅପରାଧିକ ଫୌଜଦାରୀ ମାମଲା ୩୭୮ଟି ଏପରି ମୋଟ ୧୦୯୯ଟି ମାମଲାର ଫଇସଲା ହୋଇଛି। ୮ କୋଟି ୪ ଲକ୍ଷ ୧୯ ହଜାର ୨୮୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜଜ୍ ରାଜେଶ ଦାସ, ସିନିୟର୍ ସିଭିଲ ଜଜ ଅଜିତ କୁମାର ଓଝା, ସିନିୟର୍ ସିଭିଲ ଜଜ ମହିଳା କୋର୍ଟ ଶ୍ରଦ୍ଧା ମଣ୍ଡୋଥିଆ, ଏସଡିଜେଏମ ଲୋପାମୁଦ୍ରା ବେହେରା, ଜେଏମଏଫ୍‌ସି ଚିନ୍ମୟ ଦାସ, ଜେଏମଏଫ୍‌ସି ନିତ୍ୟାନନ୍ଦ ଚୌବେ, ଜେଏମଏସସି ସ୍ମୃତି ଅଭିଳାଷା, ଶୀତେଶ ମହାନ୍ତି ପ୍ରମୁଖ ଯୋଗଦେଇ ସମାଧାନ କରିଥିଲେ।

# ବିଦ୍ୟାଳୟରେ ମିଲେଟ୍ ଜାତୀୟ ଖାଦ୍ୟ ପର୍ବ

**ସୁନ୍ଦରଗଡ଼, ୧୦।୩(ସମିସ):** ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ପାଳନ ଅବସରରେ ରବିବାର ସୁନ୍ଦରଗଡ଼ କୃଷି ବିଭାଗ ଓ ଆମ୍ା ପକ୍ଷରୁ ଧନଲକ୍ଷ୍ମୀ ଗ୍ରୁପ୍ ସହାୟତାରେ ବନ୍ଧପାଲିସ୍ଥିତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ପରିସରରେ ମିଲେଟ୍ ଜାତୀୟ ଖାଦ୍ୟ ପର୍ବ ଆୟୋଜିତ ହୋଇଛି। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମିଲେଟ୍ ଜାତୀୟ ଖାଦ୍ୟର ଉପକାରିତା ବିଷୟରେ ଧାରଣା ଦେବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଉକ୍ତ ସମାରୋହରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମାଣ୍ଡିଆ ପ୍ରସ୍ତୁତ କେକ୍ କାଟି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, ବିଦ୍ୟାଳୟ ସମ୍ପାଦକ ତଥା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ଅଶୋକ କୁମାର ହାବଡ଼ାସିଂ, ଦୃଷ୍ଟିହୀନ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରିକା ମହନ୍ତ ଏବଂ ବଧିର ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଗୋମତୀ ନାୟକ ଯୋଗଦେଇ ଦିଗଦର୍ଶନ ଦେଇଥିଲେ। ମିଲେଟ୍ ମିଶନ ଏବଂ ବିଦ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ମିଲେଟ୍ ଜାତୀୟ ଖାଦ୍ୟକୁ ବେଶ୍ ଆନନ୍ଦର ସହ ଛାତ୍ରଛାତ୍ରୀ ଏବଂ ଉପସ୍ଥିତ ଅତିଥିମାନେ ଖାଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଆୟୋଜକଙ୍କୁ ବିଦ୍ୟାଳୟ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।



## ଶ୍ରମମନ୍ତ୍ରୀଙ୍କ ଦ୍ୱାରା ଏକାଧିକ ପ୍ରକଳ୍ପର ଶୁଭାରମ୍ଭ



**ରାଉରକେଲା, ୧୦।୩(ସମିସ):** ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ଦ୍ୱାରା କୋଏଲନଗର ବି ବ୍ଲକରେ ଥିବା ଗୀତା ଆଶ୍ରମ ଓ ଦୁର୍ଗାପୂଜା ପେଣ୍ଡାଲର ଉନ୍ନତୀକରଣ ପାଇଁ ଯଥାକ୍ରମେ ୪ ଲକ୍ଷ ଏବଂ ୪.୫ ଲକ୍ଷ ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ ହୋଇଛି। ସେହିପରି ନୂତନ ୱାର୍ଡ ନମ୍ବର ୧୪ସ୍ଥିତ ବାଗୁଡ଼ି ସାରନାଟୋଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଟ୍ରାଇବାଲ ହେରିଟେଜ ରିସର୍ଚ୍ଚ ସେଣ୍ଟର, ଛେଣ୍ଡ କଲୋନୀସ୍ଥିତ ଧାମରା ସଂଘ କାର୍ଯ୍ୟାଳୟର ନୂତନ କୋଠରି ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଓ ସମ୍ମୁଖ ନାଳ ଏବଂ ରାସ୍ତା ପ୍ରଶସ୍ତୀକରଣ ପାଇଁ ୧୦ଲକ୍ଷ ଟଙ୍କାର ପ୍ରକଳ୍ପକୁ ଶ୍ରମମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଆଇଟିଡିଏ ବିଶ୍ରା ବ୍ଲକ ଓ ରାଉରକେଲା ମହାନଗର ନିଗମ ଜରିଆରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହେବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧ୍ୟକ୍ଷା ରଶ୍ମିବାଳା ମିଶ୍ର, ଜିଲ୍ଲା ସଭାପତି ହାଲୁ ମୁଣ୍ଡାରୀ, ଜିଲ୍ଲା ମୁଖପାତ୍ର ଜୟନ୍ତ କୁମାର ମିଶ୍ର, ଭଗବାନ ରାଉତ, ଅକ୍ଷୟ ଦାସ, ଆଇନଜୀବୀ ନାରଣ ପ୍ରଧାନ, ରମେଶ ମହାନ୍ତି, ସୁଦର୍ଶନ ମିଶ୍ର, ଯୁବନେତା ରଞ୍ଜନ ନାୟକ, କାବୁଲି ପ୍ରତିହାରୀ, ଅକ୍ଷୟ ଜେନା, ଡା. ସାବିତ୍ରୀ ବାଡ଼ା, ଭରତ ମୁଣ୍ଡାରୀ, ମୋହନ ମୁଣ୍ଡାରୀ, ସୂରଜ ମୁଣ୍ଡାରୀ, ଲିଟୁ ପୁହାଣ, ଅନୁପ ସାମଲ, ବିବେକ ଜେନା, ସୁବାସ ପଣ୍ଡା, ସପାରି ଭୂମିଜ, ରାଧା ମୁଣ୍ଡରୀ, କେଶବତୀ ମୁଣ୍ଡାରୀ, ସୁମିତ୍ରା ମୁଣ୍ଡାରୀ, ଚନ୍ଦ୍ର ସିଂହ, ଜନ୍ମେଜୟ ପଶାୟତ, ଲକ୍ଷ୍ମୀ ରଥ, ସୁଷମା ମିଶ୍ର, କବିତା ରଥ, ଅଜୟ ଦାସ, ମୃତ୍ୟୁଞ୍ଜୟ କର, ସଙ୍ଗୀତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହାଇୱାକୁ ପଛରୁ ଧକ୍କାଦେଲା ସ୍କର୍ପିଓ

**ଗୁରୁଣ୍ଡିଆ, ୧୦।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ ଥାନା ନିକଟରେ ରବିବାର ଅପରାହ୍ନ ସାଢ଼େ ୩ଟାରେ ଏକ ହାଇୱାକୁ ପଛରୁ ଧକ୍କାଦେଇଛି ସ୍କର୍ପିଓ। ହାଇୱା ରାଉରକେଲା ପଟୁ ରଜାମୁଣ୍ଡା ଅଭିମୁଖେ ଯାଉଥିବା ବେଳେ ଏକ ଧଳା ରଙ୍ଗର ସ୍କର୍ପିଓ ଦ୍ରୁତ ଗତିରେ ଆସି ପଛପଟୁ ଧକ୍କାଦେଇ ଲାଖିଯାଇଥିଲା। ଦୁର୍ଘଟଣା ପରେ ହାଇୱା ସ୍କର୍ପିଓକୁ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଫଳରେ ସ୍କର୍ପିଓରେ ଥିବା ୬ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛି।

## ୧୪ତମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ




**ବଣାଇଁ, ୧୦।୩(ସମିସ):** ବଣାଇଁ ଇନ୍‌ଡୋର ଷ୍ଟାଡିୟମରେ ବଣାଇଁ ୟୁଥ କ୍ଲବ ଆନୁକୂଲ୍ୟରେ ୧୪ତମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରସୁଆ ସେଲର ମୁଖ୍ୟ ପରିଚାଳକ ତିଲକ ପଟ୍ଟନାୟକ, ଓଡ଼ିଶା ବ୍ୟାଡମିଣ୍ଟନ ସଂଘ କାର୍ଯ୍ୟକାରୀ ସଭାପତି ମିହିର ରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ପ୍ରଥମ ଦିନରେ କୋରାପୁଟ, ସମ୍ବଲପୁର, ବ୍ରହ୍ମପୁର, ଭୁବନେଶ୍ୱର, ଅନଗୋଳ, ରାୟଗଡ଼ା, ସୁନ୍ଦରଗଡ଼, ରାଉରକେଲା ଆଦି ବିଭିନ୍ନ ଜିଲ୍ଲାରୁ ୨୨ ଯୋଡ଼ି ଖେଳାଳି ଏଥିରେ ସାମିଲ ହୋଇଥିଲେ। ଉଦଘାଟନୀ ମ୍ୟାଚ ବଣାଇଁ ଏବଂ କୁଚିଣ୍ଡା ଯୋଡ଼ି ମଧ୍ୟରେ ଖେଳାଯାଇଥିଲା। ବଣାଇଁ ଯୋଡ଼ି ୨-୦ରେ ବିଜୟୀ ହୋଇଛି। ଓଡ଼ିଶା ଷ୍ଟେଟ ବ୍ୟାଡମିଣ୍ଟନ ସଂଘ ପ୍ରଶିକ୍ଷକ ପ୍ରମିତ କୁମାର ମାହାନ୍ତି, ଭରତ କୁମାର ସାହୁ, ପରାଗ ପ୍ରଧାନ, ମୁକୁଲ ଗୁରୁଙ୍ଗ ଖେଳ ପରିଚାଳନା କରିଥିଲେ। ୟୁଥ କ୍ଲବ ସଭାପତି ଏନ୍ ଆଦିନାରାୟଣ, ସମ୍ପାଦକ ସିରାଜ ଖାନ୍, ଉପ ସଭାପତି କୁନା ଭୁକ୍ତା, ବରିଷ୍ଠ ସଦସ୍ୟ ପ୍ରଭାତ ସ୍ୱାଇଁ, ରାଜେନ୍ଦ୍ର ଆଚାର୍ଯ୍ୟ, ପପୁନ ମାଝୀ, ତାରକ ମାହାନ୍ତ, ଜିତେନ୍ଦ୍ର ଦେଓ, ଜୟନ୍ତ ପ୍ରଧାନ, ଦିଲୀପ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସଯୋଗ କରିଥିଲେ।

# ଆର୍‌ଏସ୍‌ପି ସିଆର୍‌ଏମ୍‌ରେ ଅଗ୍ନିକାଣ୍ଡ

**ରାଉରକେଲା, ୧୦।୩(ସମିସ)**

- ଆୟତ୍ତ କଲା ଫାୟାର ସର୍ଭିସ
- ବିପୁଳ କ୍ଷୟକ୍ଷତି ଆକଳନ
- ସିଆରଏମକୁ ବିକ୍ରି ପାଇଁ ଆରଏସପି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ

ରାଉରକେଲା ଇସ୍ପାତ କାରଖାନା ସିଆରଏମର ଟେଣ୍ଡମ ମିଲରେ ଶନିବାର ବଡ଼ଧରଣର ଅଗ୍ନିକାଣ୍ଡ ଘଟିବା ଯୋଗୁଁ ୧୨ ନମ୍ବର ଟ୍ରାନ୍ସଫର୍ମର ଜଳିଯାଇଛି। ଫଳରେ ସିଆରଏମ ଠପ୍ ହୋଇଯାଇଛି। ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ କିଛିଦିନ ପୂର୍ବରୁ ସିଆରଏମ ବିଭାଗରେ ବହୁ ଅର୍ଥ ଖର୍ଚ୍ଚ କରାଯାଇ କାର୍ଯ୍ୟକ୍ଷମ ପୂର୍ବକ ଅନେକ ସୁଧାର ଅଣାଯାଇଥିଲେ ମଧ୍ୟ ଅଗ୍ନିକାଣ୍ଡ ଯୋଗୁଁ ଉତ୍ପାଦନ ବ୍ୟାହତ ହେବା ସହ ଏ ବାବଦରେ କୋଟି କୋଟି ଟଙ୍କା କ୍ଷତି ହୋଇଥିବା କୁହାଯାଉଛି। ଅପରପକ୍ଷେ ୬୦ ଦଶକରେ ସ୍ଥାପିତ ଏହି ସିଆରଏମ ବିଭାଗକୁ ବିକ୍ରି କରାଯିବାକୁ ଆରଏସପି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ସୂଚନା ମିଳିଛି।

ଶନିବାର 'ବି' ସିଫ୍ଟରେ ଅପରାହ୍ନ ସାଢ଼େ ୪ଟାରେ ସିଆରଏମର ଟେଣ୍ଡମ ମିଲରେ ହଠାତ ଧୂଆଁ ଦେଖାଯାଇଥିଲା। ପରେ ପ୍ରଚଣ୍ଡ ଶବ୍ଦ ସହ ନିଆଁର ପ୍ରକୋପ ବଢ଼ିଯାଇଥିଲା। ଏହି ଅଗ୍ନିକାଣ୍ଡରେ ମୂଲ୍ୟବାନ କେବୁଲ ସମେତ ଅନ୍ୟ ଯନ୍ତ୍ରପାତି ଜଳିଯାଇଥିଲା। ପାୱାର ଡିଷ୍ଟ୍ରିବ୍ୟୁସନ ଦ୍ୱାରା ପରିଚାଳନା କରାଯାଉଥିବା ୧୨ନଂ ଟ୍ରାନ୍ସଫର୍ମରରେ ନିଆଁ ଲାଗିଯିବା ଦ୍ୱାରା ୫ନଂ ଷ୍ଟାଣ୍ଡରେ ରୋଲିଂ ଚାଲୁଥିବା କଏଲଷ୍ଟ୍ରିପ ଷ୍ଟାଣ୍ଡରେ ଫସି ରହିଯାଇଥିଲା। ଫଳରେ ଅଦ୍ୟାବଧି ଉତ୍ପାଦନ ବନ୍ଦ ରହିଛି। ବିଦ୍ୟୁତ ସଂଯୋଗ ଅଦ୍ୟାବଧି କରାଯାଇ ନ ଥିବାରୁ ଉତ୍ପାଦନ ନେଇ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ କାରଖାନା କର୍ତ୍ତୃପକ୍ଷ ସିଆରଏମକୁ ପୂରା ବନ୍ଦ କରିବା ନେଇ ଟେଣ୍ଡର ପ୍ରକାଶ କରିଥିବା ଅନ୍ୟ ଏକ ସୂତ୍ରରୁ ସୂଚନା ମିଳିଛି। ମାର୍ଚ୍ଚ ୩୧ ପରେ ସିଆରଏମକୁ ପୂରା ବନ୍ଦ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବା ବେଳେ ଗତକାଲି ଅଗ୍ନିକାଣ୍ଡକୁ ନେଇ ଅନେକ ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଟ୍ରାନ୍ସଫର୍ମର ନମ୍ବର-୯କୁ ଆଣି ଜଳିଯାଇଥିବା ଟ୍ରାନ୍ସଫର୍ମର ନମ୍ବର-୧୨ ସ୍ଥାନରେ ସ୍ଥାପିତ କରାଯାଇ ସିଆରଏମ ବିଭାଗକୁ କାର୍ଯ୍ୟକ୍ଷମ କରାଯାଇ ପାରିଥାନ୍ତା ବୋଲି ବିଭାଗୀୟ କର୍ମଚାରୀ ପ୍ରକାଶ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହି ଅଗ୍ନିକାଣ୍ଡ ଯୋଗୁଁ ଖାଲି ଟେଣ୍ଡମ ମିଲ୍ ନୁହେଁ ଗ୍ଲାଭାନାଇଜିଂ ଲାଇନଠୁ ଆରମ୍ଭ କରି ପିକଲିଂ ଲାଇନ ସମେତ ପୂରା ସିଆରଏମ ଠପ୍ ହୋଇଯାଇଥିବାରୁ କୋଟି କୋଟି ଟଙ୍କା କ୍ଷତି ହେବା ଆକଳନ କରାଯାଉଛି। ଏ ଦିଗରେ ପଦକ୍ଷେପ ତ ଦୂର କଥା ଆଜି ରବିବାର ଥିବାରୁ କେହି ସେ ଅଞ୍ଚଳ ପରିଦର୍ଶନ ନ କରିବା ଏ ଘଟଣାକୁ ମାମୁଲି ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରାଯାଉଥିବା ଅନୁମାନ କରାଯାଉଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜିବା ଏବଂ କୌଣସି ପଦକ୍ଷେପ ଗ୍ରହଣ ନ କରିବା ବିସ୍ମୟ ସୃଷ୍ଟି କରିଛି। ସୁରକ୍ଷା, ଗୁଣବତ୍ତା ଏବଂ ବୈଷୟିକ ଆର୍ଥିକ ପରିମାପକତାରେ ସର୍ବୋଚ୍ଚ ମାନ ବଜାୟ ରଖିବାକୁ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଆହ୍ୱାନ ଦେଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଏ ନେଇ ଅବହେଳା ଆଦୌ ଗ୍ରହଣୀୟ ନୁହେଁ ବୋଲି କୁହାଯାଉଛି। ଏପରି ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ମତ ପ୍ରକାଶ ପାଇଛି।

ଏ ନେଇ ଆରଏମସି ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀଙ୍କୁ ପଚାରିବାରୁ କହିଲେ, ୬୦ ଦଶକରେ ନିର୍ମିତ ଉକ୍ତ ବିଭାଗର ଉତ୍ପାଦ ବଜାରରେ ଆଉ ବିକ୍ରିଯୋଗ୍ୟ ନୁହେଁ। ଯେହେତୁ ସେଠାରେ ଉତ୍ପାଦନ ବନ୍ଦ ରହିଛି, ଫଳରେ ଏହି ଅଗ୍ନିକାଣ୍ଡ ଯୋଗୁଁ କୌଣସି କ୍ଷୟକ୍ଷତି ହୋଇ ନାହିଁ କହିଲେ ଚଳେ। ଅପରପକ୍ଷେ ଉକ୍ତ ବିଭାଗକୁ ବିକ୍ରି କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁତରାଂ ଉକ୍ତ ବିଭାଗକୁ ଆଉ ମରାମତି କରାଯିବାର ପ୍ରଶ୍ନ ଉଠୁନାହିଁ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଏ ଦୁର୍ଘଟଣା ନେଇ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ସମେତ ସମସ୍ତ ଶ୍ରମିକ ସଂଗଠନ ନିରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ମୌର୍ଯ୍ୟ ଏକ୍ସପ୍ରେସକୁ ରାଉରକେଲାରେ ସ୍ୱାଗତ

**ରାଉରକେଲା, ୧୦।୩(ସମିସ):** ମୌର୍ଯ୍ୟ ଏକ୍ସପ୍ରେସ୍‌କୁ ରାଉରକେଲା ରେଳ ଷ୍ଟେସନ୍‌ଠାରେ ରବିବାର ରାଉରକେଲା ଡେଭଲପମେଣ୍ଟ ଷ୍ଟିଅରିଂ କମିଟି ଏବଂ ବିହାର ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ସେଠାରେ ସୁନ୍ଦରଗଡ଼ ସାଂସଦ ଜୁଏଲ୍ ଓରାମ, ବନ୍ଧମୁଣ୍ଡା ରେଳ ଆଞ୍ଚଳିକ ପ୍ରବନ୍ଧକ ହର୍ଷିତ ଓରାମ,



ଷ୍ଟେସନ ମ୍ୟାନେଜର ପ୍ରଭାସ ଦାସ, ରାଉରକେଲା ଡେଭଲପମେଣ୍ଟ ଷ୍ଟିୟରିଂ କମିଟି ସଭାପତି ଶୁଭ ପଟ୍ଟନାୟକଙ୍କ ସମେତ ବିଜେପି ନେତା ନିହାର ରାୟ ପ୍ରମୁଖ ଉପସ୍ଥିତ ରହି ମୌର୍ଯ୍ୟ ଏକ୍ସପ୍ରେସକୁ ସ୍ୱାଗତ କରିଥିଲେ। ରାଉରକେଲା ଡେଭଲପମେଣ୍ଟ ଷ୍ଟିଅରିଂ କମିଟି ସଭାପତି ପଟ୍ଟନାୟକ ଲୋକଙ୍କୁ ଲଡୁ ବଣ୍ଟନ କରିବା ସହ ସ୍ୱାଗତ ଜଣାଇଥିଲେ। ସ୍ମରଣଯୋଗ୍ୟ, ମୌର୍ଯ୍ୟ ଏକ୍ସପ୍ରେସ (ନଂ-୧୫୦୨୮) ପୂର୍ବରୁ ଗୋରଖପୁରରୁ ବାହାରୀ ସିୱାନ୍, ଛପ୍ରା, ସୋନପୁର, ହାଜିପୁର, ମୁଜାଫରପୁର, ସମଷ୍ଟିପୁର, ବରୌନୀ, ଲାଖିସରାଇ, କିଉଲ, ଜାମୁଇ, ଝାଝା, ଜସିଡିହ, ରାଞ୍ଚି ଦେଇ ହଟିଆ ପର୍ଯ୍ୟନ୍ତ ଆସୁଥିଲା। ରାଉରକେଲାକୁ ଏହାର ସମ୍ପ୍ରସାରଣ ପାଇଁ ରାଉରକେଲା ଡେଭଲପମେଣ୍ଟ ଷ୍ଟିୟରିଂ କମିଟି, ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍, ବିହାର ସାଂସ୍କୃତିକ ପରିଷଦ ଆଦି ସମସ୍ତ ସାମାଜିକ ଅନୁଷ୍ଠାନ ଗତ ୨୫ ବର୍ଷ ଧରି ଦାବି କରିଆସୁଥିଲେ। ଏହି ଦାବି ଆଜି ପୂରଣ ହୋଇପାରିଛି ଏବଂ ଟ୍ରେନ୍ ହଟିଆରୁ ଆଗକୁ ବଢ଼ି ରାଉରକେଲା, ଝାରସୁଗୁଡ଼ା, ରେଙ୍ଗାଲି ଦେଇ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏଥିପାଇଁ ଖୁସି ବ୍ୟକ୍ତ କରି ରାଉରକେଲା ଡେଭଲପମେଣ୍ଟ ଷ୍ଟିୟରିଂ କମିଟି ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସ୍ଥାନୀୟ ସାଂସଦ ଜୁଏଲ ଓରାମଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ରବିବାର ଏହି ଟ୍ରେନ୍ ସମ୍ବଲପୁରରୁ ଯାତ୍ରା ଆରମ୍ଭ କରି ରାଉରକେଲା ଦେଇ ଭାୟା ହାଟିଆ ଗୋରଖପୁର ଯାଇଥିବା ବେଳେ ରାଉରକେଲା ଷ୍ଟେସନରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଡ୍ରମ ବଜାଇ ଏହାକୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ଡେଭଲପମେଣ୍ଟ ଷ୍ଟିୟରିଂ କମିଟି ଉପାଧ୍ୟକ୍ଷ ଗୁରୁମିତ ସିଂ, ଛବି ମହାନ୍ତି, ଧୀରେନ ସେନାପତି, ଲତିକା ପଟ୍ଟନାୟକ, ରମେଶ ଅଗ୍ରୱାଲ, ରବି ରାୟ, ବିଷ୍ଣୁ ଦୟାଲ ଅଗ୍ରୱାଲ, ଅରୁଣ ସିଂ, ରାମ ସିଂ, ନୀରଜ ଚତୁର୍ବେଦୀ, ଦଲଜିତ ସିଂ ସାନ୍ଧୁ, ସନ୍ତୋଷ ସିଂହ, ଆରଡିଏସି ପିଆରଓ ପ୍ରମୋଦ କୁମାର ନନ୍ଦୁଲ୍ୟ, ପ୍ରମୋଦ ଦାସଙ୍କ ସମେତ ବିହାର ସାଂସ୍କୃତିକ ପରିଷଦର ଶତାଧିକ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବଣାଇଁରେ ବିଏସ୍‌କେୱାଇ ନବୀନ କାର୍ଡର ଶୁଭାରମ୍ଭ



**ବଣାଇଁ, ୧୦।୩(ସମିସ):** ବଣାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବଣାଇଁ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ବ୍ଲକ ଉପାଧ୍ୟକ୍ଷା ବିନୀତା ବେହେରା, ବଣାଇଁ ସରପଞ୍ଚ ନମିତା ନାଗ, ବ୍ଲକ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ ଉପସ୍ଥିତ ରହି ନବୀନ କାର୍ଡ ପ୍ରଚଳନ ଓଡ଼ିଶା ସରକାରଙ୍କ ଏକ ଐତିହାସିକ ପଦକ୍ଷେପ ବୋଲି କହିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଜିତ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବ୍ଲକର ୧୦୦୨ ଆବେଦନକାରୀଙ୍କ ମଧ୍ୟରୁ ୭୭୯ କାର୍ଡ ବଣ୍ଟନ ପାଇଁ ଆସିଥିବା ବେଳେ ବଣାଇଁ ବ୍ଲକ କାର୍ଯ୍ୟାଳୟଠାରେ କେନ୍ଦ୍ରିକଳା, ବଣାଇଁ, ଜକେଇକଳା ପଞ୍ଚାୟତର ୭୬୦ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଛି।

## ଆର୍‌ଏସ୍‌ପି ପକ୍ଷରୁ ପଲ୍ସ ପୋଲିଓ ଅଭିଯାନ

# ୨୦ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଟିକାକରଣ

**ରାଉରକେଲା, ୧୦।୩(ସମିସ):** ଦେଶବ୍ୟାପୀ ଅନୁଷ୍ଠିତ ପଲ୍ସ ପୋଲିଓ ଟିକାକରଣ ଅଭିଯାନରେ ଆରଏସପି ମଧ୍ୟ ସାମିଲ ହୋଇଛି। ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତାଙ୍କ ଦ୍ୱାରା ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମଓ ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ଅତିରିକ୍ତ ସିଏମଓ ଡା. ଅର୍ଚ୍ଚନା ବେହେରା, ଡେପୁଟି ସିଏମଓ ଡା. ଅରୁଣାମୁକ୍ତି ମିଞ୍ଜ, ସିନିୟର କନସଲଟାଣ୍ଟ ଡା. ଜ୍ୟୋତିରଞ୍ଜନ ସାହୁ, କନସଲଟାଣ୍ଟ ଡା. ପୁନମ ଏକ୍କା, ରୋଟାରିଆନ ଆରଏନ ଶତପଥୀଙ୍କ ସମେତ ଅନ୍ୟ ଡାକ୍ତର, ନର୍ସ, ଆଇଜିଏଚ କର୍ମଚାରୀ ତଥା ଶିଶୁମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ।






ପ୍ରଥମ ଦିନରେ ଇସ୍ପାତ ସହରାଞ୍ଚଳରେ ସ୍ଥାପନା କରାଯାଇଥିବା ବିଭିନ୍ନ ପଲ୍ସ ପୋଲିଓ ବୁଥରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା। ଶତ ପ୍ରତିଶତ ଟିକାକରଣ ସୁନିଶ୍ଚିତ କରିବା ନିମନ୍ତେ ଅଭିଯାନ ଅନ୍ତର୍ଗତ ଦ୍ୱିତୀୟ ଓ ତୃତୀୟ ଦିନରେ ବିଭିନ୍ନ ଘରକୁ ସ୍ୱାସ୍ଥ୍ୟକର୍ମୀମାନେ ଯାଇ ୫ ବର୍ଷରୁ କମ୍ ବୟସର ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିଥିଲେ। ତିନିଦିନିଆ ଏହି ଅଭିଯାନରେ ୨୦ ହଜାର ୧୦୦ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି।

## ନାରୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା, ପୁସ୍ତକ 'ଆଦିତି' ଲୋକାର୍ପିତ

# ନାଟକ 'ମୁଖାପିନ୍ଧା ମଣିଷ' ମଞ୍ଚସ୍ଥ

**ରାଉରକେଲା, ୧୦।୩(ସମିସ)**







ଓଡ଼ିଶା ଥିଏଟର ଏକାଡେମୀ ଓ 'ପ୍ରତିବିମ୍ବ' ମିଳିତ ଆନୁକୂଲ୍ୟରେ ସେକ୍ଟର-୮ କମ୍ୟୁନିଟି ସେଣ୍ଟର୍‌ରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ କଳା କ୍ଷେତ୍ରରେ ଅନନ୍ୟ ନାରୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇ ନାରୀ ପ୍ରତିଭାଙ୍କୁ ନେଇ ପ୍ରସ୍ତୁତ ପୁସ୍ତକ 'ଆଦିତି' ଲୋକାର୍ପିତ ହୋଇଛି। ପ୍ରଫେସର ଡ. ସମର ମୁଦାଲିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଡ. ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ ଯୋଗଦେଇ କହିଲେ, ଆଦର୍ଶ ଦେଶ ଗଠନ କ୍ଷେତ୍ରରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନାରୀ ସମୃଦ୍ଧ ହେଲେ ଦେଶ ସମୃଦ୍ଧ ହେବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଗୀତାଞ୍ଜଳି ପତ୍ରୀ କହିଲେ, ଜଣେ ସୁସ୍ଥ ନାରୀ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ। ରାଉରକେଲା ଇସ୍ପାତ କାରଖାନାର ସଞ୍ଚାର ମୁଖ୍ୟ ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସମାଜର ତଳ ସ୍ତରରେ ରହୁଥିବା ନାରୀମାନଙ୍କ ମୁହଁରେ ହସ ଫୁଟାଇବା ଆମ ସମସ୍ତଙ୍କ ଦାୟିତ୍ୱ। ସେମାନଙ୍କ ଦୁଃଖରେ ଭାଗୀଦାର ହୋଇ ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ସମସ୍ତେ ଅଗ୍ରସର ହେବାକୁ ସେ କହିଥିଲେ।

ବିଶିଷ୍ଟ ନାଟ୍ୟ ପ୍ରତିଭା ଭାସ୍କର ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏକାଡେମୀ କାର୍ଯ୍ୟକାରୀ ସଦସ୍ୟା ତଥା ଅଧ୍ୟାପିକା ଡ. ସୁଚିତ୍ରା ମହାନ୍ତି ଆନ୍ତର୍ଜାତିକ ମହିଳା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ନାରୀଙ୍କୁ ନେଇ ସ୍ୱରଚିତ କବିତା ଉପସ୍ଥାପନା କରିଥିଲେ। ନିଜ କର୍ମ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୩ ଜଣଙ୍କୁ ଆୱାର୍ଡ ଅଫ୍ ଏକ୍ସିଲେନ୍ସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଭିନୟ, ନୃତ୍ୟ, ସଙ୍ଗୀତ କ୍ଷେତ୍ରରେ ନିରବଚ୍ଛିନ୍ନ ସାଧନା ନିମନ୍ତେ ରାଜକୁମାରୀ ଦେବୀ, ବନିତା ମହାନ୍ତି, ସରୋଜିନୀ ସ୍ୱାଇଁ, ଗାୟତ୍ରୀ ବିଶୋଇ, ଅଭିପ୍ସା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଗତବର୍ଷ ସମ୍ବର୍ଦ୍ଧିତ ନାରୀ ପ୍ରତିଭାଙ୍କ ସହ ସମ୍ବର୍ଦ୍ଧିତ ୩୫ କଳାକାରଙ୍କୁ ନେଇ ପ୍ରସ୍ତୁତ ତଥା ପଞ୍ଚାନନ ପାତ୍ରଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ 'ଆଦିତି' ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଯୁବ ନାଟ୍ୟକାର ପ୍ରଭାକର ପାତ୍ରଙ୍କ ରଚିତ ଏବଂ ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ କ୍ଷୁଦ୍ର ନାଟକ 'ମୁଖାପିନ୍ଧା ମଣିଷ' ମଞ୍ଚସ୍ଥ ହୋଇଥିଲା। ସମାଜରେ ଅନେକ ମୁଖାପିନ୍ଧା ମଣିଷ ଅଛନ୍ତି, ଯେଉଁମାନେ ଦୁର୍ନୀତି, ଭ୍ରଷ୍ଟାଚାର ସହ ଜଡ଼ିତ ରହି ଉପରେ ନୀତି, ଆଦର୍ଶ, ମାନବିକତାର ଭାଷଣ ଦେଉଛନ୍ତି। ରାମଚନ୍ଦ୍ର ଭଳି ଚେହେରା ଥିବା ମଣିଷ ସବୁ ରାମଚନ୍ଦ୍ର ନୁହନ୍ତି। ସେମାନଙ୍କ ଭିତରେ ରାବଣ ଲୁଚି ରହିଥାଏ। ସମୟ ଆସିଲେ ପ୍ରକାଶ ପାଏ ଓ ତା'ର ପରିଣାମ ଭୟଙ୍କର ହୋଇଥାଏ। ଏହି ବିଷୟକୁ ଆଧାର କରି ମଞ୍ଚସ୍ଥ ନାଟକରେ ବନିତା ମହାନ୍ତି, ନୀତା ଗୋସ୍ୱାମୀ, ପିଙ୍କି ପ୍ରିୟଦର୍ଶିନୀ ସ୍ୱାଇଁ, ପ୍ରୀତି ବାରିକ, ସନ୍ତୋଷିନୀ ବାରିକ, ମମତା ନନ୍ଦ ଅଭିନୟ କରିଥିଲେ। ଦୀନେଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଜ୍ୟୋତ୍ସ୍ନା ଓ ମମତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଞ୍ଚାନନ ପାତ୍ର, ପ୍ରଭାକର ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ମଞ୍ଚ ପରିଚାଳନା କରିଥିଲା ବେଳେ ପ୍ରତିବିମ୍ବ ସଭାପତି ସୋମନାଥ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## କିନ୍ନର ସମାଜ ପକ୍ଷରୁ ଶୋଭାଯାତ୍ରା



**ରାଉରକେଲା, ୧୦।୩(ସମିସ):** ରାଉରକେଲା କିନ୍ନର ସମାଜ ପକ୍ଷରୁ ଶନିବାର ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଛି। ସ୍ଥାନୀୟ ଅମର ଭବନରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ମାତାପୂଜା ହୋଇଥିଲା। କିନ୍ନର ସଂଘ ସଭାନେତ୍ରୀ ଜୋୟା ତ୍ରିପାଠୀଙ୍କ ନେତୃତ୍ୱରେ ସମାଜ ମଙ୍ଗଳ ଉଦ୍ଦେଶ୍ୟରେ ଆୟୋଜିତ ଏହି ଶୋଭାଯାତ୍ରା ରାଉରକେଲା ମୁଖ୍ୟ ରାସ୍ତାରେ ଯାଇଥିଲା।

## ମହାବିଦ୍ୟାଳୟରେ ବିଶ୍ୱ ମହିଳା ଦିବସ ପାଳିତ

**ରାଉରକେଲା, ୧୦।୩(ସମିସ):** ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟସେବା ଯୋଜନା ଏବଂ ଯୁବ ରେଡ୍‌କ୍ରସ୍ ଶାଖା ମିଳିତ ସହଯୋଗରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ସମୀର ସୌରଭ ପୃଷ୍ଟି ଏବଂ ଯୁବ ରେଡ୍‌କ୍ରସ୍ ସଂଯୋଜିକା ଡ. ସ୍ମୃତି ସ୍ନିଗ୍ଧା ମିଶ୍ର ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ।



ଏହି ଅବସରରେ ଅଧ୍ୟକ୍ଷ ଡ. ବେହେରା ଚଳିତବର୍ଷ ଦିବସ ପାଳନର ପ୍ରସଙ୍ଗ 'ମହିଳାମାନଙ୍କ ପାଇଁ ନିବେଶ: ବିକାଶର ଗତିବୃଦ୍ଧି' ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁଷମା ମୋଦି ଏବଂ ଶିକ୍ଷା ବିଭାଗ ମୁଖ୍ୟ ଲଳିତାମୁକ୍ତା ବାର୍ଲା ଯୋଗଦେଇ ବର୍ତ୍ତମାନ ସମୟରେ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ପ୍ରଗତି ଓ ସହଭାଗିତା ସମ୍ପର୍କରେ ଆଲୋଚନା କରିଥିଲେ।

ସକାଳ THE SAKALA

ରାଉରକେଲା
www.sakalaepaper.com

# ଜଳଖିଆ ଦୋକାନରୁ ଚୋରି; ୨ ଗିରଫ

**ସୁନ୍ଦରଗଡ଼,୧୦ ।୩(ସମିସ):** ଜାନୁଆରୀ ୩୧ ତାରିଖ ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ମେନ ରୋଡସ୍ଥିତ ରାହୁଲ କୁମାର ସାହୁଙ୍କ ଜଳଖିଆ ଦୋକାନରୁ ଚୋରି ମାମଲାର ପର୍ଦ୍ଦାଫାଶ ହୋଇଛି । ଏହି ମାମଲାରେ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି । ଘଟଣା ଦିନ ରାତିରେ ଅଭିଯୁକ୍ତମାନେ ତାଙ୍କ ଦୋକନ ପଛପଟୁ ପଶି ୬ ହଜାର ଟଙ୍କା ଚୋରାଇ ନେଇଥିଲେ । ଏ ନେଇ ରାହୁଲ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।

● ବିଦ୍ୟୁତ୍ ସଜାଡୁଥିବା ବେଳେ ଅଘଟଣ

# ଜଣେ ମୃତ, ଦୁଇ ଆହତ

**ସୁନ୍ଦରଗଡ଼, ୧୦ ।୩(ସମିସ):** ରବିବାର ଅପରାହ୍ଣରେ ଭଷ୍ମା ଥାନା ଅନ୍ତର୍ଗତ ଅବନକେଲା ନିକଟରେ ୩୩ କେଭି ବିଦ୍ୟୁତ ସଜାଡୁଥିବା ବେଳେ ଜୀବନ୍ତ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଏମାନେ ସମସ୍ତେ ପଶ୍ଚିମବଙ୍ଗର ବୋଲି କୁହାଯାଇଛି । ଏହି ଅଘଟଣ ପରେ ବିଦ୍ୟୁତ ବିଭାଗ କର୍ମଚାରୀ ଆହତ ଏବଂ ମୃତକଙ୍କୁ ଘଟଣାସ୍ଥଳରୁ ନେଇ ଯାଇଥିବା ବେଳେ ଅଦ୍ୟାବଧି ଥାନାରେ ରିପୋର୍ଟ ହୋଇ ନାହିଁ । ଫଳରେ ତାଙ୍କ ପରିଚୟ ଜଣାପଡ଼ି ନାହିଁ । ତେବେ ଭଷ୍ମା ଥାନା ପୁଲିସ ଅନ୍ୟ ସୂତ୍ରରୁ ଖବର ପାଇ ଖୋଳତାଡ଼ ଚଳାଇଛି । ସୋମବାର ମୃତାହତଙ୍କ ପରିଚୟ ସ୍ପଷ୍ଟ ହେବ ବୋଲି ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି ।

■ ସର୍ବଭାରତୀୟ ବିଜୁ ପଟ୍ଟନାୟକ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଭୁବନେଶ୍ୱରକୁ ୫-୩ ଗୋଲରେ ହରାଇ କଟକ ଚାମ୍ପିଅନ

**ରାଉରକେଲା, ୧୦ ।୩(ସମିସ)**



ମାର୍ଚ୍ଚ ୪ରୁ ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ ଫ୍ଲଡ୍ ଲାଇଟରେ ଖେଳାଯାଉଥିବା ୧୮ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଖେଳାଯାଇଛି । ଭୁବନେଶ୍ୱର ଜଗା ୟୁନାଇଟେଡ୍ ଓ କଟକ ଫାଓ ଦଳ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଇଥିଲା । ଭୁବନେଶ୍ୱରକୁ ୫-୩ରେ ହରାଇ କଟକ ଚାମ୍ପିଅନ ହୋଇଛି ।

ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କଟକ ଦଳ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରି ଲଗାତର ୪ ଗୋଲ ସ୍କୋର କରିଥିବା ବେଳେ ଜଗା ୟୁନାଇଟେଡ୍ ଏକ ମାତ୍ର ଗୋଲ ସ୍କୋର କରି ଗୋଲ ବ୍ୟବଧାନକୁ ୪-୧କୁ ହ୍ରାସ କରିବାରେ ସକ୍ଷମ ହୋଇଥିଲା । ସେହିଭଳି ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭରୁ ଜଗା ୟୁନାଇଟେଡ୍‌ର ଖେଳାଳି ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ୫୩ ମିନିଟରେ କାର୍ଫୁଲ ଲାକ୍ରା ଓ ୬୪ ମିନିଟରେ ଖାଣ୍ଡୁ ମାର୍ଣ୍ଡିଙ୍କ ଗୋଲ ବଳରେ ବ୍ୟବଧାନ ୪-୩କୁ ହ୍ରାସ ପାଇଥିଲା । ତେବେ ପୁଣି ଥରେ ଫାଓ କଟକ ପକ୍ଷରୁ ରୋନାଲଡୋ ଆଉ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ଦଳକୁ ୫-୩ରେ ଅଗ୍ରଣୀ କରିଥିଲେ । ଫାଓ କଟକ ପକ୍ଷରୁ ଫରୱାର୍ଡ ଖେଳାଳି ରାହୁଲ ମୁଖୀ ଦଳ ପାଇଁ ଏକାକୀ ୫ଟି ଗୋଲ ସ୍କୋର କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ । ଶେଷରେ ଫାଓ, କଟକ ୫-୩ ଗୋଲରେ ବିଜୟୀ ହୋଇ ଚାମ୍ପିଅନ୍ ଟାଇଟଲ ହାସଲ କରିଛି । ଫାଇନାଲ ମ୍ୟାଚ୍‌କୁ ପରିଚାଳନା କରିଥିଲେ ଜାତୀୟ ରେଫରି ଶିବଶଙ୍କର ପଣ୍ଡା ଓ ତାଙ୍କୁ ସହାୟତା କରିଥିଲେ ନବୀନ ନାୟକ ଓ ଆଶୀର୍ବାଦ କାନୁନଗୋ । ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ ବରିଷ୍ଠ ତଥା ଜାତୀୟ ରେଫରି ଦୁର୍ଗାମାଧବ ନାୟକ ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରମମନ୍ତ୍ରୀ ସାରଦା ନାୟକ ଏବଂ ସମ୍ମାନିତ ଅତିଥି ଭାବେ ବିଧାୟକ ସୁବ୍ରତ ତରାଇ, ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ନିର୍ବାହୀ ଯନ୍ତ୍ରୀ ମନୋଜ ମହାନନ୍ଦ ଏବଂ ସୁନାମଧନ୍ୟ ଆଥଲେଟିକ ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ । ଚାମ୍ପିଅନ ଦଳକୁ ଏକ ଲକ୍ଷ ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୫୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏତଦବ୍ୟତୀତ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଫାଓ କଟକର ରାହୁଲ ମୁଖୀ ପୁରସ୍କୃତ ହୋଇଥିଲେ । ଜଗା ୟୁନାଇଟେଡ୍‌ର ଫଗୁ ବାସ୍କେ ଶ୍ରେଷ୍ଠ ଗୋଲକିପର ଏବଂ ଫାଓ କଟକର ଅରବିନ ଲାକ୍ରା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ ।

ଫାଇନାଲ ମ୍ୟାଚ ଦେଖିବାକୁ ଷ୍ଟାଡିୟମର କ୍ଷମତା ୧୨ ହଜାରଠାରୁ ଅଧିକ ଦର୍ଶକ ଉପସ୍ଥିତ ଥିଲେ । ଶେଷରେ ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ଆୟୋଜକ ରାଉରକେଲା ସ୍ପୋର୍ଟସ ଆସୋସିଏସନ ସଭାପତି ମିହିର ରାୟ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ସ୍ଥାନୀୟ ପ୍ରଶାସନ ସମେତ ଦର୍ଶକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଜିଠୁ ବନ୍ଧମୁଣ୍ଡା-ବିଶ୍ରା ମୁଖ୍ୟ ରାସ୍ତା ମରାମତି

**ରାଉରକେଲା, ୧୦ ।୩(ସମିସ):** ଦୀର୍ଘ ଦିନର ଦାବି ବନ୍ଧମୁଣ୍ଡା-ବିଶ୍ରା ମୁଖ୍ୟ ରାସ୍ତାର ମରାମତି ସୋମବାରଠାରୁ ଆରମ୍ଭ ହେବ ବୋଲି କୁହାଯାଇଛି । ଏ ନେଇ ସ୍ଥାନୀୟ ବାସିନ୍ଦା ସମେତ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି । ଗତ ଫେବୃଆରୀ ୧୬ରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କୌଣସି କାରଣରୁ ତାହା ବନ୍ଦ ହୋଇଯାଇଥିଲା । ଫଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାକୁ ନେଇ ବନ୍ଧମୁଣ୍ଡା ବିଜେଡି ପକ୍ଷରୁ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କୁ ଭେଟି କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରାଯାଇଥିଲା । ମନ୍ତ୍ରୀ ଏ ନେଇ ଏନ୍‌ଏଚ ବିଭାଗ ସହ ଆଲୋଚନା କରିବା ପରେ ସୋମବାରଠାରୁ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଏହି ଅବସରରେ ବି. ବର୍ଦ୍ଧେଶ୍ୱର ରାଓ, ମନୋଜ ଭଗତ, ଜିଏସ. ଚନ୍ଦ୍ରଶେଖର ରାଓ, ରବି ଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପାଣ୍ଠିରୁ ପ୍ରଥମେ ୫ ଲକ୍ଷ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୧ ଲକ୍ଷ ଟଙ୍କା ବିଭାଗକୁ ପ୍ରଦାନ କରାଯାଇଛି ।

# ଆଇନ ମହାବିଦ୍ୟାଳୟରେ ମହିଳା ଦିବସ ପାଳିତ

**ରାଉରକେଲା, ୧୦ ।୩(ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ହସ୍ତକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ କଲ୍ୟାଣୀ ରାୟ ମହାବିଦ୍ୟାଳୟ ପ୍ରାଧ୍ୟାପିକା ଡ. ସରିତା ମଲ୍ଲ ଯୋଗଦେଇ ସମାଜ ପ୍ରତି ମହିଳାମାନଙ୍କ ଅବଦାନ ଉପରେ ଆଲୋକପାତ କରିବା ସହ ନାରୀ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଇନ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତି ତାଙ୍କ ବକ୍ତବ୍ୟରେ ନେତୃତ୍ୱ ଓ ଯୋଗ୍ୟତାରେ ଲିଙ୍ଗର ଅବଶ୍ୟକତା ନ ଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରଜ୍ଞାପାରମିତା ପଣ୍ଡା, ତନ୍ମୟରାଜ ପାଢ଼ୀ, ଡ. ଦ୍ୱିବେନ୍ଦୁ ପଣ୍ଡା, ଲକ୍ଷ୍ମୀପ୍ରିୟା ସାହୁ, ମନୋରଞ୍ଜନ ମହାନ୍ତି, ସୁଜାତା ନାୟକ, ଦେବାଶିଷ ବେହେରା, ଅକ୍ଷୟ ଦାସ, ନନ୍ଦକିଶୋର ମହାନ୍ତ, ହୃଦୟରଞ୍ଜନ ମହାନ୍ତି, ଆୟୁଷ୍ମାନ ସାହୁ, ଦେବଳୀ କାରୁଆ, ରବୀନ୍ଦ୍ର ବାଲମୁଚୁ, ନିତ୍ୟାନନ୍ଦ ବିଶୋଇ ପ୍ରମୁଖ ଯୋଗଦେଇଥିଲେ । ଏତଦବ୍ୟତୀତ ଛାତ୍ରଛାତ୍ରୀଙ୍କ ପାଇଁ ଭାରପ୍ରାପ୍ତ ଅଧ୍ୟକ୍ଷାଙ୍କ ଦ୍ୱାରା ଏକ କ୍ୟାଣ୍ଟିନ ଉନ୍ମୋଚନ କରାଯାଇଥିଲା ଯାହା ଏସଏଚଜି ଦ୍ୱାରା ପରିଚାଳିତ ହେବ ବୋଲି କୁହାଯାଇଛି । ପୁରାତନ ଛାତ୍ରସଂଘ ସଭାପତି ସୁମନ ଦତ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

● ଆର୍‌ଏସ୍‌ପିରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

# 'ପ୍ରଗତିଶୀଳ ସଂଗଠନରେ ମହିଳାମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ'

**ରାଉରକେଲା, ୧୦ ।୩(ସମିସ):**

ରାଉରକେଲା ଇସ୍ପାତ କାରଖାନା ଏଚଆରଡି କେନ୍ଦ୍ର ଗୋପବନ୍ଧୁ ଅଡିଟୋରିୟମ୍‌ରେ ଆର୍‌ଏସ୍‌ପି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ଆରଏସପି ଓ ବୋକାରୋ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଚଳିତ ବର୍ଷ ଏହି ଦିବସ ପାଳନର ସନ୍ଦର୍ଭ, 'ମହିଳାଙ୍କଠାରେ ନିବେଶ: ପ୍ରଗତିକୁ ତ୍ୱରାନ୍ୱିତ କରନ୍ତୁ' ଉପରେ ପ୍ରତିଫଳନ କରି ସାମାଜିକ ସମୃଦ୍ଧତା ପାଇଁ ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ମହିଳା କର୍ମଚାରୀଙ୍କ ପାଇଁ ଉଭୟ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଭାବରେ ଉନ୍ନତି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଆରଏସପିର ପ୍ରତିବଦ୍ଧତାକୁ ସେ ଆଲୋକିତ କରିଥିଲେ । ଏକ ପ୍ରଗତିଶୀଳ ସଂଗଠନ ଭାବରେ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ଏକ ସକାରାତ୍ମକ ଇକୋ-ସିଷ୍ଟମ ସୃଷ୍ଟି କରିବା ଆମ ଆନ୍ତରିକ ପ୍ରୟାସ ରହିଆସିଛି, ଯେଉଁଠାରେ ଆମ ମହିଳା କର୍ମଚାରୀମାନେ ବ୍ୟକ୍ତିଗତ ରୂପେ ତଥା ବୃତ୍ତିଗତ ଭାବରେ ସମୃଦ୍ଧି କରିବାର ସମାନ ସୁଯୋଗ ପାଇବେ ବୋଲି ଭୌମିକ କହିଥିଲେ ।

କାର୍ଯ୍ୟ ବିଭାଗର ଇଡି ଏସଆର ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗ ଇଡି ସୋମନାଥ ତ୍ରିପାଠୀ, ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟକ ମଧୁ ଯାଦବ ଏବଂ ଆରଟିଆଇ, ଭାରତୀୟ ସେନା, ନୂଆଦିଲ୍ଲୀର ନିର୍ଦ୍ଦେଶକ ଡ. ସୁମିତା ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ । ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ଇଡି ଡା. ବିକେ ହୋତା, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ଇଡି ତରୁଣ ମିଶ୍ର, ଖଣି ବିଭାଗ ଇଡି ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗ ଇଡି ଏକେ ବେହୁରିଆଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତଥା ଆରଏସପିର ବିଭିନ୍ନ ୟୁନିଟ୍‌ର ୫୦୦ରୁ ଅଧିକ ପୁରୁଷ ଏବଂ ମହିଳା କର୍ମଚାରୀ ଯୋଗଦେଇଥିଲେ ।



ଏହି ଅବସରରେ ଡିଆଇସି ଭୌମିକ ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିସହ ସେ ତିନିଜଣ ମହିଳା କ୍ରେନ୍ ଅପରେଟରଙ୍କୁ 'ସ୍ୱୟଂସିଦ୍ଧ ପୁରସ୍କାର' ଏବଂ ୧୭ ଜଣ ମହିଳା କର୍ମଚାରୀଙ୍କୁ ତେଜସ୍ୱିନୀ ପୁରସ୍କାରରେ ସମ୍ମାନିତ କରିଥିଲେ । ଦିବସ ପଳନ ଉପଲକ୍ଷେ ପୂର୍ବରୁ ଆୟୋଜିତ ଫନାଥନ୍, ଜଲୱା, ଅନ୍ତାକ୍ଷରି, ମ୍ୟୁଜିକାଲ୍ ଚେୟାର୍, କ୍ୟାଚ୍ ଆଜ୍ ମଚ ଆଜ୍ ୟୁ କ୍ୟାନ ଏବଂ ବ୍ରେନାଥନ୍-ଦି ସୁଡୋକୁ ଚାମ୍ପିଅନ ଭଳି ବିଭିନ୍ନ ପ୍ରତିଯୋଗିତାର ବିଜେତା ଏବଂ ବିଚାରକଙ୍କୁ ପୁରସ୍କାର ଏବଂ ଟୋକନ୍ ପ୍ରଦାନ କରାଯାଇଥିଲା । ଭଞ୍ଜ କଳାକେନ୍ଦ୍ର କଳାକାରଙ୍କ ଦ୍ୱାରା ଆବାହନୀ ସଙ୍ଗୀତ, କୋମଳ ଗାନ୍ଧାର ପ୍ରତିଷ୍ଠାନ କଳାକାରଙ୍କ ଦ୍ୱାରା ବଂଶୀବାଦନ ଏବଂ ଭୀମସେନ୍ ପ୍ରତିଷ୍ଠାନ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ତବଲା ବାଦନ କରାଯାଇଥିଲା । ଆରମ୍ଭରେ ଏଚଆରଡି ବିଭାଗ ସିଜିଏମ ରାଜଶ୍ରୀ ବାନାର୍ଜୀ ସମାବେଶକୁ ସ୍ୱାଗତ କରିଥିଲେ । ସିଏସ୍‌ଆର୍ ବିଭାଗ ଜିଏମ୍ ମୁନମୁନ୍ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରୋଜେକ୍ଟ ବିଭାଗ ମ୍ୟାନେଜର ତ୍ରିଶିଳା ପାଣିଗ୍ରାହୀ ଏବଂ ଖଣି ବିଭାଗ ଏମଟି (ଟି) ଶୁଭକୁମାର ଶର୍ମା ସମାରୋହ ସଂଯୋଜନା କରିଥିଲେ ।



# ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତାର ହାତ ବଢ଼ାଇଲେ ବିଧାୟକ

**ଶଗଡ଼ା, ୧୦।୩(ସମିସ):** ବାଇକ୍ ଦୁର୍ଘଟଣାଗ୍ରସ୍ତ ବାପ-ପୁଅଙ୍କୁ ସହାୟତାର ହାତ ବଢ଼ାଇଛନ୍ତି କଣ୍ଟାମାଳ ବିଧାୟକ। କଣ୍ଟାମାଳ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ରବିବାର ପୂର୍ବାହ୍ଣରେ ଏକ ବାଇକ୍ ଡିଭାଇଡର୍‌ରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ବାପ ପୁଅ ଉଭୟ ଗୁରୁତର ଆହତ ହୋଇଥିଲେ। ଏହି ସମୟରେ କଣ୍ଟାମାଳ ବିଧାୟକ ମହିଧରରଣା କୌଣସି କାମରେ ଯାଉଥିବାବେଳେ ଆହତ ବାପ ପୁଅଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ କଣ୍ଟାମାଳ ଡାକ୍ତରଖାନାକୁ ନେଇଥିଲେ। ଆହତ ବାପ ପୁଅ ହେଲେ କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତ ଅଧୀନ ଯାନିମୁଣ୍ଡା ଗ୍ରାମର ପୁରନ୍ଦର ପୋଢ଼ ଓ ତାଙ୍କ ପୁଅ। କୌଣସି କାମରେ କଣ୍ଟାମାଳ ଯାଇ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

# ପଞ୍ଚଲିଙ୍ଗେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ବୌଦ୍ଧ, ୧୦।୩(ସମିସ):** ବସନ୍ତବାହାଲ୍ ଯାତ୍ରା ଟାଙ୍ଗର ଠାରେ ଚାଲିଥିବା ପଞ୍ଚଲିଙ୍ଗେଶ୍ୱର ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟଅତିଥି ଭାବରେ ରାଜ୍ୟ ପଞ୍ଚାୟତିରାଜ ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉଦ୍‌ଘାଟନ କରିଛନ୍ତି। କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉଦ୍‌ଘାଟନ ସମୟରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସହିତ ସ୍ଥାନୀୟ ଜନସାଧାରଣ ମଧ୍ୟ ଉପସ୍ଥିତ ଥିଲେ।

# ଓଷ୍ଟା ପକ୍ଷରୁ ଅସହଯୋଗ ଆନ୍ଦୋଳନ ଚେତାବନୀ

**ବୌଦ୍ଧ, ୧୦।୩(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବୌଦ୍ଧ ଜିଲ୍ଲା ଶାଖା ତରଫରୁ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ଦାବିପୂରଣ ନ ହେବାରୁ ଅସହଯୋଗ ଆନ୍ଦୋଳନ ଚେତାବନୀ ଦିଆଯାଇଛି।

ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ବିଭିନ୍ନ ଦାବିନେଇ ଦୀର୍ଘ ୩୨ ଦିନ ଧରି ରାଜ୍ୟ ସଂଘ ତରଫରୁ ଭୁବନେଶ୍ୱର ଠାରେ ଆନ୍ଦୋଳନ ଜାରି ରହିଛି। ଏହି ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପୁରୁଣା ପେନସନ ପ୍ରଦାନ ଏବଂ ଅନ୍ୟାନ୍ୟ ଦାବିପୂରଣ ନ ହେଲେ ଆଗାମୀ ଦିନରେ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନରେ ଅସହଯୋଗ କରାଯିବା ସହ ସାଧାରଣ ନିର୍ବାଚନରେ ମଧ୍ୟ ଅସହଯୋଗ କରାଯିବ ବୋଲି ଓଷ୍ଟା ବୌଦ୍ଧ ଜିଲ୍ଲା ଶାଖାତରଫରୁ ସଭାପତି ପିତବାସ ପଣ୍ଡା ଓ ସମ୍ପାଦକ ତୃପ୍ତିରଞ୍ଜନ ଦାନୀ ପ୍ରେସ ବିଜ୍ଞପ୍ତି ଜରିଆରେ ଘୋଷଣା କରିଛନ୍ତି। ମାର୍ଚ୍ଚ ୧୧ ଓ ୧୨ ତାରିଖରେ ଓଷ୍ଟା ରାଜ୍ୟ ସଂଘ ତରଫରୁ ଭୁବନେଶ୍ୱରଠାରେ ଆୟୋଜିତ ମହାସମାବେଶରେ ବୌଦ୍ଧ ଜିଲ୍ଲା ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ୧୯୭ ବର୍ଗ ହାଇସ୍କୁଲର ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଯୋଗଦେବେ ବୋଲି ସଂଘ ତରଫରୁ ଘୋଷଣା କରାଯାଇଛି।

# ୧୦୦ କୋଟି ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ ଓ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ

**ତରଭା, ୧୦।୩(ସମିସ)**

ରବିବାର ତରଭା ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୮ଟି ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏହା ବ୍ୟତୀତ ତରଭା ବ୍ଲକ ପରିସରରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ବିଏସ୍‌କେୱାଇ ନବୀନ କାର୍ଡ ଓ ଯୁବ କ୍ରୀଡ଼ାବିତମାନଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ରବିବାର ତରଭା ବ୍ଲକକୁ ଏକ ମାରାଥନ ଗସ୍ତରେ ଆସି ଟକର୍ଲାଠାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଟକର୍ଲା-ଜାମଗାଁ ପୋଲର ଶିଳାନ୍ୟାସ କରିଥିଲେ। ପରେ ଆଡକଟା ଗ୍ରାମକୁ ଯାଇ ସେଠାରେ ୫କୋଟି ବ୍ୟୟରେ ଘାଟକଇଁନ୍ତରା- ଆଡକଟା- ରମ୍ଭାସିଣ୍ଢୋଲ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।



ଭାଲୁଡୁଙ୍ଗୁରୀ ଗ୍ରାମ ଛକରେ ସାଢେ ୪କୋଟି ବ୍ୟୟରେ ଭାଲୁଡୁଙ୍ଗୁରୀ ବଡ଼ଭଇରୋ ରାସ୍ତାର ଶିଳାନ୍ୟାସ, ୨୫କୋଟି ବ୍ୟୟରେ କନକେଡା ବ୍ରିଜ୍, ୩୫କୋଟି ବ୍ୟୟରେ ପାଣିମୁରା ବ୍ରିଜ, ୫କୋଟି ବ୍ୟୟରେ ବାଲିପଟା ବଡ଼ଯୋର କୁଲଥିଆପଦର ରାସ୍ତା, ୫ କୋଟି ବ୍ୟୟରେ ନିର୍ମାଣ ହେବାକୁ ଥିବା ତରଭା ନିବୃତ୍ତିକୋର ରିଂ ରୋଡ଼ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସନ୍ଧ୍ୟାରେ ମନ୍ତ୍ରୀ ଶ୍ରୀ ପୂଜାରୀ ବ୍ଲକ ସମ୍ମୁଖରେ ଥିବା କୃଷ୍ଣାର୍ଜୁନ କଳାମଣ୍ଡପ ଠାରେ ବିଡିଓ ଅନୀଲ କୁମାର କୁଲୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ମନ୍ତ୍ରୀ ଶ୍ରୀ ପୂଜାରୀ ଯୋଗଦେଇ ବିଏସ୍‌କେୱାଇ ନବୀନ କାର୍ଡ ଓ କ୍ରୀଡ଼ା ସାମଗ୍ରୀ ବିତରଣ କରିଥିଲେ।

ଏଥିରେ ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କମ୍ପ, ତରଭା ନଗରପାଳ ବନ୍ଦିତା ନାଏକ, ଉନଗରପାଳ ଗଗନ କୁମାର ଅଗ୍ରୱାଲ ମଞ୍ଚାସିନ ଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସାଢେ ୪କୋଟି ଜନତାଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁ ନେଇଥିବା ପଦକ୍ଷେପର ଭୁୟସୀ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଜନ କଲ୍ୟାଣ ଯୋଜନା ଗୁଡିକ ଜନସାଧାରଣଙ୍କୁ ବୁଝାଇବା ସହିତ ଏଥିରେ ଲୋକମାନେ ଉପକୃତ ହେଉଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଏସ୍‌ଏସ୍ ଓ ପ୍ରଭାସ କୁମାର କର୍ଣ୍ଣପରିଚାଳନା କରିଥିବାବେଳେ ସୁବୋଧ କୁମାର ମହାରଣା ଧନ୍ୟବାଦ ଦେଇଥିଲେ।

# ଦୁଇ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**ବୌଦ୍ଧ, ୧୦।୩(ସମିସ):** ବୌଦ୍ଧ ପୁଲିସ ଦୁଇ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିବା ସହିତ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବୌଦ୍ଧ ଥାନା ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବୌଦ୍ଧ ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳରୁ ଗଞ୍ଜେଇ ଚାଲାଣ ସମ୍ପର୍କରେ ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ ବୌଦ୍ଧ ଥାନାର ଏକ ଟିମ୍ ଖୋର୍ଦ୍ଧା -ବଲାଙ୍ଗିର ୫୭ ନମ୍ବର ଜାତୀୟରାଜପଥରେ ପେଟ୍ରୋଲିଂ କରୁଥିବା ସମୟରେ ବଲାସିଙ୍ଗା ପଟରୁ ଦ୍ରୁତ ଗତିରେ ଆସୁଥିବା ଓଡି ୧୯ ୟୁ ୦୯୦୦ ନମ୍ବର ବିଶିଷ୍ଟ ଏକ ପିକ୍‌ଅପ୍ ଗାଡ଼ିକୁ ସରଣ୍ଡା ଗ୍ରାମ ନିକଟରେ ସନ୍ଦେହରେ ଅଟକାଇଥିଲେ।



ଗାଡ଼ିକୁ ଯାଞ୍ଚ କରାଯିବାପରେ ଗାଡ଼ି ଭିତରୁ ଜରି ପ୍ୟାକେଟ୍‌ରେ ଭର୍ତ୍ତି ହୋଇଥିବା ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରାଯିବା ସହିତ ଗାଡ଼ିକୁ ମଧ୍ୟ ଜବତ କରିଛି। ଗାଡ଼ିରେ ଥିବା ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଅଧୀନ ସାତପରଡ଼ିଆ ଗ୍ରାମର ପିଣ୍ଟୁ ପ୍ରଧାନ (୨୯) ଓ ବିଲିଖମନ ଗ୍ରାମର ନିରଞ୍ଜନ ବେହେରାଙ୍କୁ (୨୫) ଗିରଫ କରିଛି। ଜବତ ଗଞ୍ଜେଇ ବୌଦ୍ଧ ଥାନା ଗୋଛାପଡ଼ାଅଳରୁ ଅନୁଗୁଳକୁ ଚାଲାଣ କରାଯାଉଥିବା ପୁଲିସ ପ୍ରକାଶ କରିଛି। ଏନେଇ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି।

# ହନୁମାନ ମନ୍ଦିର ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଶଗଡ଼ା, ୧୦।୩ (ସମିସ):** କଣ୍ଟାମାଳ ବ୍ଲକ ଗୁଡ଼ଭେଲିପଦର ଗ୍ରାମ ନିକଟସ୍ଥ ପାହାଡ଼ରେ ହନୁମାନ ମନ୍ଦିର ନିର୍ମାଣ ପାଇଁ ଶୁଭ ସ୍ତମ୍ଭ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ କୃତିବାସ ଦାସ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ମହେଶ୍ୱର ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

# ନାମଯଜ୍ଞ ସହ ମନ୍ଦିର ପ୍ରତିଷ୍ଠା ଶେଷ

**ଶଗଡ଼ା, ୧୦।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡ଼ଭେଲିପଦରରେ ମହାଦେବ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା ସହ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁ ମହଲା ଓ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ମହଲା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ କୃତିବାସ ଦାସ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ମନ୍ଦିର ପ୍ରତିଷ୍ଠା ସମାରୋହରେ କର୍ତ୍ତା ଭାବେ ସତୀନ ମିଶ୍ର ଓ ପତ୍ନୀ ନିବେଦିତା ମିଶ୍ର କାର୍ଯ୍ୟ ତୁଲାଇଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସରେ ଅଧକ୍ଷା ସମ୍ମାନିତ




**ବିନିକା, ୧୦।୩(ସମିସ):** କଳାକ୍ଷେତ୍ରରେ ହେଉ ଅବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅହରହ କାର୍ଯ୍ୟକରି ସୁସଂଗଠିକା ପ୍ରତିଭା ଅର୍ଜନ କରିଥିବା ବିନିକା ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ରେଖା ପ୍ରଧାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ନୂଆଦିଲ୍ଲୀସ୍ଥିତ ମାଲବିଆ ନଗରଠାରେ ଥିବା ବସନ୍ତ ଫାଉଣ୍ଡେସନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ରେଖା ପ୍ରଧାନଙ୍କୁ ଫାଉଣ୍ଡେସନର ଅଧକ୍ଷା ରାଜଶ୍ରୀ ମିଶ୍ର ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀମତୀ ପ୍ରଧାନ ଜିଲ୍ଲାସ୍ତରରୁ ଆରମ୍ଭ କରି ରାଜ୍ୟ ତଥା ଜାତୀୟସ୍ତରରେ ବହୁ ପୁରସ୍କାରରେ ସମ୍ମାନିତ ହେବାର ଗୌରବ ଲାଭ କରିଛନ୍ତି।



## ଗାଡ଼ି ଧକ୍କାରେ ଯୁବକ ମୃତ

**ବିନିକା, ୧୦।୩(ସମିସ):** ବିନିକା ମହାନଦୀ ବ୍ରିଜ୍ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ ଘଟିଛି। ମୃତକ ହେଲେ ବିନିକା ବ୍ଲକ ସିଂଘିଯୁବା ଗ୍ରାମର କ୍ଷୀରସିନ୍ଧୁ କୁମ୍ଭାର(୨୮)। କ୍ଷୀରସିନ୍ଧୁ ଚଡାଇପଙ୍କସ୍ଥିତ ମହାନଦୀ ତଟରେ ଥିବା ମେଗା ଉଠାଜଳସେଚନ ପ୍ରକଳ୍ପରେ କାମ କରୁଥିଲେ। ସେ ସେଠାରୁ କାମ ସାରି ଶନିବାର ରାତିରେ ସିଂଘି ଯୁବାକୁ ବାଇକରେ ଫେରୁଥିଲେ। ହେଲେ ମହାନଦୀ ବ୍ରିଜ ମଧ୍ୟମସ୍ଥଳରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ଦେଖି ତାଙ୍କୁ ମୃତ ଘୋଷଣା କରିଥିଲେ। ବୁର୍ଲାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ବିନିକା ଥାନାରେ ଏକ ମାମଲା ରୁଜୁହୋଇଛି।

## ସାଂସଦଙ୍କୁ ଭେଟିବାକୁ ଆସିଥିବା ମହିଳାଙ୍କୁ ଟାଣିନେଲା ପୁଲିସ

**ଶଗଡ଼ା, ୧୦।୩(ସମିସ):** କନ୍ଧମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ଓଡ଼ିଆଗୋଠ( ରଙ୍ଗପାଲି) ଠାରେ ଶନିବାର କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ କିସ୍ ସ୍କୁଲ ଓ କମ୍ୟୁନିଟି ଗୃହର ଭୂମିପୂଜନ କରିବା ଅବସରରେ ସଭାରେ କନ୍ଧମାଳ ବିଧାୟକ ମହିଧର ରଣାଙ୍କ ସମେତ ଅନେକ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତ ଥିଲେ। ଏହି ସମୟରେ ଜଣେ ମହିଳା ସାଂସଦଙ୍କୁ ଭେଟିବା ପାଇଁ ମଞ୍ଚ ଉପରକୁ ଚଢ଼ିଥିବାବେଳେ ସେଠାରେ ଉପସ୍ଥିତ ଥିବା ପୁଲିସ ଅଧିକାରୀ ମହିଳାଙ୍କୁ ମଞ୍ଚରୁ ବଳପୂର୍ବକ ତଳକୁ ଟାଣି ନେଇଥିଲେ। ଏଭଳି ଏକ ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ଏ ସମ୍ପର୍କରେ ମନମୁଣ୍ଡା ଥାନାର ସମ୍ପୃକ୍ତ ପୁଲିସ ଏସଆଇ ଉଦୟନାଥ ଆଚାର୍ଯ୍ୟ କହିଛନ୍ତି ମହିଳା ପୁଲିସ ଦୂରରେ ଥିବାରୁ ଓ ସେ ଜଣେ ବୟସ୍କ ମହିଳା ହୋଇଥିବାରୁ ହାତଧରି ଟାଣି ଆଣିଲି। ଏଥିରେ ଅସୁବିଧା କୋଉଠି ରହିଲା?

**ଆଜି ଧଳପୁର -ଆଠମଲ୍ଲିକ ସେତୁ ଉଦ୍‌ଘାଟନ**

# ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କରିବେ ଲୋକାର୍ପିତ

**ହରଭଙ୍ଗା, ୧୦।୩(ସମିସ)**

ସୋମବାର ବୌଦ୍ଧ ଜିଲ୍ଲା ମହାନଦୀ ସେତୁର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ। ବୌଦ୍ଧ ଜିଲ୍ଲା ଦେଇ ଯାଇଥିବା ମହାନଦୀ ଉପରେ ନିର୍ମାଣ ହୋଉଥିବା ତିନିଟି ସେତୁ ମଧ୍ୟରୁ ତୃତୀୟ ସେତୁଟି ସବୁଠାରୁ ଦୀର୍ଘତମ ସେତୁ ହୋଇଥିବାବେଳେ ଏହା ହରଭଙ୍ଗା ବ୍ଲକର



ଧଳପୁରଠାରେ ନିର୍ମାଣ ହୋଇଛି। ସେତୁରେ ମୋଟ ୮୭ଟି ଖମ୍ବ ଓ ସେତୁର ଦୈର୍ଘ୍ୟ ୩୦୩୨ମିଟର ରହିଛି। ଏହିସେତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୫ ମସିହାରେ ଧଳପୁର-ଆଠମଲ୍ଲିକ ସେତୁ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ରାଜ୍ୟସରକାରଙ୍କ ପକ୍ଷରୁ ୧୬୮ କୋଟି ୯୧ ଲକ୍ଷ ଟଙ୍କା ବ୍ୟୟ ବରାଦରେ ସେତୁ ୨୦୧୬ ଡିସେମ୍ବରରେ ନିର୍ମାଣ କାମ ଆରମ୍ଭ ହୋଇଥିଲା। ୨୦୨୨ ମସିହାରେ ସେତୁନିର୍ମାଣ କାର୍ଯ୍ୟସମ୍ପୂର୍ଣ୍ଣ ହୋଇଥିବା ବେଳେ ଉକ୍ତ ସେତୁକୁ ସୋମବାର ଆଭାସୀ ଜରିଆରେ ଲୋକାର୍ପିତ କରିବେ ମୁଖ୍ୟମନ୍ତ୍ରୀ। ଯାହାଫଳରେ ଦକ୍ଷିଣ-ଉତ୍ତର, ପଶ୍ଚିମ ଏବଂ ପୂର୍ବଓଡ଼ିଶା ମଧ୍ୟରେ ଗମନାଗମନ, ଶିକ୍ଷା, ବାଣିଜ୍ୟ ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ଅନେକ ଉନ୍ନତିହେବ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

## ମହାଶିବରାତ୍ରିରେ ମା' ମହାନଦୀ ମହାଆଳତି

**ବୌଦ୍ଧ, ୧୦।୩ (ସମିସ):** ପୁଣ୍ୟତୋୟା ମହାନଦୀର ପରିବେଶକୁ ପ୍ରଦୂଷଣରୁ ରକ୍ଷା କରିବା ସହିତ ଆଧ୍ୟାତ୍ମିକ ସଚେତନତା ପାଇଁ ଚନ୍ଦ୍ରଚୂଡ଼ ଘାଟରେ ମହାନଦୀ ଆଳତି ଅନୁଷ୍ଠିତ ହେଉଥିବା ବେଳେ ମହାଶିବରାତ୍ରି ଅବସରରେ ସ୍ୱତନ୍ତ୍ର ଆଳତି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାନଦୀ କୂଳରେ ପୂଜକ ମିନୁପ୍ରସାଦ ମିଶ୍ର ପୂଜାକରିବା ପରେ ଆଳତି ହୋଇଥିଲା। ବ୍ରାହ୍ମଣ ସମାଜର ସଦସ୍ୟ ସୂର୍ଯ୍ୟେନ୍ଦ୍ର କୁମାର ଶତପଥୀ, ସୌମ୍ୟରଞ୍ଜନ ପୁରୋହିତ, କୁନୁ ମିଶ୍ର, ଦେବାଶିଷ ପୁରୋହିତ, ଯୋଗ ସମିତିର ସଦସ୍ୟ ନଟବାର ଅଗ୍ରୱାଲା, ଦିଲ୍ଲୀପ ଚୌଧୁରୀ, ବିକାଶ ଅଗ୍ରୱାଲା, ରାଜଲକ୍ଷ୍ମୀ ବିଶ୍ୱାଳ ଆଳତି ଉଠାଇଥିଲେ। ଏହି ଅବସରରେ ଆଳତୀ ଘାଟର ପରିବେଶ ସୁରକ୍ଷା ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୌର ପରିଷଦରେ କାର୍ଯ୍ୟରତ ସୁପରଭାଇଜର ବୃନ୍ଦାବନ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଳତି ଉତ୍ସବରେ ମୁଖ୍ୟ ଉପଦେଷ୍ଟା ପୂର୍ବତନ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁଙ୍କ ଦ୍ୱାରା ପ୍ରାୟୋଜିତ ସମର୍ପଣ ପତ୍ର ପ୍ରଦାନ କରାଯାଇଛି। ନାଗରିକ କମିଟିର ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି ଓ ବ୍ୟାଙ୍କ ଅଧିକାରୀ ପ୍ରତାପ ସାହୁ ଅତିଥି ଭାବେ ଯୋଗଦେଇ ଶ୍ରୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଷ୍ଟାଡିୟମ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ

**ବୌଦ୍ଧ, ୧୦।୩ (ସମିସ):** ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଆଲୋକୀକରଣ ବ୍ୟବସ୍ଥାକୁ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଛନ୍ତି। ଏଥିରେ ମନ୍ତ୍ରୀ ପ୍ରଦୀପ ଅମାତ ଏବଂ ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ। ଖେଳ ପଡ଼ିଆ ଚାରିପଟେ ୬ଟି ଲାଇଟ୍ ପୋଷ୍ଟରେ ୧୨ଟି ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି। ବରିଷ୍ଠ ଶିକ୍ଷାବିତ୍ ରାଜେନ୍ଦ୍ର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲାରେ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲା କ୍ରିକେଟ୍ ଆସୋସିଏସନ ସମେତ ଜିଲ୍ଲାର ବହୁ କ୍ରୀଡା ସଂଗଠନ ଡ ସାମନ୍ତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଷ୍ଟାଡିୟମରେ ରାତ୍ରିକାଳୀନ କ୍ରିକେଟ୍ ଖେଳ ପାଇଁ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ଟର୍ଫ ଉଇକେଟ ପାଇଁ ନିୟମିତ ଜଳ ଯୋଗାଣ ଓ ଖେଳାଳିଙ୍କ ପାଇଁ ଚେଞ୍ଜିଙ୍ଗ ରୁମ୍ ନିର୍ମାଣ ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଥିଲା। ସେହିପରି ବୌଦ୍ଧ, ହରଭଙ୍ଗା ଓ କନ୍ଧମାଳ ବ୍ଲକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସ୍ଥାନୀୟ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ମନମୁଣ୍ଡା ଓ ବାଉଁଶୁଣିରେ ବୁଣାକାର ସଚେତନତା ଶିବିର

**ମନମୁଣ୍ଡା, ୧୦।୩(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଏବଂ ବାଉଁଶୁଣିଠାରେ ଆଜି ବୁଣାକାର ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମନମୁଣ୍ଡା ମେହେର ସମାଜ ସଭାପତି ପଙ୍କଜ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ସମ୍ମାନିତ ଅତିଥିଭାବେ ବିସିସିବି ସଭାପତି ଅରୁଣ କୁମାର ପ୍ରଧାନ, ଏଡିଟି ବିନାୟକ ପୃଷ୍ଟି, ସାମ୍ବାଦିକ ସଂଘ, କନ୍ଧମାଳ (ସାସକ )ସଭାପତି ବୈଦ୍ୟନାଥ ହୋତା, ବିଶିଷ୍ଟ ବୁଣାକାର ବିଷ୍ଣୁ ଚରଣ ମେହେର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବାଉଁଶୁଣିରେ ଅନୁଷ୍ଠିତ ଅନୁରୂପ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା ମେହେର ସମାଜର ସଭାପତି ବାଳମୁକୁନ୍ଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉପରୋକ୍ତ ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଏବଂ ସମ୍ମାନିତ ଅତିଥିଙ୍କ ସମେତ ବାଉଁଶୁଣି ସରପଞ୍ଚ ଅଇଁଠୁ ମହାଳିକ ମଞ୍ଚାସିନ ହୋଇଥିଲେ। ପ୍ରତ୍ୟେକ ତାଲିମ ଗ୍ରହଣକାରୀଙ୍କୁ ମାସିକ ୬୦୦୦ ଟଙ୍କା ପ୍ରଦାନ କରାଯିବ, ତାଲିମ ଗ୍ରହଣ ପରେ ଇନଭେଟର, ବିନାସୁଧରେ ଋଣ, ମାଗଣା ମଙ୍ଗା ସହ ଅନ୍ୟାନ୍ୟ ସମସ୍ତ ଆନୁସଙ୍ଗିକ ସୁବିଧା ସୁଯୋଗ ପ୍ରଦାନ କରିବ ବୋଲି ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର କହିଥିଲେ। ହସ୍ତତନ୍ତ୍ର ଶିଳ୍ପର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ରହିଛି ଓ ପୂର୍ବରୁ ବୌଦ୍ଧ ଜିଲ୍ଲାରେ କେବଳ ଭୁଲିଆମାନେ ଲୁଗା ବୁଣୁଥିଲେ, ଅନ୍ୟ ଜାତିର ଲୋକମାନେ କିପରି ଏହି ବୃତ୍ତି ଆପଣେଇ ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ବୟନିକା ସଭାପତି ଶ୍ରୀ ମେହେରଙ୍କ ଉଦ୍ୟମକୁ ସମ୍ମାନିତ ଅତିଥି ସାମ୍ବାଦିକ ବୈଦ୍ୟନାଥ ହୋତା ପ୍ରଶଂସା କରିଥିଲେ। ଏହି ଅବସରରେ ବୌଦ୍ଧ ଜିଲ୍ଲାର ୬୮୦ ଜଣ ବୁଣାକାରଙ୍କୁ ୧୭, ୫୦୦ ଟଙ୍କା ମୂଲ୍ୟର ଇନଭେଟର ମାଗଣାରେ ପ୍ରଦାନ କରାଯାଇଥିବା ଓ ସେତିକି ଟଙ୍କା ପ୍ରତ୍ୟେକ ହିତାଧିକାରୀଙ୍କ ଏକାଉଣ୍ଟ୍ କୁ ଆଜି ପଠାଯାଇଥିବା ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଘୋଷଣା କରିଥିବାବେଳେ ପ୍ରତୀକ ସ୍ୱରୂପ ଉଭୟ ମନମୁଣ୍ଡା ଏବଂ ବାଉଁଶୁଣି ର କେତେକ ବୁଣାକାରଙ୍କୁ ମୁଖ୍ୟ ଅତିଥି ବିଧାୟକ ଶ୍ରୀରଣା ଇନଭେଟର ପ୍ରଦାନ କରିଥିଲେ।




## ନବ ନିର୍ମାଣ କୃଷକ ସଂଗଠନର ଚାଷୀ ସମାବେଶ

**ସୋନପୁର, ୧୦।୦୩ (ସମିସ):** ରବିବାର ସୁବର୍ଣ୍ଣପୁର ସହର ଜୟ କିଶାନ ନାରାରେ ଗର୍ଜିଗଲା। କୃଷକଙ୍କ ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ବିଶାଳ କୃଷକ ବିକ୍ଷୋଭ ସମାବେଶ ସହ ଟ୍ରାକ୍ଟର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୁବ୍‌ଶୀଘ୍ର ବୀରମହାରାଜପୁର ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ କହିଛନ୍ତି। ତେବେ ଜମିକୁ ଜଳସେଚନ, ଧାନର ସହାୟକ ମୂଲ୍ୟ ବୃଦ୍ଧି, କୃଷି ପାଇଁ ମାଗଣା ବିଦ୍ୟୁତ, ଅତିରିକ୍ତ ବନୋସ ପ୍ରଦାନ ଓ ଚାଷୀଙ୍କୁ ପେନସନ ପରି ପ୍ରମୁଖ ଦାବିକୁ ନେଇ ହଜାର ହଜାର ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା କୃଷକ ସଙ୍ଗଠନ ଓ ନବନିର୍ମାଣ କୃଷକ ସଂଗଠନ ସହ ବିଭିନ୍ନ କୃଷକ ସଂଘର କର୍ମକର୍ତ୍ତା ତଥା ହଜାର ହଜାର ଚାଷୀ ଏହି ସମାବେଶରେ ଯୋଗଦେଇ ନାରାବାଜି କରିଛନ୍ତି। ସ୍ଥାନୀୟ ରୟାଲ ପଡ଼ିଆଠାରେ ଅନୁଷ୍ଠିତ ସମାବେଶରେ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଚାଷୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଦୀପ ପ୍ରଧାନ, ଅର୍ପଣ ନାୟକ, ମହମ୍ମଦ ମନୋହର ଅଲ୍ଲୀ, ଦେବାଶିଷ ଦାଶ, ବୈକୁଣ୍ଠ ଶତପଥୀ, ରାଜେନ୍ଦ୍ର ମିଶ୍ରଙ୍କ ସମେତ ଦିଲ୍ଲୀରୁ ଶିବାଙ୍ଗ ଯାଦବ, ରାହୁଲ ଶୁକ୍ଲା ଅଙ୍କିତ ଯାଦବ, ଅରୁଣ କାଶ୍ୟପ ପ୍ରମୁଖ ଛାତ୍ର ନେତା ସମାବେଶରେ ଯୋଗ ଦେଇଥିଲେ।










Government of Odisha
ଆମ ଓଡ଼ିଶା ନବୀନ ଓଡ଼ିଶା




# ଭୁବନେଶ୍ୱର ଓ କଟକରେ 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ

ଭୁବନେଶ୍ୱର ଓ କଟକର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ପାଣ୍ଡିଆନ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ, ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟ, ଶୈଳବାଳା ମହିଳା ମହାବିଦ୍ୟାଳୟ ଏବଂ ଭୁବନେଶ୍ୱରର ଏକାମ୍ର ମହାବିଦ୍ୟାଳୟ, କମଳା ନେହେରୁ ମହିଳା ମହାବିଦ୍ୟାଳୟ, ମହର୍ଷି କଲେଜ ଅଫ୍ ନେଚୁରାଲ ଲ' ଓ ରାଜଧାନୀ ମହାବିଦ୍ୟାଳୟରେ ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି । କଟକରେ ସମୁଦାୟ ୮୬୧୧ ଓ ଭୁବନେଶ୍ୱରରେ ୫୩୫୮ ଜଣ ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୮.୧୩ କୋଟି ଓ ୫.୨୬ କୋଟି ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ।

## 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ'

'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଶ୍ରୀ ପାଣ୍ଡିଆନ ଏହି ଅବସରରେ ସୂଚନା ଦେଇଛନ୍ତି । ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରାଯିବ । ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ । ଯାହା ଯୁବକଙ୍କୁ ଶୈକ୍ଷିକ ଶିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ । ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ । ଶାରୀରିକ ଏବଂ ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ । ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ।

## ଅଗଷ୍ଟ ୧୫ରେ ମ୍ୟାଜିକ୍ କାର୍ଡ଼ ବଣ୍ଟନ

ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ପଞ୍ଜୀକରଣ ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହୋଇଛି । ଆସନ୍ତା ଅଗଷ୍ଟ ୧୫ ତାରିଖ ଦିନ ବଣ୍ଟନ କରାଯିବ । ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଓ ନୂଆ- ଓ ଛାତ୍ରବୃତ୍ତି ନୂଆ ଓଡ଼ିଶା ଗଠନର ସ୍ୱପ୍ନ ହାସଲରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ଏହି ବାର୍ତ୍ତା ପ୍ରଦାନ କରି ଆସୁଛନ୍ତି ।

## ମ୍ୟାଜିକ କାର୍ଡ଼ରେ ବିବିଧ ସୁବିଧା

ମ୍ୟାଜିକ କାର୍ଡ ମାଧ୍ୟମରେ ବସ୍, ଟ୍ରେନ, ବିମାନରେ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ, ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂରାଜୀ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିଅମ୍‌ରେ ପ୍ରବେଶ, ଜର୍ନାଲ୍ ଏବଂ ସେମିନାରଗୁଡିକର ପ୍ରବେଶ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇ ପାରିବେ ।

## ଛାତ୍ରଙ୍କୁ ୯ ହଜାର, ଛାତ୍ରୀଙ୍କୁ ୧୦ହଜାର

ଉଚ୍ଚଶିକ୍ଷାର ରୁପାନ୍ତରଣ ସହ ମାନବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନୂତନ ଭାବେ 'ନୂଆ-ଓ ଛାତ୍ରବୃତ୍ତି' ଯୋଜନା ରାଜ୍ୟ ସରକାର ଆରମ୍ଭ କରିଛନ୍ତି । ଏହି ଯୋଜନାରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରାଯିବ । ସେହିପରି ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅମାନଙ୍କୁ ବାର୍ଷିକ ୧୦ହଜାର ଏବଂ ଝିଅ ମାନଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯିବ ।

## ବ୍ୟାଙ୍କ ଆକାଉଣ୍ଟରେ ବୃତ୍ତି ରାଶି ଜମା

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଏହି ବୃତ୍ତିରାଶି ପାଇବେ । ଏହାସହ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାମସ୍ ପୋର୍ଟାଲ ମାଧ୍ୟମରେ ନାମଲେଖାଉଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବୃତ୍ତିରାଶି ପ୍ରଦାନ କରାଯିବ । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଇବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ।









# ରଣଜୀ ଟ୍ରଫି ଫାଇନାଲ: ମୁମ୍ବାଇ ୨୨୪ରେ ଅଲ୍‌ଆଉଟ୍

**ମୁମ୍ବାଇ,୧୦ ।୩(ଏଜେନ୍ସି)**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ଓ ବିଦର୍ଭ ମଧ୍ୟରେ ରବିବାରଠାରୁ ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍ ଆରମ୍ଭ ହୋଇଛି । ଟସ୍ ଜିତି ବିଦର୍ଭ ଅଧିନାୟକ ଅକ୍ଷୟ ୱାଦକର ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ରଣଜୀ ଟ୍ରଫିର ସଫଳତମ ଦଳ ମୁମ୍ବାଇ ପ୍ରଥମ ପାଳି ଆରମ୍ଭ କରି ଆଶାଅନୁରୂପ ପ୍ରଦର୍ଶନ କରି ନପାରି ୬୪.୩ ଓଭରରେ ୨୨୪ ରନକରି ଅଲଆଉଟ ହୋଇଥିଲା । ଦଳ ତରଫରୁ କେବଳ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ଅର୍ଦ୍ଧଶତକୀୟ ପାଳି (୭୫ ରନ) ଖେଳିଥିଲେ । ଓପନର ପୃଥ୍ୱୀ ଶ ୪୬ ଓ ଭୁପେନ ଲାଲୱାନୀ ୩୭ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ । ଏହି କ୍ରମରେ ଅଣ୍ଡର ନାଇଣ୍ଟିନ ତାରକା ମୁସିର ଖାନ୍ ୬, ଅଧିନାୟକ ଆଜିଙ୍କ୍ୟ ରାହାଣେ ୭, ଶ୍ରେୟାସ ଆୟର ୭, ୱିକେଟ ରକ୍ଷକବ୍ୟାଟର ହାର୍ଦ୍ଦିକ ତାମୋର ୫, ସାମ୍ସ ମୁଲାନୀ ୧୩, ତନୁଷ କୋଟିଆନ୍ ୮, ତୁଷାର ଦେଶପାଣ୍ଡେ ୧୪ ରନକରି ଆଉଟ ହୋଇଥିବା ବେଳେ ଧବଳ କୁଲକର୍ଣ୍ଣୀ ବିନା ସ୍କୋରରେ ଅପରାଜିତ ରହିଥିଲେ । ବୋଲିଂରେ ବିଦର୍ଭ ତରଫରୁ ହର୍ଷ ଦୁବେ ଓ ୟଶ ଠାକୁର ୩ଟି ଲେଖାଏ, ଉମେଶ ଯାଦବ ୨, ଆଦିତ୍ୟ ଠାକ୍‌ରେ ଗୋଟିଏ ୱିକେଟ ନେଇଥିଲେ ।



### ବିଦର୍ଭର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ

ଜବାବରେ ପ୍ରଥମ ପାଳି ଆରମ୍ଭ କରି ବିଦର୍ଭ ରବିବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୧୩ ଓଭରରେ ୩ ୱିକେଟ ହରାଇ ୩୧ ରନ ସଂଗ୍ରହ କରିଛି । ଫଳରେ ୭ ୱିକେଟ ବାକି ଥାଇ ବିଦର୍ଭ ଏବେ ୧୯୩ ରନ ପଛରେ ପଡିଛି । ପ୍ରଥମ ଦିନ ଖେଳଶେଷ ସୁଦ୍ଧା ଓପନର ଅଥର୍ବ ତାଇଡେ ୨୧ ଓ ଆଦିତ୍ୟ ଠାକ୍‌ରେ ବିନା ସ୍କୋରରେ ଅପରାଜିତ ରହିଛନ୍ତି । ଦଳ ୨୪ ରନରେ ୩ ୱିକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଅନ୍ୟତମ ପ୍ରାରମ୍ଭିକ ବ୍ୟାଟର ଧ୍ରୁବ ଶୋରେ ଓ ଅଭିଜ୍ଞ କରୁନ ନାୟର ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ । ଅମନ ମୋଖାଡେ ୮ ରନକରି ଆଉଟ ହୋଇଥିଲେ । ମୁମ୍ବାଇ ତରଫରୁ ବୋଲିଂରେ ଧବଳ କୁଲକର୍ଣ୍ଣୀ ୨ ଓ ଶାର୍ଦ୍ଦୁଳ ଠାକୁର ଗୋଟିଏ ୱିକେଟ ନେଇଥିଲେ ।

# ବିଜୟଠାରୁ ୨୦୨ ରନ ଦୂରରେ ଅଷ୍ଟ୍ରେଲିଆ

**ଖ୍ରୀଷ୍ଟଚର୍ଚ୍ଚ,୧୦ ।୩(ଏଜେନ୍ସି):** ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ବିଜୟ ସମ୍ଭାବନା ସୃଷ୍ଟି କରିଛି । ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୪୫.୨ ଓଭରରେ ୧୬୨ ରନ କରି ଅଲଆଉଟ ହୋଇଥିଲା । ଜବାବରେ ଅଷ୍ଟ୍ରେଲିଆ ୬୮ ଓଭରରେ ୨୫୬ ରନ କରି ଅଲଆଉଟ ହେବା ସହ ୯୪ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା । ଏହାପରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ପାଳିରେ ୧୦୮.୨ ଓଭରରେ ୩୭୨ ରନକରି ଅଲଆଉଟ ହୋଇଥିଲା । ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ୨୭୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ଅଷ୍ଟ୍ରେଲିଆ ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୪ ଓଭରରେ ୪ ୱିକେଟ ହରାଇ ୭୭ ରନ ସଂଗ୍ରହ କରିଛି । ମ୍ୟାଚ୍ ଆଉ ଦୁଇ ଦିନ ବାକିଥିବା ବେଳେ ୬ ୱିକେଟ ବାକିଥାଇ ଅଷ୍ଟ୍ରେଲିଆ ଏବେ ବିଜୟ ପାଇଁ ଆଉ ୨୦୨ ରନ ଆବଶ୍ୟକ କରୁଛି । ଷ୍ଟମ୍ପ ଅପସାରଣ ବେଳକୁ ଟ୍ରାଭିସ ହେଡ୍ ୧୭ ଓ ମିଚେଲ ମାର୍ଶ ୨୭ ରନକରି ଅପରାଜିତ ରହିଛନ୍ତି । ଓପନର ଷ୍ଟିଭ୍ ସ୍ମିଥ୍ ୯, ଉସ୍‌ମାନ ଖୱାଜା ୧୧ ରନକରି ମ୍ୟାଟ ହେନେରୀ ଏବଂ ମାର୍ନସ ଲାବୁସେନ ୬, କାମରେନ ଗ୍ରୀନ୍ ୫ ରନକରି ବେନ୍ ସିୟର୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ । ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୧୩୪/୨ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ରବିବାର ଅଲଆଉଟ ହୋଇଥିଲା ।

# ବିବିସିଏକୁ ହରାଇଲା ରାମେଶ୍ୱର

**ଭୁବନେଶ୍ୱର, ୧୦ ।୩ (ସମିସ):** ନୟାପଲ୍ଲୀସ୍ଥିତ ଲାଇଭ ଲିଜେଣ୍ଡ କ୍ରିକେଟ୍ କ୍ଲବ (ଏଲ୍‌ଏଲସିସି) ଆନୁକୂଲ୍ୟରେ ରବିବାରଠାରୁ ଆରମ୍ଭ ହୋଇଥିବା ୩ୟ ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛି । ଉଦଘାଟନୀ ମୁକାବିଲାରେ ରାମେଶ୍ୱର ସ୍ପୋର୍ଟିଂ ୬ ୱିକେଟରେ ଭାରତୀ ଭୂଷଣ କ୍ରିକେଟ୍ କ୍ଲବ (ବିବିସିଏ)କୁ ପରାସ୍ତ କରିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ବିବିସିଏ ମୃତ୍ୟୁଞ୍ଜୟ ରାୟଙ୍କ ଶତକ ବଳରେ ୩୫ ଓଭରରେ ୪ ୱିକେଟ୍ ହରାଇ ୨୨୭ ରନ କରିଥିଲା । ମୃତ୍ୟୁଞ୍ଜୟ ତାଙ୍କ ୧୧୫ ବଲ୍ ପାଳିରେ ୨୫ଟି ଚୌକା ସହାୟତାରେ ୧୦୭ ରନ କରିଥିଲେ । ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୩୦.୨ ଓଭରରେ ୪ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଥିଲା । ଦଳ ପକ୍ଷରୁ ଓପନର୍ ଆର୍ଯ୍ୟ ଅଂଶୁମାନ ୧୦୪ ବଲରୁ ସର୍ବାଧିକ ୧୧୫ ରନର ଶତକୀୟ ପାଳି ଖେଳିଥିଲେ । ବିବିସିଏର ସାଇ ଶଙ୍କର ସେଠୀ ୨ ଓ ମୃତ୍ୟୁଞ୍ଜୟ ଗୋଟିଏ ୱିକେଟ ପାଇଥିଲେ । ପୂର୍ବରୁ ଏହି ପ୍ରତିଯୋଗିତାକୁ ଭୁବନେଶ୍ୱର ଦୌଡ଼କୁଦ ସଂଘ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ ରଣଜୀ ଅଧିନାୟକ ତଥା ପ୍ରଶିକ୍ଷକ ରଶ୍ମିରଞ୍ଜନ ପରିଡ଼ା, ୱାର୍ଡ ୨୫ରୁ କର୍ପୋରେଟର ମାନସୀରାଣୀ ସୁନ୍ଦରରାୟ, ୱାର୍ଡ ୨୭ର କର୍ପୋରେଟର ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

- ତୃତୀୟ ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ କ୍ରିକେଟ୍
- ମୃତ୍ୟୁଞ୍ଜୟ ଓ ଆର୍ଯ୍ୟ ଅଂଶୁମାନଙ୍କ ଶତକ



ମୃତ୍ୟୁଞ୍ଜୟ ରାୟ

# ଗ୍ରିନ୍ସ କ୍ରିକେଟ୍ ସଂଘର ଟର୍ଫ ପିଚ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୦ ।୩ (ସମିସ):** ଭୁବନେଶ୍ୱର ଅଗ୍ରଣୀ କ୍ରିକେଟ ଅନୁଷ୍ଠାନ ଗ୍ରିନ୍ସ କ୍ରିକେଟ୍ ଆସୋସିଏସନର ନୂତନ ଟର୍ଫ ପିଚ୍ ରବିବାର ଗାଡ଼କଣ ଖେଳ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି । ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅବସରରେ ବିଧାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କ୍ରୀଡାକୁ ବହୁତ ଗୁରୁତ୍ୱ ଦେଉଛନ୍ତି । କ୍ରୀଡ଼ାର ବିକାଶ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ଆଗାମୀ ଦିନରେ ଗାଡ଼କଣ ପଡିଆର ବିକାଶ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।' ସେହିପରି ଅନ୍ୟତମ ଅତିଥି ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା, କର୍ପୋରେଟର ସୁଷମା ସାହୁ, ଗାଡକଣ ଗାଁ କମିଟିର ସଭାପତି କିଶୋର କୁମାର ଜେନା ଉପସ୍ଥିତ ଥିଲେ ।

● ଜାତୀୟ କନିଷ୍ଠ ଦୌଡ଼କୁଦ ଚାମ୍ପିଅନସିପ୍

# ଦଣ୍ଡପତି, ବାପି, ସିଦ୍ଧାର୍ଥଙ୍କୁ ସ୍ୱର୍ଣ୍ଣିମ ସଫଳତା

**ଭୁବନେଶ୍ୱର, ୧୦ ।୩ (ସମିସ)**

ଲକ୍ଷ୍ନୌରେ ଉଦ୍‌ଯାପିତ ହୋଇଥିବା ଜାତୀୟ କନିଷ୍ଠ (୨୦ ବର୍ଷରୁ କମ୍) ଦୌଡ଼କୁଦ ଚାମ୍ପିଅନସିପ୍‌ର ୨୨ତମ ସଂସ୍କରଣରେ ଓଡ଼ିଶାର ଦଣ୍ଡପତି ଜୟରାମ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । କିଟ୍‌ରେ ଅଧ୍ୟୟନ କରୁଥିବା ଦଣ୍ଡପତି ୧୦୦ ଓ ୨୦୦ ମିଟରରେ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିଭଳି କିଟ୍‌ର ଅନ୍ୟତମ ଛାତ୍ର ମହେନ୍ଦ୍ର ସାନ୍ତା ୧୦୦ ମିଟର ରେସରେ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି । ପୁରୁଷ ସଟ୍‌ପୁଟ୍‌ରେ ସିଦ୍ଧାର୍ଥ ଚୌଧୁରୀ ଓ ୪୦୦ ମିଟର ରେସରେ ବାପି ହାଁସଦା ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି । ଏହାବାଦ୍ ମହିଳା ୧୦୦ ମିଟର ହର୍ଡଲ୍ସରେ ସବିତା ଟପ୍ପୋ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି । ଏଥିସହ ସମସ୍ତ ଖେଳାଳି ଦୁବାଇରେ ଏପ୍ରିଲ ୨୪ରୁ ଆରମ୍ଭ ହେବାକୁ ଥିବା ୨୦ ବର୍ଷରୁ କମ୍ ଏସୀୟ ଦୌଡ଼କୁଦ ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଦଣ୍ଡପତି ଓ ମହେନ୍ଦ୍ରଙ୍କ ସମେତ ସିଦ୍ଧାର୍ଥ ଓ ସବିତା ବର୍ତ୍ତମାନ କିଟ୍‌ରେ ଅଧ୍ୟୟନ କରୁଥିବାବେଳେ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି । ବାପି ମଧ୍ୟ ରିଲାଏନ୍ସ ଏଚ୍‌ପିସିର ପ୍ରଶିକ୍ଷାର୍ଥୀ ।










PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA